

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୭ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 FEBRUARY 2025

Vol.No. 36 ■ No.46 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନୂଆଦିଲ୍ଲୀ ରେଳ ଷ୍ଟେସନରେ ଅଘଟଣ: ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା: ୧୮ ମୃତ

- ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ରେଳମନ୍ତ୍ରୀ: ଭିଡ ନିୟନ୍ତ୍ରଣ ପାଇଁ ଗଡିଲା ସ୍ପେଶାଲ ଟ୍ରେନ
- ଘୋଷଣା ହେଲା ଆର୍ଥିକ ସହାୟତା: ମୃତକଙ୍କ ପରିବାରକୁ ମିଳିବ ୧୦ ଲକ୍ଷ




ନୂଆଦିଲ୍ଲୀ: ନୂଆଦିଲ୍ଲୀ ରେଳ ଷ୍ଟେସନରେ ବଡ଼ ଅଘଟଣ । ପ୍ରୟାଗରାଜ ମହାକୁମ୍ଭକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା । ପ୍ରବଳ ଭିଡ଼ ଯୋଗୁଁ ଦଳଚକଟା ହୋଇଛି । ଏଥିରେ ୧୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣା ଶନିବାର ରାତି ପ୍ରାୟ ୧୦ଟାରେ ହୋଇଛି । ପ୍ରୟାଗରାଜକୁ ଟ୍ରେନ୍ ଛାଡ଼ିବା ନେଇ ଘୋଷଣା ହେବା ପରେ ୧୩ ଓ ୧୪ ନଂ ପ୍ଲାଟଫର୍ମରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଧାଁ ଦୌଡ଼ ହୋଇଥିଲା । ଏହି ସମୟରେ ଦଳାଚକଟାରେ ୧୮ଜଣଙ୍କ ଜୀବନ ଯାଇଛି । ସୂଚନା ଅନୁଯାୟୀ, ଶନିବାର ରାତିରେ ମହାକୁମ୍ଭ ଯିବା ପାଇଁ ଶ୍ରଦ୍ଧାଳୁମାନେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଅପେକ୍ଷା କରିଥିଲେ । ପ୍ରୟାଗରାଜ ଯିବାକୁ ଥିବା ଦୁଇଟି ଟ୍ରେନ୍ ବିଳମ୍ବ ହେବାରୁ ଯାତ୍ରୀମାନଙ୍କ ସଂଖ୍ୟା ଅତ୍ୟଧିକ ବଢ଼ିଯାଇଥିଲା । ଫଳରେ ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ଅସମ୍ଭାଳ ଭିଡ଼ ହୋଇଥିଲା । ରାତି ପ୍ରାୟ ୧୦ ବେଳେ ଟ୍ରେନ୍ ପ୍ରୟାଗରାଜ ଯିବା ନେଇ ଘୋଷଣା ହେବା ପରେ ଟ୍ରେନ୍ ଧରିବାକୁ ଲୋକଙ୍କ ମଧ୍ୟରେ ଧାଁ ଦୌଡ଼ ହୋଇଥିଲା । ଫଳରେ ଅସମ୍ଭାଳ ଭିଡ଼ି ଯୋଗୁଁ ଦଳାଚକଟା ହୋଇଥିଲା । ଏହି ଅଘଟଣରେ ୧୮ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି। ଆରପିଏଫ, ଏନ୍‌ଡିଆରଏଫ୍ ଓ ଦିଲ୍ଲୀ ପୋଲିସ ତୁରନ୍ତ ରେସକ୍ୟୁ ଅପରେସନ ଆରମ୍ଭ କରିଥିଲେ । ଭିଡ଼ରେ ଅଣନିଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିବା ଲୋକଙ୍କୁ ତୁରନ୍ତ ହସ୍ପିଟାଲ ଯାଇଥିଲା । ତେବେ ବିନା ଟିକେଟରେ ଏତେ ସଂଖ୍ୟକ ଲୋକ ଷ୍ଟେସନ ଭିତରକୁ କେମିତି ▶▶ପୃଷ୍ଠା ୭

# ବିଜେପିର ମେଗା ପ୍ଲାନ୍: କେନ୍ଦ୍ର ଏବଂ ରାଜ୍ୟ ବଜେଟକୁ ନେଇ ଲୋକଙ୍କ ପାଖକୁ ଯିବେ ମନ୍ତ୍ରୀ ଏବଂ ବିଧାୟକ



ଭୁବନେଶ୍ୱର, ୧୬/୨(ନି.ପ୍ର) : ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପିର ବଡ଼ ମାଷ୍ଟର ପ୍ଲାନ୍ । ଡବଲ୍ ଇଞ୍ଜିନ ସରକାରର ଫାଇଦା ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଂଗଠନ ବୃଦ୍ଧି କରିବା ପାଇଁ ବଡ଼ ପ୍ଲାନ୍ କରିଛି ଶାସକ ଦଳ । ମନ୍ତ୍ରୀ ଏବଂ ବିଧାୟକମାନେ କେନ୍ଦ୍ର ଏବଂ ରାଜ୍ୟ ବଜେଟକୁ ନେଇ ଲୋକଙ୍କ ପାଖକୁ ଯିବେ । ଜିଲ୍ଲାସ୍ତରରେ ସାମ୍ବାଦିକ ସମ୍ମିଳନୀ କରାଯିବ । ଘରେ ଘରେ ପହଞ୍ଚିବେ କର୍ମୀ । ଅପରପକ୍ଷେ ଚଳିତ ମାସ ସୁଦ୍ଧା ସମସ୍ତ ବୋର୍ଡ ଓ ନିଗମରେ ଅଧ୍ୟକ୍ଷ ନିଯୁକ୍ତକରି ସରକାରୀ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିପାଇଁ ଶୁକ୍ରବାର ଅନୁଷ୍ଠିତ ଦଳର କୋର୍ କମିଟି ବୈଠକରେ ଗୁରୁତ୍ୱ ଦିଆଯାଇଛି । ବିଜେପି ଡବଲ୍ ଇଞ୍ଜିନ ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇ ସଂଗଠନ ବଢାଇବାକୁ ଆକ୍ସନ୍ ପ୍ଲାନ୍ କରିଛି । ଉଭୟ ମୋଦି ସରକାର ଓ ମୋହନ ସରକାରଙ୍କ ବଜେଟକୁ ନେଇ ଲୋକଙ୍କ ପାଖକୁ ଯିବେ ମନ୍ତ୍ରୀ ଏବଂ ବିଧାୟକ । ଶୁକ୍ରବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିଥିବା ବୈଠକରେ ଏମିତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି । ▶▶ପୃଷ୍ଠା ୭

# ବହିଷ୍କାରର କାରଣ ଏଯାଏ ଜାଣିପାରିନି: ସୌମ୍ୟରଞ୍ଜନ



ଭୁବନେଶ୍ୱର, ୧୬/୨(ନି.ପ୍ର) : ନିକଟରେ ପିସିସି ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଭକ୍ତ ଚରଣ ଦାସ। କୌଣସି କାରଣରୁ ଦଳ ଛାଡିଥିବା ତଥା ବହିଷ୍କୃତ ହୋଇଥିବା ସମସ୍ତଙ୍କୁ ବିନା ସର୍ତ୍ତରେ ଦଳରେ ସାମିଲ କରାଯିବା ନେଇ ଘୋଷଣା କରିବା ପରେ ଜଣଙ୍କ ପରେ ଜଣେ ପୁରୁଣା ନେତା ଫେରିବାରେ ଲାଗିଛନ୍ତି। ଶନିବାର ବରିଷ୍ଠ କଂଗ୍ରେସ ନେତ ସୁରେଶ କୁମାର ରାଉତରାୟ ଦଳକୁ ଫେରିଥିବା ବେଳେ ଫେରିବା ଉପରେ ପ୍ରତିକ୍ରିୟା ରଖିଛନ୍ତି ସୌମ୍ୟରଞ୍ଜନ ପଟ୍ଟନାୟକ। ନୂଆ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସର୍ବକ୍ଷମା ଘୋଷଣା ପରେ ଦଳକୁ ବାହୁଡୁଛନ୍ତି ନେତା। ସୌମ୍ୟରଞ୍ଜନ ପଟ୍ଟନାୟକ ବି କଂଗ୍ରେସକୁ ଫେରିବେ କି ପ୍ରଶ୍ନରେ ସେ କହିଛନ୍ତି, ୧୨ ବର୍ଷ ତଳେ ଦଳ ମୋତେ ବହିଷ୍କାର କରିଥିଲା। ତେବେ ବହିଷ୍କାର ପଛର କାରଣ ଆଜିଯାଏଁ ଖୋଜି ପାଉନି ବୋଲି କହିଛନ୍ତି ସୌମ୍ୟରଞ୍ଜନ। ଏକ ସର୍ବପୁରାତନ ଦଳ, କିନ୍ତୁ ଏବେ ଏହାର ଅବସ୍ଥା ଭଲ ନାହିଁ। ରାଜନୈତିକ ବ୍ୟବସ୍ଥାରେ ଦଳ ଯଦି ଭୂମିକା ନିର୍ବାହ ନକରେ ତାର ମୂଲ୍ୟ ନାହିଁ। କଂଗ୍ରେସ ଏଯାବତ ସେ ଭୂମିକା ନିର୍ବାହ କରିପାରିନି ବୋଲି କହିଛନ୍ତି ସୌମ୍ୟ। ଏହା ସହ ସେ କହିଛନ୍ତି ମୁଁ ଆଦୌ କଂଗ୍ରେସର ପୁରୁଖା ନେତା ନ ଥିଲି। ▶▶ପୃଷ୍ଠା ୭

# ବିଟ୍ ରାସ୍ତାରେ ସହଦେବ ନାୟକଙ୍କୁ ହତ୍ୟା ମାମଲା: ଆତ୍ମସମର୍ପଣ କଲା ମୁଖ୍ୟ ଅଭିଯୁକ୍ତ ନିଶାରାଣୀ ରମା

ଭୁବନେଶ୍ୱର, ୧୬/୨(ନି.ପ୍ର) : ଭୁବନେଶ୍ୱରରେ ବିଟ୍ ରାସ୍ତାରେ ସହଦେବ ନାୟକଙ୍କୁ ହତ୍ୟା ଘଟଣାରେ ନେଇ ଆସିଲା ବଡ଼ ଖବର । ମୁଖ୍ୟ ଅଭିଯୁକ୍ତ ରମା ନାୟକ ଆତ୍ମସମର୍ପଣ କରିଛି। ମଞ୍ଚେଶ୍ୱର ଥାନାରେ ଆତ୍ମସମର୍ପଣ କଲା ରମା । ଘଟଣା ପରଠାରୁ ଫେରାର ଥିଲା, ଖୋଜୁଥିଲା ପୋଲିସ । ସହଦେବ ହତ୍ୟାକାଣ୍ଡର ଲେଡି ମାଷ୍ଟରମାଇଣ୍ଡ ରମା ନାୟକ । କେଦାରପଲ୍ଲୀ ବସ୍ତିର ରମାକୁ କିଏ କହୁଥିଲା, ଲେଡି ଡନ୍ ତ ଆଉ କିଏ ଡାକୁଥିଲା ନିଶାରାଣୀ। ଏହି କୁଖ୍ୟାତ ପାଉଡର୍ ବେପାରୀ ୪ ଥର ଜେଲ୍ ଯାଇଛି। ଦୀର୍ଘଦିନ ହେଲା ପଶ୍ଚିମବଙ୍ଗର ନିଶା ମାଫିଆଙ୍କଠୁ ବ୍ରାଉନସୁଗାର୍ ଆଣି ରାଜଧାନୀରେ ସପ୍ଲାଏ କରିଆସୁଥିଲା ୪୫ ବର୍ଷିୟା ରମା। ସେହି ବ୍ରାଉନସୁଗାର ବେପାରରୁ ଉପୁଜିଥିବା ଶତ୍ରୁତାରୁ ମୁଣ୍ଡ ଗଡ଼ିଥିଲା ସହଦେବଙ୍କର। ତା'ପରଠୁ ମିଳୁନଥିଲା ରମା ସହ ନିଲୁ ନାୟକ ଏବଂ ସୁଶୀଲର ପତ୍ତା। ୨୦୨୫, ୮ ଜାନୁୟାରୀ, ମଙ୍ଗଳବାର। ସ୍ଥାନ ରସୁଲଗଡ଼-ବାଣୀବିହାର ଓଭରବ୍ରିଜ୍। ଦିନ ବେଳେ ଲୋକଙ୍କ ଆଖି ସାମ୍ନାରେ ବୀଭତ୍ସ ଭାବେ ସହଦେବ ନାଏକଙ୍କୁ କରାଯାଇଥିଲା ହତ୍ୟା। ହତ୍ୟାକାଣ୍ଡର ରୂପରେଖ ସଂପର୍କରେ ପୋଲିସ ଆଗରେ ସବୁ ବଖାଣିଥିଲା ଅନ୍ୟତମ ଡ୍ରଗ୍ସ କୁଇନ୍ ଲିପିକା ନାଏକ। ନିଜକୁ ପୁରୁଷ ବେଶରେ ସଜାଇଥିଲା, ଆଉ ସହଯୋଗୀଙ୍କ ସହ ମିଶି ସହଦେବଙ୍କୁ ଖଣ୍ଡାରେ ହାଣି ମୁଣ୍ଡ-ଗଣ୍ଡି ଅଲଗା କରିବା ପରେ ହାତ ହତିଆର୍ ଧରି ବାଇକରେ ଖସି ପଳାଇଥିଲା। ତା'ହେଲେ ସହଦେବଙ୍କ ଶତ୍ରୁ ସଂଖ୍ୟା କେତେ ? କାହିଁକି କରାଯାଇଥିଲା ହତ୍ୟା ? ▶▶ପୃଷ୍ଠା ୭

# ଆଜି ଆସିବ ରାଜ୍ୟ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର, ୧୬/୨(ନି.ପ୍ର) : ଆସନ୍ତାକାଲି ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଆସିବ ରାଜ୍ୟ ବଜେଟ। ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୋହନ ସରକାରଙ୍କର ଏହା ଦ୍ୱିତୀୟ ବଜେଟ ହୋଇଥିବା ବେଳେ ଏଥିରେ କଣ ଫୋକସରେ ରହିବ ତାହା ଉପରେ ସାରା ରାଜ୍ୟ ନଜର ରଖିଛି। ବଡ଼କଥା ହେଉଛି ଚଳିତ ବର୍ଷ ବଜେଟର ଆକାର ୩ ଲକ୍ଷ କୋଟି ଛୁଇଁବା ସମ୍ଭାବନା ରହିଛି । ୩ ଲକ୍ଷ କୋଟିକୁ ଛୁଇଁବ ରାଜ୍ୟ ବଜେଟ। ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୋହନ ସରକାରଙ୍କ ଦ୍ୱିତୀୟ ବଜେଟ। ଗତ ଆର୍ଥିକ ବର୍ଷରେ ବଜେଟର ଆକାର ଥିଲା ୨.୬୫ ଲକ୍ଷ କୋଟି ଟଙ୍କା। ଚଳିତ ବଜେଟର ଆକାର ପ୍ରାୟ ୩୦ ହଜାର କୋଟି ଟଙ୍କା ବୃଦ୍ଧି ପାଇବା ସମ୍ଭାବନା। ଫଳରେ ୩ ଲକ୍ଷ କୋଟି ବ୍ୟୟ ବରାଦ ଛୁଇଁ ପାରେ ଏଥରର ରାଜ୍ୟ ବଜେଟ। ତେବେ କଣ ରହିବ ଫୋକସରେ। ୧- ନିଯୁକ୍ତି ଓ ଉତ୍ପାଦନ ଉପରେ ଦିଆଯାଇପାରେ ଗୁରୁତ୍ୱ। ୨- ଗାଁ'ରେ ଆର୍ଥିକ ସ୍ରୋତ ସୃଷ୍ଟି କରିବାକୁ ସରକାର ଆଣିପାରନ୍ତି ନୂଆ ଯୋଜନା। ୩- ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା ଉପରେ ଦେଇପାରନ୍ତି ଗୁରୁତ୍ୱ ୪- ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ▶▶ପୃଷ୍ଠା ୭

# ଭାରତରେ ପହଂଚିଲା ଆମେରିକାରେ ବେଆଇନ ଭାବେ ରହୁଥିବା ଅପ୍ରବାସୀଙ୍କ ଦ୍ୱିତୀୟ ବିମାନ

ଚଣ୍ଡିଗଡ, ୧୬/୨ (ନି.ପ୍ର): ଆମେରିକାରେ ବେଆଇନ ଭାବେ ରହୁଥିବା ଅପ୍ରବାସୀ ଭାରତୀୟଙ୍କୁ ନେଇ ଶନିବାର ବିଳମ୍ବିତ ରାତିରେ ଆମେରିକାର ସେନାର ଦ୍ୱିତୀୟ ବିମାନ ଅମୃତସର ପହଂଚିଛି । ବେଆଇନ ଭାବେ ରହୁଥିବା ଅଣବାସିନ୍ଦା ଭାରତୀୟଙ୍କୁ ଭାରତ ଆଗମନ ସମ୍ପର୍କରେ କୌଣସି ସରକାରୀ ସୂଚନା ଦିଆଯାଇନାହିଁ। କୁହାଯାଉଛି ଯେ ଆମେରିକା ସେନାର ବିମାନରୁ ଏଥର ୧୧୬ ଭାରତୀୟ ନାଗରିକଙ୍କୁ ଭାରତ ଅଣାଯାଇଛି। ▶▶ପୃଷ୍ଠା ୭

# ସାହିତ୍ୟ ହିଁ ସମାଜକୁ ଦିଗଦର୍ଶନ ଦେଇଥାଏ: କାଳଜୟୀ ସାହିତ୍ୟ ସମାଜ ବ୍ୟବସ୍ଥାକୁ ବଦଳାଇ ଦେଇପାରେ

## 'ପରାଗ' ସାହିତ୍ୟ ସଂସଦର ୪୩ ତମ ବାର୍ଷିକ ଉତ୍ସବ



ଆଳି, ୧୬/୨ (ନି.ପ୍ର): ସାହିତ୍ୟ ହିଁ ସମାଜକୁ ଦିଗଦର୍ଶନ ଦେଇ ଥାଏ। ଆଉ କାଳଜୟୀ ସାହିତ୍ୟ ସମାଜ ବ୍ୟବସ୍ଥା କୁ ସଂପୁର୍ଣ୍ଣ ବଦଳେଇ ପାରେ ବୋଲି 'ପରାଗ' ସାହିତ୍ୟ ସଂସଦର ୪୩ ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବରେ ଲବ୍ଧ ପ୍ରତିଷ୍ଠ ବକ୍ତା ମାନେ ଏହା ପ୍ରକାଶ କରିଛନ୍ତି। ରବିବାର ଦିନ ପୂର୍ବାହ୍ନରେ ଆଳି ବ୍ଲକ ଅନ୍ତର୍ଗତ ମେଣ୍ଢପୁର ଗ୍ରାମ ପଞ୍ଚାୟତ ଅଧୀନ ମେଣ୍ଢପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲାକ୍ଷ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ କବି ସ୍ତମ୍ଭକାର ନିରାକାର ଦାସ କହିଲେ ଯେ ସାହିତ୍ୟ ହିଁ ସମାଜକୁ ଠିକ୍ ଦିଗଦର୍ଶନ ଦେଇ ଥାଏ ଆଉ କାଳଜୟୀ ସାହିତ୍ୟ ସମାଜ ବ୍ୟବସ୍ଥା କୁ ସମ୍ପୂର୍ଣ୍ଣ ବଦଳେଇ ପାରେ ବୋଲି କହିଥିଲେ। ତେଣୁ ଲେଖକ ମାନେ ଲେଖନୀ ଚାଳନା କରି କାଳଜୟୀ ସାହିତ୍ୟ ରଚନା କରିବା ଉଚିତ୍। ଯେଉଁ ଥି ସମାଜ ଭଲଭାବରେ ଉପକୃତ ହୋଇପାରିବ।ମୁଖ୍ୟ ବକ୍ତା ଭାବରେ ଯୋଗଦେଇ 'ସାଗରିକା' ର ସଂପାଦିକା ସୈରିନ୍ଧ୍ରି ସାହୁ କହିଥିଲେ ଯେ ଆଜି ର ଯୁଗରେ ଆମେ ମାନେ କେବଳ ସାମାଜିକ ଗଣମାଧ୍ୟମ ଉପରେ ବେଶି ନିର୍ଭରଶୀଳ ହୋଇ ପଡିଛନ୍ତି। ଏତେ ଲୋକ କବିତା ଲେଖୁଥିଲେ ବି ଅନ୍ୟ ର ଲେଖା ଗୁଡିକୁ ଧୈର୍ଯ୍ୟର ସହ କେହି ପଢୁ ନାହାଁନ୍ତି। ଲେଖିବା ପାଇଁ ଆମର ଭିତିଭୂମି ଟାଣ ହେବା ଦରକାର। ଅଧିକ ନୁହେଁ, କମ୍ ଲେଖ ଭଲ,ଭଲ ଲେଖ ନୀତି ଆପଣେଇଥିବା ଲୋକ ହିଁ ପ୍ରତିଷ୍ଠା ଲାଭ କରେ। ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ କବି ତଥା ସୁବର୍ଣ୍ଣ ଶ୍ରୀ ପ୍ରକାଶନର ସତ୍ୱାଧିକାରୀ ଡଃ କାଳିପଦ ପଣ୍ଡା କହିଥିଲେ ଯେ ଲେଖକ ହିଁ ବିନା ସ୍ୱାର୍ଥ ରେ ସମାଜର ମଂଗଳ କାମନା କରେ। ପୃଥିବୀ ଏବେ ଏକ ଘଡିସନ୍ଧି ମୁହୁର୍ତ ଦେଇ ଗତି କରୁଛି। ଯନ୍ତ୍ର ଆଜି ମଣିଷ କୁ କବଳିତ କରି ସାରିଲାଣି।ଆଉ କିଛି ଦିନ ପରେ ହୁଏତ ମଣିଷ କୁ ଯନ୍ତ୍ର ପଙ୍ଗୁ କରିଦେବ। ତେଣୁ ସମୟ ଆସିଛି ଆମକୁ ସଚେତନ ହେବାକୁ ପଡ଼ିବ। ଲେଖନୀ କୁ ସୁଦୃଢ଼ କରିବାକୁ ପଡିବ।ସମାଜ କୁ ବଞ୍ଚେଇବାକୁ ପଡ଼ିବ ନହେଲେ ଆମକୁ ପରେ ପଶ୍ଚାତାପ କରିବାକୁ ପଡିପାରେ। ଯନ୍ତ୍ର ମାନବ ଯେମିତି ଆମକୁ ଶେଷ ନ କରେ। ▶▶ପୃଷ୍ଠା ୭

# ଆଜି ହେବ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା




ନୂଆଦିଲ୍ଲୀ, ୧୬/୨ : ଦିଲ୍ଲୀ ଗାଦିରେ କିଏ ବସିବ ଆସନ୍ତା କାଲି ସେ ନେଇ ହୋଇପାରେ ଚୂଡାନ୍ତ ନିଷ୍ପତ୍ତି । ନୂଆ ମୁଖ୍ୟମନ୍ତ୍ରୀ ଚୟନ ନେଇ ଆସନ୍ତା କାଲି ବିଜେପିର ବିଧାୟକ ଦଳ ବୈଠକ ଅପରାହ୍ନରେ ବସିବ । ଏଥିରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ କିଏ ହେବେ ନିଷ୍ପତ୍ତି ନିଆଯିବ। ସୂଚନା ମୁତାବକ, ଆସନ୍ତା ୧୮ କିମ୍ବା ୧୯ ତାରିଖରେ ରାମଲୀଲା ମୈଦାନରେ ଶପଥପାଠ କାର୍ଯ୍ୟକ୍ରମ ହେବ। ସୂଚନା ମୁତାବକ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ୪୮ ଜଣ ବିଧାୟକଙ୍କ ମଧ୍ୟରୁ ୧୫ଜଣଙ୍କ ନାଁ ତାଲିକାରେ ଥିଲା। ଏଥିରୁ ୯ଜଣଙ୍କ ନାଁ ସର୍ଟଲିଷ୍ଟ ହୋଇଛି । ଏହି ୯ଜଣଙ୍କ ମଧ୍ୟରୁ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ସେନେଇ କାଲି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ ବୋଲି କୁହାଯାଉଛି । ରେଖା ଗୁପ୍ତା, ପ୍ରବେଶ ଶର୍ମା, ମୋହନ ସିଂ ବିଷ୍ଟ, ବିଜେନ୍ଦ୍ର ଗୁପ୍ତା, ସତୀଶ ଉପାଧ୍ୟାୟ, ଆଶିଷ ସୁଦ, ଶିଖା ରାୟ ଓ ପବନ ଶର୍ମାଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି । ତେବେ ପ୍ରଧାନମନ୍ତ୍ରୀ ଓ ଅମିତ ଶାହ ମଧ୍ୟପ୍ରଦେଶ ଭଳି ଦିଲ୍ଲୀକୁ ମଧ୍ୟ କିଛି ସର୍ପରାଇଜ ଦେବେ ବୋଲି ଚର୍ଚ୍ଚା ହେଉଛି।

# ରଞ୍ଜନ ପ୍ରଧାନଙ୍କୁ 'ଜଗବନ୍ଧୁ ସିଂହ ସ୍ମାରକୀ ଯୁବ ଗବେଷକ' ସମ୍ମାନ

କନ୍ଧମାଳ, ୧୬/୨ (ନି.ପ୍ର): ପ୍ରଖ୍ୟାତ ଜନଜାତି ଗବେଷକ ତଥା କଥାକାର ଡ. ରଞ୍ଜନ ପ୍ରଧାନଙ୍କୁ ଚଳିତବର୍ଷର ସମ୍ମାନଜନକ 'ଜଗବନ୍ଧୁ ସିଂହ ସ୍ମାରକୀ ଯୁବ ଗବେଷକ' ସମ୍ମାନ ପ୍ରଦାନ କରାଯାଇଛି। ଜଗବନ୍ଧୁ ସିଂହ ମେମୋରିଆଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ ରେଡକ୍ରସ୍ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଜଗବନ୍ଧୁ ସିଂହଙ୍କ ୧୪୯ତମ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ଡକ୍ଟର ପ୍ରଧାନଙ୍କୁ ମାନପତ୍ର, ଉପଢ଼ୌକନ, ପ୍ରଶସ୍ତି ଫଳକ ଏବଂ ପାଂଚ ସହସ୍ର ଅର୍ଥରାଶି ସହିତ ସମ୍ମାନିତ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥିବା ତଥା ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରମୁଖ ସହଯୋଗୀ ଜଗବନ୍ଧୁ ସିଂହଙ୍କ ନାମରେ ନାମିତ ଏହି ସମ୍ମାନ ତାଙ୍କୁ ମିଳିଥିବାରୁ ନିଜକୁ ଗର୍ବ ଅନୁଭବ କରୁଛନ୍ତି ବୋଲି ଡ. ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ପ୍ରଗତିଶୀଳ କବି ଅମରେଶ ପଟ୍ଟନାୟକ, ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ, 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ଐତିହାସିକ ଖାରବେଳ ମହାନ୍ତି, 'ଜଗବନ୍ଧୁ ସିଂହ ମେମୋରିଆଲ୍ ଟ୍ରଷ୍ଟ'ର ଅଧ୍ୟକ୍ଷା ସୁଜାତା ସିଂହ, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ, ଗବେଷକ ଡ. ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଡକ୍ଟର ପ୍ରଧାନ ଓଡ଼ିଶାର ଜନଜାତି, ନଦୀ ଓ ପାହାଡ଼ମାନଙ୍କ ସମ୍ପର୍କରେ ନିଜର ଗବେଷଣା ଜାରି ରଖିଛନ୍ତି। ତାଙ୍କର ସାମଗ୍ରିକ ଗବେଷଣା କୃତି ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଡକ୍ଟର ପ୍ରଧାନଙ୍କର ପ୍ରମୁଖ ଗବେଷଣା ଗ୍ରନ୍ଥମାନଙ୍କ ମଧ୍ୟରେ 'ଓଡ଼ିଶାର ନଦନଦୀ', 'ଗୋନାସିକା ନନ୍ଦିନୀ: ବୈତରଣୀ', 'ଜୁଆଙ୍ଗ ପର୍ବପର୍ବାଣି', 'ପରଜା ଜୀବନ ଓ ସଂସ୍କୃତି', 'ଆଦିବାସୀ ନାଚ ଓ ଗୀତ', 'ବଣ ଡଙ୍ଗରର ଗପ' ପ୍ରକାଶ ପାଇ ବେଶ୍ ପାଠକୀୟତା ଲାଭ କରିପାରିଛି।

# ହିନ୍ଦୁ ସମାଜକୁ ସଙ୍ଗଠିତ କରୁଛି ସଂଘ: ମୋହନ ଭାଗବତ

କୋଲକାତା, ୧୬/୨ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ କହିଛନ୍ତି ଯେ, ସଂଘର କାର୍ଯ୍ୟ ମହାତ୍ମା ବୁଦ୍ଧଙ୍କ ରାଷ୍ଟ୍ର ନିର୍ମାଣ ଭଳି ଅଟେ । ଯେଉଁଭଳି ଭାବେ ମହାତ୍ମା ବୁଦ୍ଧ ସମାଜକୁ ଏକଜୁଟ କରି ଆଧାତ୍ମିକ ଓ ନୈତିକ ଉତ୍ଥାନର ମୂଳଦୁଆ ରଖିଥିଲେ, ସେଭଳି ଭାବେ ସଂଘ ବି ସଂପୂର୍ଣ୍ଣ ହିନ୍ଦୁ ସମାଜକୁ ସଙ୍ଗଠିତ କରିବାର କାମ କରୁଛି । ସେ ଶନିବାର ପଶ୍ଚିମବଙ୍ଗର ବର୍ଦ୍ଧମାନରେ ସ୍ୱୟଂସେବକଙ୍କ ଏକ ସମାରୋହକୁ ସଂବୋଧିତ କରିଛନ୍ତି । ଆରଏସଏସ ମୁଖ୍ୟ କହିଛନ୍ତି ଯେ, ସଂଘ ପୂରା ହିନ୍ଦୁ ସମାଜକୁ ଏକଜୁଟ କରିବାକୁ ଚାହୁଁଛି । ଏହି ସମାଜ କେବଳ ନିଜ ପାଇଁ ନୁହେଁ, ବରଂ ପୂରା ରାଷ୍ଟ୍ର ପାଇଁ ଉତରଦାୟୀ ଅଟେ । ଭାରତର ନିଜର ଏକ ପ୍ରକୃତି ରହିଛି, ଯାହା ଏହାକୁ ସ୍ୱତନ୍ତ୍ର କରିଥାଏ । ଯେଉଁମାନେ ଏହି ପ୍ରକୃତି ସହ ରହିବେ ନାହିଁ, ସେମାନେ ନିଜର ସ୍ୱତନ୍ତ୍ର ଦେଶ ବନାଇଛନ୍ତି । କିନ୍ତୁ ଯେଉଁମାନେ ଏଠାରେ ରହୁଛନ୍ତି, ସେମାନେ ଭାରତର ଏହି ମୂଳ ଆତ୍ମା ସହିତ ଯୋଡି ହୋଇଛନ୍ତି । ଭାରତ କେବଳ ଏକ ଭୂଗୋଳ ନୁହେଁ, ବରଂ ଏକ ସ୍ୱଭାଗ ଅଟେ, ଯାହା ୧୯୪୭ ଅଗଷ୍ଟ ୧୫ରୁ ବହୁତ ପୂର୍ବରୁ ଅସ୍ତିତ୍ୱରେ ରହିଛି । ଆମେ କେଉଁ ରାଜା ନୁହେଁ, ବରଂ ସେ ରାଜାକୁ ସ୍ମରଣ କରୁ, ଯିଏ ନିଜ ପିତାଙ୍କ ଆଜ୍ଞାକୁ ପାଳନ କରିବା ପାଇଁ ୧୪ ବର୍ଷ ବନବାସ ସହିଥିଲେ । ଯେତେଦିନ ଯାଏ ଏହି ପ୍ରକୃତି ରହିଥିବ, ସେତେଦିନ ଯାଏ ଭାରତ ରହିବ । ହିନ୍ଦୁ ସମାଜ ଓ ଭାରତ ଗୋଟିଏ ହିଁ ଅଟେ ।

# ସମ୍ଭାବ୍ୟ ବର୍ଷାକୁ ନେଇ ଚାଷୀଙ୍କ ମନରେ ଛନକା

ଗଞ୍ଜାମ, ୧୬/୨ (ନି.ପ୍ର): ଆସନ୍ତା ୧୯ ତାରିଖରୁ ସମ୍ଭାବ୍ୟ ବର୍ଷା ହେବା ସମ୍ପର୍କରେ ପାଣିପାଗ ବିଭାଗ ସୂତ୍ରରୁ ସୂଚନା ମିଳିବା ପରେ ଗଞ୍ଜାମ ଜିଲ୍ଲାର ପିତଳ ଅଂଚଳର ଚାଷୀଙ୍କ ମନରେ ଛନକା ପଶିଛି। କାରଣ ଏ ଅଂଚଳର ଚାଷୀ ମାନେ ଧାନ ମଣ୍ଡିକୁ ଦେବା ପାଇଁ ବସ୍ତା ବାନ୍ଧି ଘରଦ୍ୱାରେ ଓ ଖଳାରେ ରଖିଛନ୍ତି। ବର୍ଷା ହେଲେ ଧାନ ବସ୍ତା ଭିଜି ନଷ୍ଟ ହେବାର ଆଶଙ୍କା ରହିଛି।

ଅନ୍ୟପକ୍ଷରେ ମିଲରମାନେ ଧାନ ନେବା କାର୍ଯ୍ୟ ତ୍ୱରାନ୍ୱିତ କରୁନଥିବାରୁ ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଚାଷୀ ମାନଂକ ଅମଳଧାନ ମଣ୍ଡିକୁ ନେବାପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

# ଓକିଲ ସଂଘ ବୈଠକ : ଦାଶରଥୀ ପଟ୍ଟନାୟକ ହେଲେ ନିର୍ବାଚନ ଅଧିକାରୀ

ଜୟପୁର, ୧୬/୨ (ନି.ପ୍ର): କୋରାପୁଟ ଜିଲ୍ଲା ବାର ଆସୋସିଏସନ ର ସାଧାରଣ ପରିଷଦ ବୈଠକ କୋର୍ଟ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତ୍ରିନାଥ ସିମ୍ବଲାଲଙ୍କ ସଭାପତିତ୍ୱ କରିଥିଲେ। ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ସମ୍ବଘର ନିର୍ବାଚନ କରାଯିବ ବୋଲି ସୂଚନା ଦେଇଥିଲେ। ବରିଷ୍ଠ ଆଇନଜୀବୀ ଦାଶରଥୀ ପଟ୍ଟନାୟକଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ବୈଠକରେ ଉପସଭାପତି ସତ୍ୟବ୍ରତ ପାଢି, ସମ୍ବପାଦକ ମହେନ୍ଦ୍ର ଅଧିକାରୀ କୋଷାଧକ୍ଷ ସହଦେବ ପଟ୍ଟନାୟକ, ଯୁଗ୍ମ ସମ୍ବପାଦକ ପି.ସନ୍ୟାସୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀଙ୍କ ଜରିଆରେ ଓକିଲ ସମ୍ବଘର ସଦସ୍ୟଙ୍କ ତାଲିକା ପ୍ରସ୍ତୁତ କରି ପ୍ରକାଶିତ କରାଯିବ ବୋଲି ଆଲୋଚନା ହୋଇଥିଲା। ଆସନ୍ତା ମାର୍ଚ୍ଚ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିବେ ପ୍ରାର୍ଥୀ। ୮ ତାରିଖ ଦିନ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ, ୯ ତାରିଖରେ ପ୍ରାର୍ଥିପତ୍ର ଯାଂଚ୍, ୧୦ ତାରିଖ ଦିନ ବୈଧ ତାଲିକା ପ୍ରକାଶ, ୧୨ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୧୩ ତାରିଖ ଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୯ ତାରିଖ ସକାଳ ସାଢେ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ନ ୪ଟାରେ ଭୋଟ ଗଣତି କରାଜିବ ବୋଲି ଜଣାପଡିଛି। ସେହିଦିନ ହିଁ ରାଜ୍ୟର ସମସ୍ତ ଓକିଲ ସମ୍ବଘର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଆଜିର ଏହି ଓକିଲ ସମ୍ବଘ ବୈଠକରେ ୫ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ପୂର୍ବତନ ଓକିଲ ସମ୍ବଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ସତ୍ୟନାରାୟଣ ଅଧିକାରୀ କୋରାପୁଟ ଜିଲ୍ଲାର କଳା ଓ ସମ୍ବସ୍କୃତିକୁ ବଂଚାଇ ରଖିଛନ୍ତି। ତାଙ୍କର ଆଦିବାସୀ ଗୀତ ବିଶ୍ୱ ଦରବାରରେ ପହଁଚି ପାରିଛି ତେଣୁ ତାଙ୍କୁ ମରଣୋତର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଉ ବୋଲି କହିଥିଲେ। ସେହିପରି ଜୟପୁରରେ ଅନ୍ୟ ଏକ ଏଡିଜେ କୋର୍ଟ ଖୋଲାଯାଉ। କାରଣ ଜୟପୁରରେ ସିଜିଏମ କୋର୍ଟ ଉଠିଯିବା ପରେ ୫୨୦ ଫାଇଲ ଏଡିଜେ କୋର୍ଟକୁ ଚାଲିଯାଇଛି। ପୂର୍ବରୁ ଏଡିଜେ କୋର୍ଟରେ ୨ହଜାରରୁ ଉର୍ଦ୍ଧ ମାମଲା ରହିଥିବା ବେଳେ ସମସ୍ତ କାମ ଗୋଟିଏ କୋର୍ଟରେ ହୋଇ ପାରିବ ନାହିଁ ତେଣୁ ଅନ୍ୟ ଏକ ଏଡିଜେ କୋର୍ଟ ଖୋଲିଲେ ଲୋକ ଉପକୃତ ହୋଇପାରିବେ। ସେହିପରି ଏନଡିପିଏସ କେସ ନିମନ୍ତେ ଜୟପୁର ଠାରେ ଗୋଟିଏ ସ୍ୱତନ୍ତ୍ର କୋର୍ଟ ଖୋଲାଯାଉ। ସୁପ୍ରିମ କୋର୍ଟ ଗାଇଡ ଲାଇନରେ ଜିଲ୍ଲା କୋର୍ଟ ପରିସରରେ ଖୋଲିବା ପାଇଁ ଅନୁମତି ଥିବା ବେଳେ ତୁରନ୍ତ ଏନଡିପିଏସ କେସ ନିମନ୍ତେ ସ୍ୱତନ୍ତ୍ର କୋର୍ଟ ଖୋଲିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ରାଜ୍ୟ କଞ୍ଜ୍ୟୁମର ସର୍କିଟ କୋର୍ଟ ଖୋଲାଯାଉ, ପ୍ରତିମାସରେ ଜିଲ୍ଲାପାଳଙ୍କ ସର୍କିଟ କୋର୍ଟ କରିବାକୁ ସଭାପତି ତ୍ରିନାଥ ସିମ୍ବଲାଲ ପ୍ରସ୍ତାବ ଆଗତ କରିଥିଲେ। ଆଜିର ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ବାଲାରାୟ, ରମେଶ ପାତ୍ର, ଅଜିତ ସାହୁ, ସଚ୍ଚିନ କୁମାର ପାଢି, ଭୋଲାନାଥ ପଟ୍ଟନାୟକ, ତାରିଣୀ ପାଣିଗ୍ରାହୀ, ଡି. ସେଶାଗିରି ରାଓ, କାଳି ପ୍ରସାଦ ପୁରୋହିତ, ଗୌରୀ ଚରଣ ଦେବଶର୍ମା, ଅରୁଣ କୁମାର ଖଡଗରାୟଙ୍କ ସମେତ ଅନ୍ୟ ଓକିଲ ସମ୍ବଘର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଐତିହାସିକ ତଥା ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ସାଧୁ ଚରଣ ମିଶ୍ରଙ୍କ ୫୦ତମ ପୁଣ୍ୟତିଥି ପାଳନ

ବଲାଙ୍ଗିର, ୧୬/୨ (ନି.ପ୍ର): ସ୍ଥାନୀୟ ମାଲପଡା ଠାରେ ମହାନ ଐତିହାସିକ ସ୍ୱର୍ଗତ ସାଧୁ ଚରଣ ମିଶ୍ରଙ୍କର ପଂଚଦଶ ତମ ଶ୍ରାଦ୍ଧ ବାର୍ଷିକି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଜିଲ୍ଲା ନାଗରିକ କମିଟିର ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର ଦୀପ ପ୍ରଜ୍ୱଳନ କରିଥିଲେ ଏବଂ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୋପବନ୍ଧୁ ପୁରୋହିତ ମାଲ୍ୟାର୍ପଣ କରି ମନ୍ତ୍ରପାଠ କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ମହୁମୁଖି ପ୍ରତିଭା ଉପରେ ଧର୍ମବ୍ରତ ରଥ, ଅଶୋକ ଚାନ୍ଦ, ଦିବାକର ହୋତା, ଡା. ସାର୍ଥକ ମିଶ୍ର, ସ୍ୱରୁପ ମିଶ୍ର, ଆଦିତ୍ୟ ମିଶ୍ର ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଇଂରେଜ ଶାସନ ସମୟରେ ତକ୍ଷଶିଳା ଠାରେ ହ୍ୱିଲର ସାହେବ ଙ୍କ ନେତୃତ୍ୱରେ ଅନୁଷ୍ଠିତ ପତ୍ନତତ୍ତ୍ୱିକ ଉତ୍?ଖମନ ରେ ସ୍ୱର୍ଗତ ମିଶ୍ର ସହଯୋଗୀ ଭାବରେ ଯୋଗ ଦେଇଥିଲେ ତଥା ତତ୍କାଳିନ ପାଟଣା ଷ୍ଟେଟରେ ତହସିଲଦାର ଏବଂ ସ୍ୱାଧିନତା ପରେ ଡେପୁଟି କଲେକ୍ଟର ଭାବେ ଦୃଢ ପ୍ରଶାସନିକ ଭିତିଭୂମି ନିର୍ମାଣ କରିଥିଲେ ଏବଂ ଐତିହାସିକ କିର୍ତିରାଜିର ସଂରକ୍ଷଣ ଦିଗରେ କାମ କରିଥିଲେ । ଓଡିଶା ସରକାରଙ୍କ ଶାସନରେ ବିଭିନ୍ନ ଜିଲ୍ଲାରେ ବିଭିନ୍ନ ପଦପଦବୀରେ ଅଲଙ୍କୃତ ହୋଇ ୫୨ ବର୍ଷ ବୟସରେ ହୃଦଘାତରେ ଇହଧାମ ତ୍ୟାଗ କରିଥିଲେ । ଉକ୍ତ ସ୍ମୃତି ସଭାରେ ପର୍ଶୁରାମ ନାୟକ, ସତ୍ୟନାରାୟଣ ପାଣିଗ୍ରାହୀ, ସାମ୍ବାଦିକ ଆକୁଳ ବେହେରା, ପ୍ରଶନ୍ନ ମିଶ୍ର, ଗୋପାଳ କର, ଗୌରୀ ଶଙ୍କର ମିଶ୍ର, ନାରାୟଣ ମିଶ୍ର, ସୁମିତ ମିଶ୍ର, ଗୋପାଳ ମିଶ୍ର, ଅନନ୍ତ ବିଷୋଇ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ରାଜେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାରି ଲେନ୍ ବିଶିଷ୍ଟ ହେବ କନକତୋରା-ଝାରସୁଗୁଡ଼ା ସେକ୍ସନ୍ : ଇବ୍ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ

ସମ୍ବଲପୁର, ୧୬/୨ (ନି.ପ୍ର): ଶିଳ୍ପ ଓ ଖଣିଖାଦାନରେ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର କନକତୋରା-ଝାରସୁଗୁଡ଼ା ସେକ୍ସନ୍ କୁ ଚାରି ଲାଇନ୍ ବିଶିଷ୍ଟ କରାଯିବ । ଏଥିପାଇଁ ଡିପିଆର୍ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ତିଆର କରାଯାଉଛି । ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରକଳ୍ପ ପାଇଁ କାର୍ଯ୍ୟଦେଶ ଦିଆଯିବ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥମନ୍ତ୍ରୀଙ୍କ ପକ୍ଷରୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ପତ୍ରର ଉତରରେ ଏ ସଂପର୍କରେ ସୂଚନା ଦିଆଯାଇଛି । ଏହି ଜାତୀୟ ରାଜପଥର କନକତୋରା-ଝାରସୁଗୁଡ଼ା ସେକ୍ସନ୍ ବ୍ରଜରାଜନଗର ଦେଇ ଯାଇଛି । ଏହା ଦୁଇ ଲେନ୍ ବିଶିଷ୍ଟ ଅଟେ । ପ୍ରତ୍ୟହ ହଜାର ହଜାର ମାଲ୍‌ବାହୀ ଓ ଯାତ୍ରୀବାହୀ ଯାନବାହନ ଏହି ରାଜପଥ ଦେଇ ଯାଉଛି । ହେଲେ ଏହି ରାସ୍ତାରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ବର୍ତମାନ ସମସ୍ତ ପ୍ରକାର ସୁରକ୍ଷା ନିରାପତା ପଦକ୍ଷେପ ନିଆଯାଉଛି । ଏହି ଜାତୀୟ ରାଜପଥର କେତେକ ସ୍ଥାନ ଓ ଦୁର୍ଘଟଣାପ୍ରବଣ ସ୍ଥାନରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସାଇନ୍ ବୋର୍ଡ, ରୋଡ ମାର୍କିଂ ପ୍ରଭୃତି ସହିତ ଲାଇଟ୍‌ର ବ୍ୟବସ୍ଥା କରାଯାଇଛି । ସେହିଭଳି ବ୍ରଜରାଜନଗର-ଝାରସୁଗୁଡ଼ା ମଝିରେ ଥିବା ଇବ୍ ନଦୀ ଉପରେ ତିନି ଲେନ୍ ବିଶିଷ୍ଟ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ଆସନ୍ତା ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ । କନକତୋରା-ଝାରସୁଗୁଡ଼ା ଜାତୀୟ ରାଜପଥ ସେକ୍ସନ୍ କୁ ସୁଦୃଢ଼ କରିବା ପାଇଁ ପଚାଶ କୋଟି ଟଙ୍କା ବ୍ୟୟ ଅଟକଳରେ ଆସନ୍ତା ଜୁନ୍ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ତେବେ ଏହି ଜାତୀୟ ରାଜପଥକୁ ଟ୍ରାଫିକ୍ ଅନୁକୂଳ କରିବା ଏବଂ ଅତିରିକ୍ତ ସଡ଼କ ସୁରକ୍ଷା ପଦକ୍ଷେପ ନେବା ପାଇଁ କ୍ଷେତ୍ରସ୍ତରୀୟ ୟୁନିଟ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସାଂସଦ ଶ୍ରୀ ପୁରୋହିତଙ୍କୁ କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ସମ୍ବଲପୁର ଜିଲ୍ଲାର ମେଟ୍ରିକ୍ ପରୀକ୍ଷା କେନ୍ଦ୍ର ପରିଚାଳନା ନେଇ ବୈଠକ

ସମ୍ବଲପୁର, ୧୬/୨ (ନି.ପ୍ର): ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ସଭାପତିତ୍ୱରେ ସମ୍ବଲପୁର ଜିଲ୍ଲାର ମେଟ୍ରିକ୍ ପରୀକ୍ଷା କେନ୍ଦ୍ର ପରିଚାଳନା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଜୟଶ୍ରୀ ଦୋରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ କେମ୍ପ୍ ଟପ୍ପୋ ପ୍ରମୁଖ ଯୋଗଦାନ କରି ପରୀକ୍ଷା ପରିଚାଳନାରେ ହେଉଥିବା ବିଭିନ୍ନ ତ୍ରୁଟି ବିଚ୍ୟୁତି ଓ ତାହାର ସଠିକ୍ ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ କରି ଆସିଥିବା ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜୀତ କୁମାର ଲୁହା ତାଙ୍କ ଅଭିଜ୍ଞତା ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମେଟ୍ରିକ୍ ପରୀକ୍ଷାର ସୁପରିଚାଳନା ଓ ସ୍ୱଚ୍ଛତା ଉପରେ କେନ୍ଦ୍ର ପରିଚାଳକମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।ସମ୍ବଲପୁର ଜିଲ୍ଲାର ସମୁଦାୟ ୮୧ ଟି ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ତଥା କେନ୍ଦ୍ର ପରିଚାଳକ ଯୋଗଦାନ କରିଥିଲେ। ଚଳିତ ମେଟ୍ରିକ୍ ପରୀକ୍ଷା ପରିଚାଳନା ପାଇଁ ୬ଟି ପ୍ରଶ୍ନପତ୍ର ବିତରଣ କେନ୍ଦ୍ର,୨୧ ଟି ପ୍ରଶ୍ନପତ୍ର ବିତରଣ ଦଳ ସମଗ୍ର ୮୧ ଟି ପରୀକ୍ଷା କେନ୍ଦ୍ରରେ ୮୧ ଜଣ ନିରୀକ୍ଷକ ନିଯୁକ୍ତ ହୋଇଛନ୍ତି। ଚଳିତବର୍ଷ ସମ୍ବଲପୁର ଜିଲ୍ଲାର ୧୦୮୪୪ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଥିବା ଜଣାଯାଇଛି। ପରୀକ୍ଷାର ସୁପରିଚାଳନା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଏକ ରାଜ୍ୟସ୍ତରୀୟ ସ୍କ୍ୱାର୍ଡ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦୁଇଟି ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି। ଏପରିକି ସମସ୍ତ କେନ୍ଦ୍ରରେ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଜାରୀ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅଫିସ୍ ସହକାରୀ ସନ୍ତୋଷ କୁମାର ମହାପାତ୍ର ଏବଂ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ସୁମିତା ପତ୍ରୀ ସଂଯୋଜନା କରିଥିଲେ।

# ସୁଚିତ୍ରାର ଷଷ୍ଠ ସ୍ୱନକ୍ଷତ୍ରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ

ସମ୍ବଲପୁର, ୧୬/୨ (ନି.ପ୍ର): ଆଜି ସାହିତ୍ୟ ପତ୍ରିକା ସୁଚିତ୍ରାର ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଡ. ଦୀପେନ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ ଓ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୁଷ୍ଟିଙ୍କ ସଂଯୋଜନାରେ ଆୟୋଜିତ ଏହି ବୌଦ୍ଧିକ ସମାବେଶରେ ନାକଟିଗେଉଳ ବିଡିଓ ବିଶିଷ୍ଟ କବି କ୍ଷମାନିଧି ଭୋଇ ମୁଖ୍ୟଅତିଥୀ, କବି ଲକ୍ଷ୍ମୀ ନାରାୟଣ ହୋତା ଓ ସୁଚିତ୍ରା ର ଉପଦେଷ୍ଟା ସନ୍ତୋଷ କୁମାର ରଥ ସମ୍ମାନିତ ଅତିଥି ଭାବରେ ସାହିତ୍ୟ ର ସ୍ୱରୁପ, ପରିଭାଷା ଓ ସମସ୍ୟା ସମ୍ପର୍କ ରେ ଆଲୋକପାତ କରିଥିଲେ । ସୁଚିତ୍ରା ର ପ୍ରତିଷ୍ଠାତା ସମ୍ପାଦକ କବି କନ୍ଦର୍ପ ବେହେରା ଉତ୍ସବ ସମ୍ପର୍କରେ ସୂଚନା ଦେଇଥିବାବେଳେ କବିୟତ୍ରୀ ଗୀତାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସୁଚିତ୍ରା ର ବାର୍ଷିକ ସଂଖ୍ୟା ପରେ ସମାବେଶରେ ରଘୁନାଥ ପ୍ରଧାନଙ୍କୁ କବି ପିତାମ୍ବର ବିଶ୍ୱାଳ ସ୍ମୃତି ସମ୍ମାନ, କବି ତଥା ସୂରଜମଲ କଲେଜ ର ଅଧ୍ୟକ୍ଷ ଡ.ମନୋଜ କୁମାର ପଣ୍ଡାଙ୍କୁ ସୁଚିତ୍ରା କବି ସମ୍ମାନ, ଡ.ସୁଶୀଳ ବାଗ୍ ଙ୍କୁ ସୁଚିତ୍ରା ପ୍ରବନ୍ଧ ସମ୍ମାନ, ନିରଞ୍ଜନ ପତି ଙ୍କୁ ଶିଶୁ ସାହିତ୍ୟ ସମ୍ମାନ, କ୍ଷୀରୋଦ ବିହାରୀ ବିଶ୍ୱାଳ ଙ୍କୁ ଗଳ୍ପ ସମ୍ମାନ, ସୁଦୀପା ସାହୁଙ୍କୁ ନବ ପ୍ରତିଭା ସମ୍ମାନ ଓ ରାଜୀବ ପ୍ରସାଦ ଭୋଇଙ୍କୁ ଯୁବ କବି ସମ୍ମାନ ପ୍ରଦାନ କରାଯାଇଥିଲା । ପରେ କବି କୁଳମଣି ମେହେର, ଆକାଶ ସାହୁ, ଗୀତାରାଣୀ ସାହୁ ଓ ଶେଷଦେବ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କବି ସମ୍ମିଳନୀରେ କବିମାନେ କବିତା ପାଠ କରିଥିଲେ ।

# ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଉଦ୍‌ଯାପିତ

ଭୁବନେଶ୍ୱର, ୧୬/୨ (ନି.ପ୍ର): ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ରାଜ୍ୟ ସମୃଦ୍ଧିର ମେରୁଦଣ୍ଡ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ଆଜି ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାବେଶରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ରାଜ୍ୟର ବିସ୍ତୀର୍ଣ୍ଣ ଉପକୂଳ, ଆଭ୍ୟନ୍ତରୀଣ ଜଳଉତ୍ସ ରହିଥିବାରୁ ଓଡ଼ିଶା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟଭାବେ ନେତୃତ୍ୱ ନେବାର ଅପାର ସମ୍ଭାବନା ଓ ସୁଯୋଗ ରହିଛି । ଗ୍ରାମୀଣ ଜୀବିକାକୁ ସୁନିଶ୍ଚିତ କରିବା, ଅର୍ଥନୈତିକ ଅଭିବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହାର ସାମର୍ଥ୍ୟ ରହିଛି । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ "ବିକଶିତ ଓଡ଼ିଶା ଓ ବିକଶିତ ଭାରତ" ଗଠନ ସହ ଜଡ଼ିତ । ଯେହେତୁ ଆମେ ବିକଶିତ ଓଡ଼ିଶା ଓ ଆତ୍ମନିର୍ଭର ଭାରତ ପାଇଁ କାର୍ଯ୍ୟ କରୁଛେ ଆମକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଚାଷୀମାନଙ୍କୁ ସଶକ୍ତ କରିବାକୁ ପଡ଼ିବ ବୋଲି ରାଜ୍ୟପାଳ କହିଥିଲେ। ଆଧୁନିକ ଜ୍ଞାନ କୌଶଳ ଅବଲମ୍ବନରେ ମତ୍ସ୍ୟ ଓ ପ୍ରାଣୀଙ୍କର ଖାଦ୍ୟ ପରିଚାଳନା, ରୋଗ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣ, ବିପଣନର ସୁବିଧା ନିମନ୍ତେ ବଜାର ସୃଷ୍ଟି ସହିତ ସହଜ ପରିବହନ ବ୍ୟବସ୍ଥା, ପ୍ରାଣୀଧନ ବୀମା, ମହିଳାମାନଙ୍କୁ ଏ କ୍ଷେତ୍ରରେ ସାମିଲ କରି ସେମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଦୁଗ୍ଧ, ଅଣ୍ଡା, ମାଂସ ଉତ୍ପାଦନରେ ଅଭିବୃଦ୍ଧି ସହିତ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ପ୍ରାଣିପାଳକ ଓ ମତ୍ସ୍ୟଜୀବୀମାନେ ଲାଭବାନ ହେଉଥିବା ଜାଣି ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ। କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା' ମତ୍ସ୍ୟ ଉତ୍ପାଦନକୁ ବୃଦ୍ଧି କରିବା ସହିତ ଏହାକୁ ଅଧିକମୂଲ୍ୟଯୁକ୍ତ କରିବା ତଥା ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାରେ ସଫଳ ହୋଇଛି। ସେହିପରି ଆଗାମୀ ୫ ବର୍ଷ ମଧ୍ୟରେ ୩ ଲକ୍ଷ ଚାଷୀଙ୍କୁ ସିଧାସଳଖ ଲାଭ ଦେବା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ଅନ୍ତର୍ଗତ ୧୭ଟି କାର୍ଯ୍ୟକ୍ରମ ସମେତ ବିଭିନ୍ନ ଯୋଜନା ରାଜ୍ୟ ସରକାର ପ୍ରବର୍ତ୍ତନ କରିଛନ୍ତି। ଏଣୁ, ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଦୁପଯୋଗ କରି ରାଜ୍ୟର ଯୁବଗୋଷ୍ଠୀ ଉଦ୍ୟୋଗୀ ହେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, 'ନୀଳ ଅର୍ଥନୀତି' (ବ୍ଲୁ ଇକୋନୋମି)ଭାବେ ଅଭିହିତ ମତ୍ସ୍ୟ ଚାଷ କ୍ଷେତ୍ରରେ ନିଯୁକ୍ତି ସୁଯୋଗ, ଖାଦ୍ୟ ନିରାପତ୍ତା ଓ ବୈଦେଶିକ ମୁଦ୍ରା ରୋଜଗାର ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଓଡ଼ିଶା ଭାରତର ଏକ ପ୍ରମୁଖ ସାମୁଦ୍ରିକ ଖାଦ୍ୟ ରପ୍ତାନୀକାରୀ ରାଜ୍ୟଭାବେ ଉଭା ହୋଇଛି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରକୁ ଅଧିକ ପରିବ୍ୟାପ୍ତ ଓ ସୁଦୃଢ଼ କରିବା ସହିତ ଅଭିନବ କୌଶଳ, ଡିଜିଟାଲ ପ୍ଲାଟ୍‌ଫର୍ମ ଆପଣାଇବା ପାଇଁ ଚାଷୀ, ନୀତି ନିର୍ଦ୍ଧାରକଓ ଉଦ୍ୟୋଗୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ମତ୍ସ୍ୟ-ପ୍ରାଣୀ ସମାବେଶରୁ ପ୍ରାପ୍ତ ଜ୍ଞାନକୁ କ୍ଷେତ, ଫାର୍ମ ଓ ବୃତ୍ତିରେ ପ୍ରୟୋଗ କରି ଏହି ଅଭିଯାନକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ରାଜ୍ୟପାଳ ଡକ୍ଟର କମ୍ଭମ୍‌ପାଟି ଆହ୍ୱାନ ଜଣାଇଥିଲେ।

# ସମନ୍ୱିତ ସ୍ଥାୟୀ ଚାଷରେ ଶ୍ରେଷ୍ଠତ୍ୱ ପାଇଁ କେନ୍ଦୁଝରର ତାପସ ରାଉତ ପୁରସ୍କୃତ

ଭୁବନେଶ୍ୱର, ୧୬/୨ (ନି.ପ୍ର): ଉନ୍ନତ ଚାଷ ପ୍ରଣାଳୀ, ଓଡ଼ିଶାରେ ସମନ୍ୱିତ କୃଷିଅଭ୍ୟାସ ଜାରି ରଖି ସଫଳ ଚାଷୀ ତଥା ସ୍ଥାୟୀ ଚାଷର ଏକ ମଡେଲଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, କେନ୍ଦୁଝରର ସଫଳ ଚାଷୀଶ୍ରୀ ତାପସ କୁମାର ରାଉତ । ଏକ ଅଭିନବ ଫାର୍ମ କୃଷି ବଳରେ ସେ ଓଡ଼ିଶା ରାଜ୍ୟ ସରକାରଙ୍କ ଠାରୁ ଶ୍ରେଷ୍ଠ କୃଷକ ପୁରସ୍କାର ହାସଲ କରିଛନ୍ତି । ବସୁନ୍ଧରା ଦୁଗ୍ଧ: ଓଡ଼ିଶାରେ ସମନ୍ୱିତ ଏବଂ ସ୍ଥାୟୀ ଚାଷର ଏକ ମଡେଲ ହୋଇଛି ଏବଂ ଏହାର ସୁଯୋଗ ନେଇ ତାପସ ଏ କ୍ଷେତ୍ରରେ ସଫଳତା ହାସଲ କରିଥିବା ଯୋଗୁଁ ଫେବୃୟାରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତଭୁବନେଶ୍ୱର ବରମୁଣ୍ଡା ସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମାବେଶ-୨୦୨୫ ର ଉଦ୍ଘାଟନୀ ଦିବସରେ ଶୁକ୍ରବାର ସମନ୍ୱିତ କୃଷି ଏବଂ ପରିପୂରକ ତୃଣ ଚାଷ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଶ୍ରୀ ରାଉତ ପୁରସ୍କୃତ ହୋଇଛନ୍ତି । ଉତ୍ସବରେ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମତ୍ସ୍ୟ ଓ ପ୍ରାଣୀ ସଂମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରିବା ସହ ପୁରସ୍କୃତ କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ପରିବେଶ ସନ୍ତୁଳନ, ଅର୍ଥନୈତିକ ସମୃଦ୍ଧି ଏବଂ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିବିଧ କୃଷି ପଦ୍ଧତିର ସମନ୍ୱିତ କରି ତାପସଙ୍କ ଦ୍ୱାରା ପରିଚାଳିତ ଏହି ଫାର୍ମ ଆଧୁନିକ, ସ୍ଥାୟୀ କୃଷିର ଏକ ପ୍ରମୁଖ ଉଦାହରଣ ଭାବେ ଉଭା ହୋଇଛି । ବିଭିନ୍ନ କ୍ଷେତ୍ରକୁ ଏହି ଫାର୍ମ ସମନ୍ୱିତ କରୁଛି, ଯେଉଁଠାରେ ଉତ୍ତମ ମାନର କ୍ଷୀର, ଉତ୍ତମ ରକ୍ଷଣାବେକ୍ଷଣ ହୋଇଥିବା ଗୋ ପ୍ରଜାତି ମାଧ୍ୟମରେ ଦୁଗ୍ଧ ଉତ୍ପାଦନ କରାଯାଉଛି । ଏଠାରେ ଛେଳି ପାଳନ, ବିବିଧ ମାଂସ ଉତ୍ପାଦନକୁ ସୁନିଶ୍ଚିତ କରୁଥିବା ସହ ଫାର୍ମରେ ଅନାବନା ଗଛ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଛି । ଏହାବ୍ୟତୀତ, ଫାର୍ମରେ ଗୋଖାଦ୍ୟ ପାଇଁ ସ୍ୱତନ୍ତ୍ର ଚାଷ ଜମି ଅଛି, ଯାହା ଦୁଗ୍ଧ, ଗୋରୁ ଏବଂ ଛେଳି ସମେତ ସମସ୍ତ ପଶୁସମ୍ପଦକୁ ଉନ୍ନତ ମାନର, ଘରୋଇ ଚାରା ସହିତ ଭଲ ଭାବରେ ଖାଇବାକୁ ଦିଆଯିବାକୁ ସୁନିଶ୍ଚିତ କରୁଛି ।ଏହା ବ୍ୟତୀତ, ଫାର୍ମରେ ଏକ ସୁପ୍ରତିଷ୍ଠିତ ମତ୍ସ୍ୟ ଚାଷ ବ୍ୟବସ୍ଥା ରହିଛି, ଯେଉଁଠାରେ ଭଲ ମାଛ ଉତ୍ପାଦନ ସହିତ ଅନ୍ୟାନ୍ୟ ଜଳଚାଷ ବୃଦ୍ଧି କରୁଛି । ଜୈବିକ ବର୍ଜ୍ୟବସ୍ତୁ ବ୍ୟବହାର କରି ଛତୁ ଚାଷ ତାଙ୍କର ଏହି ପ୍ରକ୍ରିୟାର ଏକ ପ୍ରମୁଖ ଅଂଶ ଏବଂ ଚାଷ ପାଇଁ ସ୍ଥାୟିତ୍ୱ ବୃଦ୍ଧି କରୁଛି ।

ସେ ବତକ ପାଳନ କରି ଫାର୍ମର ବହୁମୁଖିତାକୁ ବଢ଼ାଇଛନ୍ତି । ବତକମାନଙ୍କ ଠାରୁ ଅଣ୍ଡା, ମାଂସ ମିଳିବା ସହ ସେମାନେ ପ୍ରାକୃତିକ କୀଟ ନିୟନ୍ତ୍ରଣରେ ସହାୟକ ହୋଇଥା'ନ୍ତି । ଆହୁରି ମଧ୍ୟ ମହୁମାଛି ପାଳନ କରୁଛନ୍ତି, ଯାହା ପରାଗୀକରଣ ବୃଦ୍ଧି କରିବା ସହ ଫାର୍ମର ବିବିଧ ଫସଲରେ ଉତ୍ପାଦକତା ବୃଦ୍ଧି ଏବଂ ବିକ୍ରିପାଇଁ ଉଚ୍ଚମାନର ମହୁ ଉତ୍ପାଦନରେ ସହାଯ୍ୟ କରୁଛି । ଏଠାରେ ଭର୍ମି କମ୍ପୋଷ୍ଟିଂ (ଜିଆ ଖତ) ଉପରେ ଗୁରୁତ୍ୱ ଦିଆଯାଇ ଜୈବିକ ବର୍ଜ୍ୟବସ୍ତୁକୁ ପୋଷକ ତତ୍ତ୍ୱଯୁକ୍ତ କମ୍ପୋଷ୍ଟରେ ପରିଣତ କରାଯାଉଛି, ଯାହା ପନିପରିବା ଚାଷ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରୁଛି । ଶାଗ ଠାରୁ ଆରମ୍ଭ କରି ମାଟି ତଳେ ଫଳୁଥିବା ବିବିଧ ପନିପରିବା ଉତ୍ପାଦନ ପର୍ଯ୍ୟନ୍ତ, ସମସ୍ତ ଜୈବିକ ପଦ୍ଧତିରେ ସେ ଚାଷ କରନ୍ତି । ଏହି ସବୁ କାର୍ଯ୍ୟକୁ ସମର୍ଥନ କରିବା ପାଇଁ, ଫାର୍ମରେ ଶୀତଳ ଭଣ୍ଡାର ସୁବିଧା ରହିଛି, ଯଦ୍ୱାରା ତାଜା ଉତ୍ପାଦିତ ଦ୍ରବ୍ୟ, ଦୁଗ୍ଧ, ମାଛ ଏବଂ ଅନ୍ୟାନ୍ୟ ଦ୍ରବ୍ୟକୁ ନଷ୍ଟ ହେବାକୁ ନ ଦେଇ ସଂରକ୍ଷଣ କରାଯାଉଛି, ଯାହା କି ବର୍ଷ ସାରା ଏସବୁର ଯୋଗାଣକୁ ସୁନିଶ୍ଚିତ କରୁଛି । ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଫଳରେ ଉତ୍ପାଦକତା ବୃଦ୍ଧି କରି, ଶ୍ରମ ଖର୍ଚ୍ଚ ହ୍ରାସ ଏବଂ ସମନ୍ୱିତ ବ୍ୟବସ୍ଥାର ଦକ୍ଷ ପରିଚାଳନା ସୁନିଶ୍ଚିତ କରୁଛି।

ରାଜ୍ୟରେ କୃଷିର ଭବିଷ୍ୟତ ଗଠନରେ ତାଙ୍କର ଭୂମିକା, କୃଷି ବିବିଧିକରଣ, ସ୍ଥାୟିତା ଏବଂ ଅଭିନବତ୍ୱ ପ୍ରତି ଏହି ଫାର୍ମର ପ୍ରତିବଦ୍ଧତା ଯୋଗୁଁ ସେ ଏହି ସମ୍ମାନ ଓ ଖ୍ୟାତି ଅର୍ଜନ କରିଛନ୍ତି । ଏହା ଆଧୁନିକ କୃଷିର ଏକ ପ୍ରତୀକ ଭାବରେ ଠିଆ ହୋଇଛି, ଯେଉଁଥିରେ ଏକାଧିକ କୃଷି ପଦ୍ଧତିକୁ ସମନ୍ୱିତ କରି ଏକ ସ୍ଥିର, ଲାଭଦାୟକ ଏବଂ ପରିବେଶ ଅନୁକୂଳ କୃଷି ମଡେଲ ସୃଷ୍ଟି କରିବାର ଲାଭକୁ ଦର୍ଶାଯାଇଛି ।

ତାଙ୍କର ଏହି ପ୍ରୟାସକୁ ତାଙ୍କ ପୁତ୍ର ଶ୍ରୀ ଅଭିଜିତ୍ ରାଉତ ଏବଂ ପରିବାର ବର୍ଗ ସହାୟତା ଓ ସମର୍ଥନ ଦେଇଆସିଛନ୍ତି, ଯାହାକି ତାଙ୍କ ସଫଳତାର ମୂଳ ପୁଞ୍ଜି ବୋଲି ତାପସ କୁହନ୍ତି । ତାଙ୍କର ଏହି ପ୍ରୟାସ ଶିକ୍ଷିତ ଯୁବକ ଯୁବତୀଙ୍କ ମନରେ ମତ୍ସ୍ୟ ଓ ପ୍ରାଣୀ ପାଳନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସଫଳ ଉଦାହରଣ ହୋଇଛି । ବୈଜ୍ଞାନିକ ପଦ୍ଧତିରେ ଚାଷ କଲେ ସେମାନେ ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରଜାତିର ମାଛ, ଚିଙ୍ଗୁଡି, କୁକୁଡା, ବତକ, ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ପାଳନ, ତୃଣ ଚାଷ ଆଦି କରି ପ୍ରାଣୀମାନଙ୍କର ଯତ୍ନ, ଖାଦ୍ୟ ଉପଲବ୍ଧତା ଏବଂ ବିକ୍ରିକୁ ସୁନିଶ୍ଚିତ କରି ସ୍ୱରୋଜଗାରକ୍ଷମ ହୋଇପାରିବେ ବୋଲି ସେ ଏ କ୍ଷେତ୍ରରେ କାର୍ଯ୍ୟକରୁଥିବା ସମସ୍ତଙ୍କୁ ତାପସ ବିଶ୍ୱାସ ଦେଇଛନ୍ତି ।

ସଂସ୍କୃତି

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ସୋମବାର, ୧୭ ଫେବୃଆରୀ ୨୦୨୫

# କେଶ ଝଡୁଥିଲେ ଆପଣାନ୍ତୁ ଏହି ଘରୋଇ ଉପାୟ



କେଶ ସୁନ୍ଦରତାର ଏକ ପରିଚୟ। ପୁରୁଷ ହୁଅନ୍ତୁ ଅବା ମହିଳା, ସମସ୍ତେ ସୁନ୍ଦର କେଶ ଚାହାନ୍ତି। ଲମ୍ବା କେଶ ଝିଅମାନଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଦିଏ। ହେଲେ ଆମ ପରିବର୍ତ୍ତିତ ଜୀବନଶୈଳୀ କେଶ ଝଡିବାର ଏକ ମୁଖ୍ୟ କାରଣ ପାଲଟିଛି। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ କିଏ କେତେ କଣ ଉପାୟ ଆପଣାଉଛି। ଅଧିକାଂଶ ଲୋକେ ବିଭିନ୍ନ ହେୟାର୍ କେୟାର୍ ପ୍ରଡକ୍ଟ ବ୍ୟବହାର କରନ୍ତି। ସୁସ୍ଥକର ଖାଦ୍ୟ ସେବନ କରନ୍ତୁ: ଅନେକ ଥର ଲୋକମାନେ ନିଜ କେଶରେ ମହଙ୍ଗା ଦ୍ରବ୍ୟ ପ୍ରୟୋଗ କରନ୍ତି, କିନ୍ତୁ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଏହା ଦ୍ୱାରା କେଶ ଦୁର୍ବଳ ହୋଇଯାଏ ଓ ଝଡେ। ତେଣୁ କେଶକୁ ମଜବୁତ କରିବା ପାଇଁ ସବୁଠୁ ଭଲ ଉପାୟ ହେଉଛି ସୁସ୍ଥକର ଖାଦ୍ୟ ଖାଇବା। ଖାଦ୍ୟରେ ସବୁଜ ପନିପରିବା ସହ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୂକ୍ତ କରନ୍ତୁ। ଏହା ବ୍ୟତୀତ ଭିଟାମିନ୍-ସି ସମୃଦ୍ଧ ଖାଦ୍ୟ ଯେପରିକି କିୱି, କମଳା, ବ୍ଲାକବେରୀ ଇତ୍ୟାଦି ସେବନ କରନ୍ତୁ। ଏହା କେଶକୁ ସିଲ୍କ ଏବଂ ଷ୍ଟ୍ରଙ୍ଗ କରିଥାଏ। ଦୈନନ୍ଦିନ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ଅନ୍ତର୍ଭୁକ୍ତ କରନ୍ତୁ। ଡାଲି, ଅଣ୍ଡା ଏବଂ ମାଛ ପରି ପ୍ରୋଟିନ୍ ଜାତୀୟ ଖାଦ୍ୟ ମଧ କେଶ ଉପକାରୀ। ପର୍ଯ୍ୟାପ୍ତ ନିଦ ସ୍ୱାସ୍ଥ୍ୟ ପାଇଁ ଏକ ଭଲ ମେଡିସିନ୍। ଶରୀର ଆବଶ୍ୟକ କରୁଥିବା ଶୋଇବା ଫଳରେ ଅନେକ ରୋଗ ଦୂର ହୋଇଯାଏ। କେଶକୁ ସୁସ୍ଥ ରଖିବାରେ ମଧ ନିଦ ଏକ ଭଲ ଅଭ୍ୟାସ। ଅତିକମରେ ଦିନକୁ ୮ରୁ ୯ ଘଣ୍ଟା ଶୋଇବା ଅଭ୍ୟାସ କରନ୍ତୁ। ପର୍ଯ୍ୟାପ୍ତ ଶୋଇବା ଫଳରେ କେଶକୁ ରକ୍ତ ସଞ୍ଚାଳନ ସଠିକ୍ ହୋଇଥାଏ। ଫଳରେ କେଶ ଲମ୍ବା ହୋଇଥାଏ। ଏଥିସହ ଚାପ ଓ ଚିନ୍ତା ମଧ ଦୂର ହୁଏ। ସମୟ ସମୟରେ କେଶରେ ତେଲ ଲଗାନ୍ତୁ: ଅଧିକାଂଶ ଲୋକ ଗ୍ରୀଷ୍ମ ଋତୁରେ କେଶରେ ତେଲ ଲଗାନ୍ତି ନାହିଁ। କିନ୍ତୁ ଏପରି କରନ୍ତୁ ନାହିଁ। ଗ୍ରୀଷ୍ମ ହେଉକି ଶୀତ କେଶରେ ନିୟମିତ ଭାବେ ହାଲୁକା ତେଲ ଲଗାନ୍ତୁ। ଏହା ସହିତ, ଅତି କମରେ ୨୦ ମିନିଟ୍ ପାଇଁ କେଶକୁ ମସାଜ୍ କରନ୍ତୁ। ନିଜ କେଶ ଅନୁଯାୟୀ ଆଲମୋଣ୍ଡ, ଅଲିଭ୍, ନଡିଆ ତେଲ କିମ୍ବା ଅନ୍ୟାନ୍ୟ ତେଲ ଲଗାଇପାରିବେ। କେଶ ଧୋଇବାର ୨ରୁ ୩ ଘଣ୍ଟା ପୂର୍ବରୁ ତେଲ ଲଗାନ୍ତୁ।

## ଡାଇବେଟିସ୍‌ଙ୍କ ପାଇଁ ସରଳ ବ୍ୟାୟାମ



ମଧୁମେହ ଭୋଗୁଥିଲେ, ସପ୍ତାହରେ ତିନି ଦିନ ଅତି କମରେ ୪୫ ମିନିଟ ଭାରଯୁକ୍ତ ବ୍ୟାୟାମ କରନ୍ତୁ। ଆଉ ତିନି ଦିନ କାର୍ଡ଼ିଓ ବ୍ୟାୟାମ। ୩୦-୪୦ ମିନିଟ ସାଇକେଲିଂ, ଦୌଡ଼, ସନ୍ତରଣ, ଟ୍ରେଡ଼ ମିଲରେ ଦୌଡ଼, ସ୍କିପିଂ, ଷ୍ଟେପିଂ ଆଦି ଏଥି ଅନ୍ତର୍ଭୁକ୍ତ। ହାଲିଆ ଲାଗିବା ପର୍ଯ୍ୟନ୍ତ ଏ ଭଳି ବ୍ୟାୟାମ କରନ୍ତୁ। ବିଶ୍ରାମ ନେଇ ପୁଣି କରନ୍ତୁ। ଏହାସହ ବ୍ୟାଡ଼ମିଂଟନ, ଟେନିସ, ଫୁଟବଲ, ବାସ୍କେଟବଲ, ରଗବି, ସ୍କ୍ୱାସ, ହ୍ୟାଣ୍ଡବଲ ଖେଳିପାରନ୍ତି।। କରାଟେ, କୁସ୍ତି, ମୁଷ୍ଟିଯୁଦ୍ଧ ଅଭ୍ୟାସ କରିପାରନ୍ତି। ପୁଷ୍ଟିସାର, ତନ୍ତୁ ତଥା ଧୀରେ ଧୀରେ ହଜମ ହେଉଥିବା ଶ୍ୱେତସାରଯୁକ୍ତ ଖାଦ୍ୟ ଖାଆନ୍ତୁ। ପ୍ରଥମେ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଖାଇଲେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ। ଶ୍ୱେତସାର ଯୁକ୍ତ ଖାଦ୍ୟ ଶେଷରେ ଖାଆନ୍ତୁ। ପ୍ରତିଦିନ ମାଛ, କୁକୁଡ଼ା, ମାଂସ, ଅଣ୍ଡାର ଧଳାଅଂଶ, ସୋୟାବିନ, ବୁଟ, ମଟର, ଡାଲି, ରାଜମା, ପନିପରିବା, ଫଳ ଖାଆନ୍ତୁ। ପ୍ରତିଦିନ ଜିଙ୍କ୍ କ୍ରୋମିଅମ, ଭିଟାମିନ ବି ଏବଂ ସି ଖାଆନ୍ତୁ। ୧୦ଗ୍ରାମ ଲେଖାଏଁ ଡାଲଚିନି ଓ ମେଥିଗୁଣ୍ଡ ରାତିରେ ଏକ ଲିଟର ପାଣିରେ ପକାଇ ରଖନ୍ତୁ। ସକାଳେ ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରୁ ଦୁଇଢୋକ ପିଅନ୍ତୁ। ରସୁଣ, ଗୁଗୁଳ, ସିଓକ୍ୟୁ-୧୦ ଏନଜାଇମ, ଗ୍ରେପସିଡ଼ ଏକସଟ୍ରାକଟ, ପାଇନାପଲ ଏକସଟ୍ରାକଟ, ଜାମୁକୋଳି, ଧନିଆପତ୍ର ମଧ୍ୟ ପ୍ରତିଦିନ ଖାଇବା ଭଲ।

## ବିଶ୍ୱର ପ୍ରଥମ ବାଲୁକା ହୋଟେଲ



ପ୍ରତ୍ୟେକ ରାଷ୍ଟ୍ରମୁଖ୍ୟ ନଜ ନିଜ ରାଷ୍ଟ୍ରରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଭିନ୍ନ ଭିନ୍ନ ପଦକ୍ଷେପ ନେଉଥିବାର ଦେଖାଯାଉଛି। ନିକଟରେ ଅଷ୍ଟ୍ରେଲିଆର ସବୁଠୁ ଲୋକପ୍ରିୟ ଗୋଲ୍ଡକୋଷ୍ଟ ଉପକୂଳରେ ବାଲିର ହୋଟେଲ ନିର୍ମିତ କରାଯାଇଛି। ମିଳିଥିବା ତଥ୍ୟ ଅନୁସାରେ, ହଲିଉଡ଼ ଚଳଚ୍ଚିତ୍ରର ସେଟ ଡିଜାଇନ କରୁଥିବା ଡିଜାଇନର ଜୋ ଡାଭଡିଙ୍ଗ ଏହି ବାଲିର ହୋଟେଲକୁ ନିର୍ମାଣ କରିଛନ୍ତି। ୨୪ଟନ ବାଲିରେ ନିର୍ମିତ ହୋଇଥିବା ଏହି ବାଲିର ହୋଟେଲ ୨୧ ଦିନ ମଧ୍ୟରେ ନିର୍ମିତ ହୋଇଛି। ଏକ ବିଳାସମୟ କକ୍ଷ ଓ ୮ଟି ସାଧାରଣ କକ୍ଷ ଥିବା ଏହି ହୋଟେଲର କାନ୍ଥ ଆସବାବପତ୍ର ସବୁକିଛି ବାଲିରେ ନିର୍ମିତ। ନିର୍ମାଣକାରୀ ସଂସ୍ଥାର କହିବାନୁସାରେ ଗ୍ରାହକ କୌଣସି ଅଭିଯୋଗ କରିବାର ସୁଯୋଗ ସେମାନେ ଦେଇନାହାନ୍ତି। ହୋଟେଲରେ ଫ୍ଲୋରିଂ ସମ୍ପୂର୍ଣ୍ଣ ବେଳାଭୂମି ଉପକୂଳ ପରି। ଚାଲିଲା ବେଳେ ଜୋତାରେ ବାଲି ଲାଗିବା ସ୍ୱାଭାବିକ। ଦିନ ପିଛା ଏହି ବାଲି ହୋଟେଲ କକ୍ଷର ଭଡ଼ା ୨୨ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ଅନ ଲାଇନ ବୁକିଂ ଆରମ୍ଭ ହୋଇସାରିଥିବା ବେବଳେ ୪୧ହଜାର ଲୋକ ୱେଟିଂଙ୍ଗ ଲିଷ୍ଟରେ ଥିବାର ପ୍ରକାଶ।

## କର୍କଟରୁ ବଂଚନ୍ତୁ

ହାର୍ଭାର୍ଡ଼ର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ସୁିସ୍ଥ ଜୀବନଶୈଳୀ ଦ୍ୱାରା କର୍କଟକୁ ୨୦-୪୦ ପ୍ରତିଶତ ଏବଂ ଏଥିଜନିତ ମୃତ୍ୟୁ ଆଶଙ୍କାକୁ ୫୦ ପ୍ରତିଶତ ରୋକାଯାଇପାରିବ। ଏବେ ଆସନ୍ତୁ ଜାଣିବୁ ସୁସ୍ଥ ଜୀବନଶୈଳୀ କ'ଣ? ଏହା ବସ୍ତୁତଃ ଚାରିଟି ଉପଦେଶ ଉପରେ ନିର୍ଭରଶୀଳ। ୧.ଆଦୌ ଧୂମପାନ କରିବ ନାହିଁ, ଯଦି କରୁଛେ, ତୁରନ୍ତ ଛାଡ଼ିବା। ୨., ସୁରାପାନ କରିବା ନାହିଁ। ଯଦି କରିବା, ମହିଳାଙ୍କ କ୍ଷେତ୍ରରେ ଦିନରେ ଗୋଟିଏ ପେଗ, ଏବଂ ପୁରୁଷଙ୍କ କ୍ଷେତ୍ରରେ ଦୁଇ ପେଗ। ୩. କାୟିକ ଘନତ୍ୱ ସୂଚନାଙ୍କ ବା ଇଂରେଜୀରେ ବଡ଼ି ମାସ ଇନଡେକସକୁ ୧୮.୫-୨୭.୫ ମଧ୍ୟରେ ରଖିବା। ୪. ସପ୍ତାହରେ ଅନ୍ୟୁନ ୧୫୦ ମିନିଟ୍ ସାଧାରଣ ବ୍ୟାୟାମ ବା ୭୫ ମିନିଟ କଠିନ ବ୍ୟାୟାମ କରିବା। ଯେଉଁମାନେ ଏଭଳି ଜୀବନଶୈଳୀ ସହ ଅଭ୍ୟସ୍ତ ହୋଇପାରିବେ, ସେମାନେ ଅନ୍ୟମାନଙ୍କ ତୁଳନାରେ କର୍କଟ ଭୋଗିବାର ଆଶଙ୍କା କମ୍। ଏକ ଲକ୍ଷ ଚାଳିଶ ହଜାର ମଣିଷଙ୍କ ଉପରେ ଲମ୍ବାର ସମୟ ଅଧ୍ୟୟନ ଆଧାରରେ ଗବେଷକମାନେ ଏହି ସିଦ୍ଧାନ୍ତରେ ପହଂଚିଛନ୍ତି। ଏଥିପ୍ରତି ସତର୍କ ରହିଲେ ଫୁସଫୁସ, ମଳାଶୟ, ବୃକ୍କ, ଗଳା, ଯକୃତ, ସ୍ତନ, ଅଗ୍ନାଶୟ ଓ ପୁରସ୍ଥ ଗ୍ରନ୍ଥି କର୍କଟ ଆଶଙ୍କା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ।

## ରୋଷେଇ ଗୃହର ପବିତ୍ରତା



ବାସ୍ତୁଶାସ୍ତ୍ର ମତରେ ରୋଷେଇ ଘର ସଦାସର୍ବଦା ଦକ୍ଷିଣପୂର୍ବ କୋଣ ବା ଅଗ୍ନି କୋଣରେ ୧୨୦ଡିଗ୍ରୀରୁ ୧୬୦ଡିଗ୍ରୀ ମଧ୍ୟରେ ରହିବା ଦରକାର । ଏହି ସ୍ଥାନଟି ଶୁକ୍ର ମହାଗ୍ରହଙ୍କ ସ୍ଥାନ ବୋଲି ବିବେଚନା କରାଯାଏ। ଏହି ସ୍ଥାନଟି ଆମର ଆର୍ଥିକ ସ୍ଥିତି, ସାମାଜିକ ପ୍ରତିଷ୍ଠା, ସମ୍ପର୍କ, ବ୍ୟବସାୟରେ ଲାଭର ସ୍ଥାନ ହୋଇଥାଏ, ଏହା ଜିଓ ବାସ୍ତୁ କହେ। ଯଦି ଏହି ଜାଗାରେ ରୋଷେଇ ଘର ହୋଇଥାଏ, ତେବେ ରୋଷେଇ କରିବା ସମୟରେ ଆମକୁ କେତୋଟି ନିୟମ ପାଳନ କରିବାକୁ ପଡ଼ିବ। ପ୍ରଥମେ ଚୁଲି ଲଗାଇବା ପୂର୍ବରୁ ବା ରୋଷେଇ ଗୃହକୁ ପ୍ରବେଶ ପୂର୍ବରୁ ମହିଳାମାନେ ବା ଯିଏ ରୋଷେଇ କରୁଛନ୍ତି, ଯଦି ସ୍ନାନ, ଶୌଚ ନକରି ରୋଷେଇ ଗୃହକୁ ପ୍ରବେଶ କରନ୍ତି ତେବେ ରୋଷେଇ ଘରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ି ଗୃହରେ ପୁରୁଷ ଓ ମହିଳାଙ୍କ ବୃତି କ୍ଷେତ୍ରରେ କର୍ତାର ବୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଗୃହରେ ଆର୍ଥିକ ସମସ୍ୟା ସୃଷ୍ଟି ହେବା ସହିତ ଅଯଥା ମାନସିକ ଚିନ୍ତା ବଢ଼ିଥାଏ। ଏଣୁ ରୋଷେଇ ଘରକୁ ସଫା ସୁତୁରା ରଖିବା ସହିତ



ସ୍ନାନ ସାରି ଅଗ୍ନି ଦେବତାଙ୍କୁ ପ୍ରଣାମ କରି ରୋଷେଇ କଲେ ଶୁଭ ହୋଇଥାଏ। ରୋଷେଇ ସରିବା ପରେ ପ୍ରଥମେ ଖାଦ୍ୟରୁ ସାମାନ୍ୟ କିଛି ଅଲଗା ରଖି ଅଗ୍ନି ଦେବତାଙ୍କର ଉଦ୍ଦେଶ୍ୟରେ ପଶୁପକ୍ଷୀମାନଙ୍କୁ ଅର୍ପଣ କଲେ ସ୍ୱାସ୍ଥ୍ୟ କେବେହେଲେ ଖରାପ ହୁଏନାହିଁ। ରୋଷେଇ ଗୃହରୁ ପ୍ରଥମେ ଖାଦ୍ୟ ଆଣି ଐଶାନ୍ୟ କୋଣରେ ଥିବା ଦେବତାଙ୍କୁ ଅର୍ପଣ ଖାଦ୍ୟ ଗୃହ ବାହାରେ ଦେଇ ଆସିବା ପରେ ଭୋଜନ କଲେ କେବେହେଲେ ପେଟ ସମସ୍ୟା ରହିବ ନାହିଁ। ଗୃହର ରୋଷେଇ ଘରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ। ଯଦି ଏହା କରନ୍ତି ଘରର ଉତ୍ତର ପୁରୁଷ ଗୃହ ତ୍ୟାଗ କରିବା ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ଘରେ ଯଦି କୌଣସି ଦେବମୂର୍ତ୍ତି, ଶାଳଗ୍ରାମ ଆଦି କରିବା ଉଚିତ୍। ଯଦି ଏହା କରାଯାଏ କେବେହେଲେ ଗୃହରେ ଅନ୍ନ ଅଭାବ ଦେଖାଦିଏନାହିଁ।

ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ରୋଷେଇ ଘରେ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଧୂପ ଦେବା ଏବଂ ଶ୍ରୀକର୍ପୂରରେ ଆଳତି କରିବା ଦରକାର। କୌଣସି ପର୍ବପର୍ବାଣିରେ ରୋଷେଇ କରାଯିବା ପରେ ସେଥିରୁ ସାମାନ୍ୟ ରଖିଛନ୍ତି, ତେବେ ଗୃହରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ। ରୋଷେଇ ଘରେ କୌଣସି ବର୍ଜ୍ୟବସ୍ତୁ ଯଥା-ଭଙ୍ଗା ପ୍ଲାଷ୍ଟିକ ଡବା, ବୋତଲ, ଭଙ୍ଗା ବାସନକୁସନ, ଅସଜଡ଼ା ଗ୍ରାଇଣ୍ଡର ଆଦି କେବେହେଲେ ରଖିବେ ନାହିଁ। ଗୃହରୁ ଅଳିଆ ଆବର୍ଜନା ପ୍ରତି ଶନିବାର ବାହାର କରିଦେବା ଉଚିତ। ରୋଷେଇ କଲାବେଳେ ସଦାସର୍ବଦା ପୂର୍ବ ମୁଖ ହୋଇେ ରୋଷେଇ କରିବେ। ରୋଷେଇ ଗୃହର ଦ୍ୱାର ପୂର୍ବ, ପଶ୍ଚିମ ବା ଉତ୍ତରରେ ରଖନ୍ତୁ। ରୋଷେଇ ଘର ଝରକା ପୂର୍ବ କିମ୍ବା ଦକ୍ଷିଣକୁ ରଖନ୍ତୁ। ରୋଷେଇ ପାଇଁ ପ୍ଲାଟଫର୍ମ ଘରର ଆଗ୍ନେୟ କୋଣରେ ନିର୍ମାଣ କରନ୍ତୁ ଝରକା ସମ୍ମୁଖରେ ଗ୍ୟାସ ସିଲିଣ୍ଡର କିମ୍ବା ଚୁଲା ରଖନ୍ତୁ ନାହିଁ। ଦ୍ୱାର ମୁହଁରେ ଛିଡ଼ା ହେଲେ ଚୁଲା ବା ସିଲିଣ୍ଡର ଦେଖା ନଯିବା ଉଚିତ। ରୋଷେଇ ଘର ଯଦି ବାୟୁକୋଣରେ ଅର୍ଥାତ୍ ଉତ୍ତର-ପଶ୍ଚିମ କୋଣରେ ହୁଏ ତେବେ ଗୃହରେ ଅଯଥା ଖର୍ଚ୍ଚମାନ ବଢ଼ିଥାଏ। ଉତ୍ତର-ପଶ୍ଚିମ ବା ବାୟୁକୋଣରେ ରୋଷେଇ ଘର ରହିଲେ ଗୃହରେ ସଦାସର୍ବଦା ଅତିଥି ରହିଥାନ୍ତି। ନୈଋତ କୋଣରେ ଅର୍ଥାତ୍ ଦକ୍ଷିଣ-ପଶ୍ଚିମ କୋଣରେ ରୋଷେଇ ଘର ରହିଲେ ଗୃହ କର୍ତ୍ତା ଦରିଦ୍ର ହୋଇଥାନ୍ତି। ଶୌଚାଳୟ ପାର୍ଶ୍ୱରେ କିମ୍ବା ସମ୍ମୁଖରେ ରୋଷେଇ ଗୃହ ରହିଲେ ସନ୍ତାନମାନଙ୍କୁ ଅସୁଖୀ କରିଥାଏ। ରୋଷେଇ ଗୃହର ରଙ୍ଗ ଗୋଲାପି, କମଳା, ହଳଦିଆ ହେଲେ ଶୁଭ। ଜାତଚକ୍ରରେ ଶୁକ୍ର ଓ ମଙ୍ଗଳ ଗ୍ରହ ଅଶୁଭ ଥିଲେ ମଧ୍ୟ ଆଗ୍ନେୟ କୋଣ ଯଦି ସଠିକ୍ ଥାଏ, ତେବେ ଆମେ ଗ୍ରହ କଷ୍ଟରୁ ମୁକ୍ତି ପାଇପାରିବା।

## ଷ୍ଟାଚ୍ୟୁ ଅଫ ଲିବର୍ଟିରେ ଡ୍ରୋନ ଫଟୋଗ୍ରାଫି ବନ୍ଦ



ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ ଲିବର୍ଟିଂ ବିଶ୍ୱର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବରେ ଜଣାଯାଏ। ୧୮୮୬, ଅକ୍ଟୋବର ୨୮ରେ ଫ୍ରାନ୍ସର ଏହି ପ୍ରତିମୂର୍ତ୍ତିକୁ ଆମେରିକା ଉପହାର ଭାବେ ପ୍ରେରଣ କରିଥିଲେ। ୧୫୧ ଫୁଟ ୧ ଇଂଚ ଏହି ମୂର୍ତ୍ତି ନିକଟକୁ ଏବେ କୌଣସି ପର୍ଯ୍ୟଟକ ଡ୍ରୋନ ନେଇ ଫଟୋ ଉଠାଇ ପାରିବେ ନାହିଁ। ପ୍ରତ୍ୟେକ ବର୍ଷ ୩୦ଲକ୍ଷରୁ ଅଧିକ ପର୍ଯ୍ୟଟକ ଏହି ଷ୍ଟାଚ୍ୟୁ ନିକଟକୁ ଆସୁଥିବାବେଳେ ଫଟୋ ଉଠାଇବାର ସଉକ ଅଧିକାଂଶଙ୍କର ରହଉଛି। ତେବେ ଡ୍ରୋନ ଫଟୋଗ୍ରାଫିରେ ଷ୍ଟାଚ୍ୟୁ ଭାଙ୍ଗିଯିବାର ଆଶଙ୍କା ରିହଛି। ୧୩୧ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଏହି ମୂର୍ତି ଯେପରି କ୍ଷତିଗ୍ରସ୍ତ ନହେଉ, ସେହି କାରଣରୁ ନ୍ୟୁୟର୍କ ଷ୍ଟାଚ୍ୟୁ ଅଫ ଲିବର୍ଟି ସଂଘ ଏହି ନିଷ୍ପତ୍ତି ନେଇଛି। କୌଣସି ବ୍ୟକ୍ତି ଏହି ନିୟମକୁ ଅମାନ୍ୟ କଲେ ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜୀବନ ରକ୍ଷାକାରୀ ଆସ୍‌ପିରିନ୍




କ୍ଷଣିକ ରକ୍ତାଘାତ, ଇଂରେଜୀରେ ଟ୍ରାନ୍‌ଜିଏଣ୍ଟ ଇସକେମିକ ଆଟାକ ବା ମିନି ଷ୍ଟ୍ରୋକ ହେଲେ କିମ୍ବା ହୃଦଘାତର ଲକ୍ଷଣ ପ୍ରକାାଶ ପାଇଲେ, ସଙ୍ଗେ ସଙ୍ଗେ ଆସପିରିନ ଖାଇନେଲେ, ବେଶ୍ କିଛିଦିନ ପର୍ଯ୍ୟନ୍ତ ବଡ଼ ଧରଣର ହୃଦଘାତ ଆଶଙ୍କା ଦୂରହୁଏ। ମିନି ଷ୍ଟ୍ରୋକ ବେଳେ ମସ୍ତିଷ୍କକୁ ରକ୍ତ ପ୍ରବାହ ଅଳ୍ପ ସମୟ ପାଇଁ ବନ୍ଦ ହୋଇଯାଏ, ପାଂଚଞ୍ଚ ମିନିଟରୁ କମ୍। ତେଣଉ ଏହାଦ୍ୱାରା କୌଣସି ବଡ଼ ଧରଣର କ୍ଷତି ଘଟେନାହିଁ। ତେବେ, ଏଥିପ୍ରତି ଅବହେଳା କଲେ, ପରିଣାମ ଭୟାବହ ହୋଇପାରେ। ପରବର୍ତ୍ତୀ ଷ୍ଟ୍ରୋକ ହଜାରେ ଗୁଣ ଅଧିକ କ୍ଷତିକାରୀ। ମିନି ଷ୍ଟ୍ରୋକ ଭୋଗୁଥିବା ତିରିଶ ପ୍ରତିଶତ ଲୋକ କିଛି ଦିନ ଭିତରେ ବଡ଼ ଧରଣର ହୃଦଘାତର ସାମନା କରନ୍ତି। ଛପନ ହଜାର ମଣିଷଙ୍କ ଉପରେ ହୋଇଥିବା ଅଧ୍ୟୟନ ସୂତ୍ରରୁ ପ୍ରକାଶ ଯେ, ମିନି ଷ୍ଟ୍ରୋକ ହେଉହେଉ ଆସପିରିନ ଖାଇନେଲେ, ପରବର୍ତ୍ତୀ କାଳରେ ବଡ଼ ହୃଦଘାତରୁ ବର୍ତ୍ତିବାର ଆଶା ଅଶୀ ପ୍ରତିଶତ ଅଧିକ। ତେଣୁ ମିନିଷ୍ଟ୍ରୋକ ପରେ ଅଧିକ ପରୀକ୍ଷା-ନିରୀକ୍ଷା ପାଇଁ ଅପେକ୍ଷା ନକରି, ଆସପିରିନ ଖାଇନେବା ଉଚିତ। ଏ ସମ୍ପର୍କରେ ଏକ ବିଶେଷ ରିପୋର୍ଟ 'ଦ ଲାନସେଟ୍' ରେ ପ୍ରକାଶ ପାଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟ୍ରମ୍ପଙ୍କ ଗାଜା କୂଟନୀତି...

ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବା ପରେ ଡୋନାଲ୍ଡ ଟ୍ରମ୍ପ ନିଜକୁ ବିଶ୍ୱର ସର୍ବଶକ୍ତିମାନ ନେତା ରୂପେ ଉପସ୍ଥାପିତ କରିବା ପାଇଁ ଏକାଧିକ ଅବାସ୍ତବ ଘୋଷଣା କରିଛନ୍ତି। ସେଥିମଧ୍ୟରୁ ଗାଜାରେ ନିଜର ମାଲିକାନା ଜାହିର କରି ସେଠାରେ 'ବିଚ୍ ରିସର୍ଟ' ସ୍ଥାପନ କରି ତାହାକୁ କୋଟିପତିଙ୍କ ସ୍ୱର୍ଗରେ ପରିଣତ କରିବେ। ସେ ନିଜେ ଓ ତାଙ୍କ ଜାମାତା ରିୟଲ ଇଷ୍ଟେଟ୍ ବେପାରୀ ହୋଇଥିବାରୁ ତାଙ୍କର ଏହି ଘୋଷଣା ପଛରେ ସତ୍ୟତା ଅଛି ବୋଲି ଅନେକ ବିଶ୍ୱାସ କଲେ। ଏହାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ସେଠାରେ ଅବସ୍ଥାନ କରୁଥିବା ୨୦ ଲକ୍ଷ ପାଲେଷ୍ଟାଇନ୍‌ଙ୍କୁ ପଡ଼ୋଶୀ ଜୋର୍ଡାନ ଓ ମିଶରରେ ଅବସ୍ଥାପିତ କରାଯିବ। ଟ୍ରମ୍ପ ଭୁଲିଯାଇଥିଲେ ଯେ ଦୀର୍ଘ ୧୪ ମାସ କାଳ ଇସ୍ରାଏଲ ଆକ୍ରମଣର ମୁକାବିଲା କରି ଯେଉଁ ହମାସ ଗାଜାରେ ନିଜର ସ୍ଥିତି ଏବେ ମଧ ଜାହିର କରୁଛି, ସେମାନଙ୍କୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରି ସେଠାରୁ ପାଲେଷ୍ଟାଇନଙ୍କୁ ହଟାଇବା ଏତେ ସହଜ ନୁହେଁ। ଏକଥା ବୁଝିବାକୁ ତାଙ୍କୁ ବେଶୀ ସମୟ ଲାଗିନି। ଗାଜା ଯୋଜନାକୁ ନେଇ ବିଶ୍ୱବ୍ୟାପୀ ପ୍ରକାଶ ପାଇଥିବା ପ୍ରତିକ୍ରିୟା ତାଙ୍କ ଶୁଳ୍କ ବୃଦ୍ଧି ପ୍ରୟାସକୁ ଶେଷରେ ଭଣ୍ଡୁର କରିଦେବା କିଛି ବିଚିତ୍ର ନୁହେଁ। ତେଣୁ ଗୁରୁବାର ଦେଇଥିବା ଏକ ପ୍ରତିକ୍ରିୟାରେ ଗାଜା ଗଣହତ୍ୟାକୁ ସେ ସ୍ୱୀକାର କରିଛନ୍ତି। ତିନିପିଢ଼ିର ସଭ୍ୟତାକୁ ସେଠାରେ ଧ୍ୱଂସ କରାଯାଇଛି। ସେଠାରେ ପୁନର୍ବାସନ ଓ ପୁନର୍ନିର୍ମାଣର ବ୍ୟୟବହୁଳ ଯୋଜନା ନା ଇସ୍ରାଏଲ୍ ନା ଆମେରିକା କେହି ହାତକୁ ନେବା ପାଇଁ ପ୍ରସ୍ତୁତ ନାହାନ୍ତି। ଟ୍ରମ୍ପଙ୍କ ଗାଜା ଦଖଲ ଚାପରେ ପଶ୍ଚିମ ଏସିଆରେ ବିତ୍ତଶାଳୀ ରାଷ୍ଟ୍ର ଏହି ଦାୟିତ୍ୱ ହାତକୁ ନେଇ କାର୍ଯ୍ୟାରମ୍ଭର ପଥ ପରିଷ୍କାର ହୋଇଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଆଲୋଚନା ପ୍ରେକ୍ଷାପଟରେ ଶନିବାର ସୁଦ୍ଧା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ସକାଶେ ହମାସ ଉପରେ ଚାପ ପଡ଼ିଥିଲା। ଏପରିକି ସମ୍ଭାବୀ ଆକ୍ରମଣ ସକାଶେ ଇସ୍ରାଏଲ ପକ୍ଷରୁ ଧମକ ମଧ ଦିଆଯାଇଥିଲା। ଅଥଚ ନିଜ ପ୍ରତିରକ୍ଷା ବାହିନୀ ମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ ପରିସ୍ଥିତି ଯାହା ହେଉନା କାହିଁକି ଯୁଦ୍ଧ ବିରତି ଭଙ୍ଗ କରି ସାମରିକ କାର୍ଯ୍ୟାନୁଷ୍ଠାନ ସକାଶେ ସେମାନେ ପ୍ରସ୍ତୁତ ନାହାନ୍ତି। ଅନ୍ୟପକ୍ଷରେ ହମାସ ସନ୍ଧିର ସର୍ତ୍ତ ଅତୁଟ ରଖିଲେ ସେମାନେ କେବଳ ତିନି ଜଣଙ୍କୁ ମୁକ୍ତ କରିବାର ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ ଗାଜା ଯୋଜନା ପଛରେ ଏଭଳି ଏକ ଉଦ୍ଦେଶ୍ୟ ଥିଲାଭଳି ମନେହୁଏ। ଆରବ ଲିଗ୍ ନେତୃତ୍ୱରେ ସାଉଦୀ ଆରବ, ଆରବ ଏମିରେଟ୍, ୟେମେନ, ଲେବାନନ, ଜୋର୍ଡାନ, କାତାର ଓ ମିଶର ପାଲେଷ୍ଟାଇନ ପ୍ରସଙ୍ଗରେ ଆମେରିକାର ଚାପ ନିକଟରେ ମୁଣ୍ଡ ନଇଁବାକୁ ପ୍ରସ୍ତୁତ ନଥିବା ବେଳେ ଟ୍ରମ୍ପ ମଧ ଇସ୍ରାଏଲ ସ୍ୱାର୍ଥ ରକ୍ଷା ପାଇଁ ସେମାନଙ୍କୁ ଅସନ୍ତୁଷ୍ଟ କରିବା ଚାହାନ୍ତିନି। ତେବେ ଏବେ ମଧ ଇରାନ୍ ଆମେରିକା ସକାଶେ ଚିନ୍ତାର କାରଣ ହୋଇ ରହିଛି। ସେଠାକାର କ୍ଷମତା କେନ୍ଦ୍ରରେ ପରିବର୍ତ୍ତନ ସକାଶେ ଆମେରିକା ବିଦ୍ରୋହୀଙ୍କୁ ସବୁପ୍ରକାର ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସିଛି। ସେମାନଙ୍କ ବିରୋଧରେ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଇରାନ୍‌ରେ ବିଦ୍ରୋହ ଓ ବିଦ୍ୱେଷ ବଳବତ୍ତର ରହିଛ। ଏକଥା ସତ ଯେ ରୁଷର ଅନ୍ୟତମ ସହଯୋଗୀ ରାଷ୍ଟ୍ର ଇରାନ। ନିଜର ସାମରିକ ଶକ୍ତି ବୃଦ୍ଧି ପାଇଁ ପୁଟିନଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ମଧ୍ୟପ୍ରାଚ୍ୟରେ ଇରାନ ହେଉଛି ଆମେରିକା ଓ ରୁଷର ଶକ୍ତି ପରୀକ୍ଷା କେନ୍ଦ୍ର। ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପଙ୍କ ସୁସମ୍ପର୍କ ସତ୍ତ୍ୱେ ଦୁଇରାଷ୍ଟ୍ର ମଧ୍ୟରେ ପରସ୍ପର ବିରୋଧୀ କୂଟନୈତିକ ଗୋଟିଚାଳନା ଜାରିରହିଛି ଓ ଆଗକୁ ରହିବ ମଧ। ପୁଟିନଙ୍କ ସହ ସାକ୍ଷାତ ଆଲୋଚନା ବେଳେ ଟ୍ରମ୍ପ ଆମେରିକା ପ୍ରସ୍ତୁତ କରୁଥିବା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ବିଷୟରେ ସୂଚନା ଦେଇଛନ୍ତି। ଏହାର ପୃଷ୍ଠଭାଗରେ ରହିଛି ଇରାନ ବିରୋଧରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ। ହେଜବୋଲ୍ଲା ମୁଖିଆଙ୍କ ହତ୍ୟା ଘଟଣାରେ କ୍ଷୁବ୍ଧ ହୋଇ ଇରାନ କରିଥିବା କ୍ଷେପଣାସ୍ତ୍ର ମାଡ଼ର ସଠିକ ଉତ୍ତର ଦେବା ପାଇଁ ଏବେ ମଧ ଅପେକ୍ଷା କରିଛି ଇସ୍ରାଏଲ୍। ପୁଟିନଙ୍କୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ରର ଇଙ୍ଗିତରେ ଇରାନ ଉପରେ ସମ୍ଭାବ୍ୟ ଆକ୍ରମଣର ସୂଚନା ଦେଇଛନ୍ତି ଟ୍ରମ୍ପ। ଆମକୁ ଏଠାରେ ସ୍ୱୀକାର କରିବାକୁ ପଡ଼ିବ ଯେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧରେ ୪୫ ହଜାରରୁ ଊର୍ଦ୍ଧ୍ୱ ଆବାଳବୃଦ୍ଧବନିତା ନିହତ ହୋଇଛନ୍ତି। ଏଭଳି ଏକ ଅମାନବୀୟ ନରସଂହାର ବିରୋଧରେ ବିଶ୍ୱଜନମତ ସୃଷ୍ଟି ହୋଇଥିଲେ ମଧ ଯୁଦ୍ଧ ଜାରି ରହିଥିଲା। ଏଥିସକାଶେ କେବଳ ଇସ୍ରାଏଲ୍ ନୁହେଁ, ଆମେରିକା ମଧ ସମ ପରିମାଣରେ ଦାୟୀ। ଆମେରିକା ଅନ୍ୟତମ ପକ୍ଷ ହୋଇଯାଇଥିବାରୁ ଏହି ଯୁଦ୍ଧର ବିରାମ ବା ବିରତି କେବେ ଘଟିବ ସେନେଇ ଅନିଶ୍ଚିତତା ଲାଗି ରହିଥିଲା। ଟ୍ରମ୍ପଙ୍କ ଅହଂକାର ଓ ଅନ୍ୟମାନଙ୍କ ପ୍ରତି ପ୍ରଦର୍ଶନ କରୁଥିବା ଅନମନୀୟ ମନୋଭାବ ସତ୍ତ୍ୱେ ସ୍ୱୀକାର କରିବାକୁ ପଡ଼ିବ ଯେ ରାଷ୍ଟ୍ରପତି ରୂପେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କୂଟନୈତିକ ଚାପ ପ୍ରୟୋଗ କରି ୧୪ ମାସ ଧରି ଚାଲିଥିବା ଯୁଦ୍ଧରେ ବିରାମ ଆଣିଛନ୍ତି।

# ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ଆଧାରିତ ଚଳଚିତ୍ର 'ଛାୱା'

### ଗୋଲଖ ଚନ୍ଦ୍ର ଦାସ

ସ୍ୱରାଜ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ, ସ୍ୱରାଜ ବଂଚିଛି... ଏହି ସଂଳାପ 'ଛାୱା' ଚଳଚିତ୍ର ଦେଖିସାରି ପ୍ରେକ୍ଷାଳୟରୁ ବାହାରୁଥିବା ଯୁବପୀଢିମାନଙ୍କ ମୁହଁରୁ ଏହା ଶୁଣାଯାଉଥିଲା। ଏହି ସଂଳାପଟି ସମଗ୍ର ଥିଏଟରରେ ପ୍ରତିଧ୍ୱନିତ ହେଉଥିଲା। ଏହି ସଂଳାପ ଫିଲ୍ମର ଆତ୍ମାକୁ ପ୍ରତିଫଳିତ କରେ ଏବଂ ଏହା ସମସ୍ତଙ୍କୁ ପ୍ରେରଣା ଯୋଗାଇଛି। ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଛାୱା' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଏବଂ ପ୍ରଥମ ଦିନରେ ହିଁ ଏହାକୁ ଜବରଦସ୍ତ ସଫଳତା ମିଳିଛି। ଏହି ଫିଲ୍ମରେ ଭିକି କୌଶଳ, ରଶ୍ମିକା ମଣ୍ଡାନ୍ନା ଏବଂ ଅକ୍ଷୟ ଖାନ୍ନା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ଏବଂ ସେମାନଙ୍କର ଚମତ୍କାର ଅଭିନୟ ଦର୍ଶକଙ୍କୁ ବହୁତ ପସନ୍ଦ ଆସୁଛି।

ଇତିହାସରେ ଆମେ ଛତ୍ରପତି ଶିବାଜୀ ମହାରାଜଙ୍କ ଉପରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପଢ଼ିଛୁ, କିନ୍ତୁ ତାଙ୍କ ପୁଅ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ବିଷୟରେ ଆମେ ଅଧିକ ପଢ଼ିପାରୁନାହୁଁ। ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକରଙ୍କ ଚଳଚ୍ଚିତ୍ର 'ଛାୱା' ଛତ୍ରପତି ସମ୍ଭାଜୀ ମହାରାଜଙ୍କ ବୀରତ୍ୱକୁ ଚିତ୍ରଣ କରିଛି, ଯାହା ଯୋଗୁଁ ତାଙ୍କର ନାମ ଛାୱା (ସିଂହ ଛୁଆ) ରଖାଯାଇଥିଲା। ଯିଏ ନଅ ବର୍ଷ ପର୍ଯ୍ୟନ୍ତ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଜୀବନକୁ ନିୟନ୍ତ୍ରଣରେ ରଖିଥିଲେ। ଯାହାଙ୍କ ଗର୍ଜନରେ ମରାଠାମାନେ ମୋଗଲ ସୁଲତାନତକୁ ଚ୍ୟାଲେଞ୍ଜ କରିବା ପାଇଁ ଏକତ୍ରିତ ହୋଇଥିଲେ। ଲକ୍ଷ୍ମଣଙ୍କ ଚଳଚ୍ଚିତ୍ରର କାହାଣୀ ପ୍ରସିଦ୍ଧ ମରାଠୀ ଔପନ୍ୟାସିକ ଶିବାଜୀ ସାୱନ୍ତଙ୍କ ମରାଠୀ ଉପନ୍ୟାସ 'ଛାୱା' ଉପରେ ଆଧାରିତ।

ଛତ୍ରପତି ଶିବାଜୀ ମହାରାଜଙ୍କ ମୃତ୍ୟୁ ପରେ 'ଛାୱା' ର କାହାଣୀ ସୃଷ୍ଟି ହେଉଛି। ଶିବାଜୀ ଶିବଲୋକ ଯିବା ପରେ ସମ୍ଭାଜୀ ରାୟଗଡ଼ର ସିଂହାସନ ପାଇଥିଲେ। ଏହି ଫିଲ୍ମଟି ସମ୍ଭାଜୀ ଏବଂ ଔରଙ୍ଗଜେବଙ୍କ ନଅ ବର୍ଷର ଜୀବନ ଉପରେ ଆଧାରିତ। ୧୬୮୦ ରୁ ୧୬୮୯ ସମୟର ଏହି କାହାଣୀ ଦୁଃଖଦ ଏବଂ ଦୁଃଖଦ ଅପେକ୍ଷା ଅଧିକ ଭୟଙ୍କର। ମୋଗଲ ସାମ୍ରାଜ୍ୟର ସମ୍ରାଟ ଔରଙ୍ଗଜେବ ଅନୁଭବ କରନ୍ତି ଯେ ଏବେ ଦାକ୍ଷିଣାତ୍ୟରେ ତାଙ୍କୁ ପରାସ୍ତ କରିବା ପାଇଁ ଆଉ କେହି ନାହାନ୍ତି। ସେ ଏବେ ଏକାକୀ ମରାଠାମାନଙ୍କୁ ଶାସନ କରିପାରିବେ। କିନ୍ତୁ ସେ ଏହି କଥା ଜାଣି ନଥିଲେ ଯେ ଛତ୍ରପତି ଶିବାଜୀ ମହାରାଜଙ୍କ ୨୪ ବର୍ଷୀୟ ନିର୍ଭୀକ ଏବଂ ସାହସୀ ପୁଅ ସମ୍ଭାଜୀ ଓରଫ ଛାୱା (ଭିକି କୌଶଳ) ତାଙ୍କ ପିତାଙ୍କ ସ୍ୱରାଜ ସ୍ୱପ୍ନକୁ ଆଗକୁ ବଢାଇବାକୁ ଦୃଢ଼ ସଂକଳ୍ପବଦ୍ଧ। ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ସମ୍ଭାଜୀଙ୍କ ପତ୍ନୀ (ରଶ୍ମିକା ମଣ୍ଡାନ୍ନା) ମଧ ତାଙ୍କ ସାହସୀ ରାଜାଙ୍କ ସହିତ ଛିଡ଼ା ହୋଇଛନ୍ତି। ସମ୍ଭାଜୀ ତାଙ୍କର ସେନାପତି, ସାର୍ ଲସ୍କର ଓରଫ ହାମ୍ବିରରାଓ ମୋହିତେ (ଆଶୁତୋଷ ରାଣା) ଏବଂ ସାହସୀ ସୈନିକମାନଙ୍କ ସହିତ, ଔରଙ୍ଗଜେବଙ୍କ ସୁଲତାନତର ଏକ ଗୁରୁତ୍ୱପୂର୍ଣ୍ଣ ଗଡ଼ ବୁରହାନପୁର ଉପରେ ଆକ୍ରମଣ କରନ୍ତି। ଏହା ପରେ ହିଁ ଔରଙ୍ଗଜେବ, ତାଙ୍କ ଝିଅ (ଡାଏନା ପେଂଟ) ଏବଂ ବିଶାଳ ମୋଗଲ ସେନା ସମ୍ଭାଜୀଙ୍କ ସାହସିକତା ବିଷୟରେ ଜାଣିପାରିଲେ। ଏହି ପ୍ରଥମ ବିଜୟ ପରେ ସମ୍ଭାଜୀ ଏବଂ ତାଙ୍କର ଶକ୍ତିଶାଳୀ ସେନା ନଅ ବର୍ଷ ଧରି ଔରଙ୍ଗଜେବଙ୍କ ସୁଲତାନତର ବିଭିନ୍ନ ଦୁର୍ଗ ଉପରେ ଆକ୍ରମଣ କରି ତାଙ୍କର ରଣନୀତିକୁ ନଷ୍ଟ କରିଦେଲେ। ଏହାପରେ ସମ୍ଭାଜୀ ଔରଙ୍ଗଜେବଙ୍କ ପାଇଁ ଏତେ କଂଟା ପାଲଟି ଯାଇଥିଲେ ଯେ ସେ ତାଙ୍କର ସମସ୍ତ କୂଟନୈତିକ ଚାଲ ସତ୍ତ୍ୱେ ତାଙ୍କୁ ହଟାଇ ପାରିଲେ ନାହିଁ। କିନ୍ତୁ ତା'ପରେ ମହାବୀର ସମ୍ଭାଜୀ, ଯିଏ ସିଂହ ଗର୍ଜନ ପରି ନିର୍ଭୀକ ଏବଂ ପବନ ପରି ଚତୁର ଥିଲେ, ତାଙ୍କ ନିଜ ଲୋକଙ୍କ ଦ୍ୱାରା ବିଶ୍ୱାସଘାତକତାର ଶୀକାର ହେଲେ। ସମ୍ଭାଜୀଙ୍କୁ ବନ୍ଦୀ କରିବା ପାଇଁ ଔରଙ୍ଗଜେବ ଦିଲ୍ଲୀ ଛାଡିଛନ୍ତି। ସଙ୍ଗମେଶ୍ୱରରେ ଅପେକ୍ଷା କରି ରହିଥିବା ତାଙ୍କର ପରମ ଶତ୍ରୁ ଔରଙ୍ଗଜେବ ସମ୍ଭାଜୀଙ୍କୁ ଗିରଫ କରନ୍ତି। ଔରଙ୍ଗଜେବଙ୍କ ହାତରେ ସମସ୍ତ ଆତ୍ମାକୁ ଆନ୍ଦୋଳିତ କରୁଥିବା ଶାରୀରିକ ନିର୍ଯାତନା ପରେ, 'ଛାୱା' କ'ଣ ତାଙ୍କ ଶତ୍ରୁ ନିକଟରେ ଆତ୍ମସମର୍ପଣ କରିବେ? ଏହା ଜାଣିବା ପାଇଁ ଆପଣଙ୍କୁ ଫିଲ୍ମ ଦେଖିବାକୁ ପଡିବ।

ସମ୍ଭାଜୀଙ୍କୁ ସମଗ୍ର ସିନେମାରେ କେବଳ ଲଢୁଥିବା ଦେଖାଯାଇଛି। ସେ ହତ୍ୟା କରିବାରେ କୌଣସି ଦ୍ୱିଧା ଦେଖାନ୍ତି ନାହିଁ ଏବଂ ଯୁଦ୍ଧ କରିବା ପାଇଁ ଅନେକ ଥର ନିଜର ଛଦ୍ମବେଶ ପରିବର୍ତ୍ତନ କରୁଥିବାର ଦେଖାଯାଏ। ଔରଙ୍ଗଜେବଙ୍କୁ ଅପମାନିତ କରିବା ପାଇଁ ତାଙ୍କୁ ଏଠାରେ ବାରମ୍ବାର ଔରଙ୍ଗ ନାମରେ ଡକାଯାଉଛି। ତାଙ୍କ ପୁଅ ଆକବର ସମ୍ଭାଜୀଙ୍କ ସାହାଯ୍ୟ ପାଇଁ ବାରମ୍ବାର ନିବେଦନ କରୁଥିବା ଦେଖାଯାଇଛି। ସେ ସ୍ୱରାଜର ପତାକା ଉତୋଳନ କରିବାରେ ସମ୍ଭାଜୀଙ୍କୁ ସମର୍ଥନ କରିବାକୁ ମଧ ଚାହାଁନ୍ତି। କେବଳ ଔରଙ୍ଗଜେବ ଯିଏ ତାଙ୍କ ପିତା ସମ୍ରାଟଙ୍କୁ ବନ୍ଦୀ ଅବସ୍ଥାରେ ହତ୍ୟା କରିଥିଲେ, ସେ ତାଙ୍କ ରାସ୍ତାରେ ପ୍ରତିବନ୍ଧକ। ଝିଅଟି ଔରଙ୍ଗଜେବଙ୍କଠାରୁ ଅଧିକ ନିଷ୍ଠୁର; ସେ ବନ୍ଦୀ ସମ୍ଭାଜୀଙ୍କୁ ନିର୍ଯାତନା ଦେଇ ହତ୍ୟା କରିବାରେ ଆନନ୍ଦ ପାଏ। ଏହି ଚଳଚ୍ଚିତ୍ରର କ୍ଲାଇମାକ୍ସ ଅତ୍ୟଧିକ ଭୟଙ୍କର। ଫିଲ୍ମର କ୍ଲାଇମାକ୍ସ ଆହୁରି ଦୁଇ-ତିନୋଟି କଥା କହେ। ପ୍ରଥମତଃ, ଜୀବନ କେବଳ ସେତିକି ଯେତିକି ଆମେ ବଂଚିବାକୁ ଏବଂ ସମ୍ମାନର ସହିତ ବଞ୍ଚିବାକୁ ଚାହୁଁ। କାହା ଆଗରେ ଆଣ୍ଠୁ ମାଡ଼ି ଭିକ୍ଷା ମାଗିବା ଅପେକ୍ଷା ମୃତ୍ୟୁ ଭଲ। ସେଥିପାଇଁ ଔରଙ୍ଗଜେବଙ୍କ ଝିଅ କୁହନ୍ତି, ସେ ତାଙ୍କ ମୃତ୍ୟୁର ଉତ୍ସବ ପାଳନ କରି ଚାଲିଗଲେ ଏବଂ ତାଙ୍କ ଜୀବନ ପାଇଁ ଶୋକ କରିବା ପାଇଁ ଆମକୁ ଛାଡ଼ିଗଲେ। ଦ୍ୱିତୀୟତଃ, ସମ୍ଭାଜୀଙ୍କ ପତ୍ନୀଙ୍କ ଦୁଇ ଭାଇ ବିଶ୍ୱାସଘାତକ ବୋଲି ଜଣାପଡ଼ିଲା ଏବଂ କେବଳ ଏହି ଦୁଇ ଭାଇ ନୁହେଁ, ମରାଠା ସାମ୍ରାଜ୍ୟର କେତେଜଣ ସୁବେଦାର ମଧ ସମ୍ଭାଜୀଙ୍କ ସହିତ ବିଶ୍ୱାସଘାତକତା କରିଥିଲେ। ତୃତୀୟ କଥା ଯାହା ବହୁତ କମ୍ ଲୋକ ଜାଣନ୍ତି ତାହା ହେଉଛି ଶିବାଜୀ ଦ୍ୱିତୀୟ ବିବାହ କରିଥିଲେ। ଏବଂ ତାଙ୍କର ଦ୍ୱିତୀୟ ପତ୍ନୀ ସୋୟରାବାଇ ଯେକୌଣସି ମୂଲ୍ୟରେ ସମ୍ଭାଜୀଙ୍କ ଅନ୍ତ ଦେଖିବାକୁ ଚାହୁଁଥିଲେ ଏବଂ ଏଥିପାଇଁ ସେ ଔରଙ୍ଗଜେବଙ୍କୁ ଏକ ଚିଠି ମଧ ଲେଖିଥିଲେ।



'ଛାୱା' ଚଳଚ୍ଚିତ୍ର ଦେଖିବା ପାଇଁ ଦର୍ଶକଙ୍କ କୌତୁହଳ କ'ଣ ହୋଇପାରେ ସେ ବିଷୟରେ ପ୍ରତ୍ୟେକ ଦର୍ଶକଙ୍କ ମତ ଭିନ୍ନ ଭିନ୍ନ ହୋଇପାରେ। ଏହି ଫିଲ୍ମକୁ ଶେଷ ପର୍ଯ୍ୟନ୍ତ ଦେଖିବା ପାଇଁ ବହୁତ ସାହସ ଆବଶ୍ୟକ। ଏହି ଫିଲ୍ମ ଦେଖିବାର କାରଣ ହେଉଛି ପୂଜ୍ୟ ଶିବାଜୀଙ୍କ ପୁତ୍ର ସମ୍ଭାଜୀଙ୍କ କାହାଣୀ। ମରାଠୀରେ ସିଂହ ଛୁଆକୁ 'ଛାୱା' କୁହାଯାଏ। ଯଦି ଆପଣ ଶିବାଜୀ ସାୱନ୍ତଙ୍କ ଦ୍ୱାରା ଲିଖିତ ପୌରାଣିକ ଉପନ୍ୟାସ 'ମୃତ୍ୟୁଞ୍ଜୟ' ଏବଂ 'ଯୁଗନ୍ଧର' ପଢ଼ିଛନ୍ତି, ତେବେ ଆପଣ ଅନୁଭବ କରିବେ ଯେ ସେ ତାଙ୍କ ବର୍ଣ୍ଣନାକୁ ତଥ୍ୟ ସହିତ ମିଶ୍ରଣ କରିବାର କଳାରେ ପାରଙ୍ଗମ ହୋଇଛନ୍ତି। ଏପରି ପରିସ୍ଥିତିରେ ତାଙ୍କ ଐତିହାସିକ ଉପନ୍ୟାସ 'ଛାୱା' ଉପରେ ଆଧାରିତ ଏହି ଚଳଚ୍ଚିତ୍ରର କାହାଣୀ କେତେ ତାଙ୍କର, ଚଳଚ୍ଚିତ୍ର ନିର୍ମାତାମାନେ ସେମାନଙ୍କ କଳ୍ପନାରୁ କେତେ ଯୋଡିଛନ୍ତି ଏବଂ ଏହାର ତଥ୍ୟ କେତେ ସଠିକ୍ ତାହା କେହି କହିପାରିବେ ନାହିଁ।

ଅଭିନେତା ଭିକି କୌଶଳଙ୍କ ଅଭିନୟ ବିଷୟରେ ଯଦି ଆଲୋଚନା କରିବା ତେବେ ତାଙ୍କର ପ୍ରତ୍ୟେକ ଆଲୋଚନାରେ 'ଛାୱା' ଫିଲ୍ମର ଉଲ୍ଲେଖ ନିଶ୍ଚିତ ଭାବରେ ରହିବ। ଐତିହାସିକ ଚରିତ୍ରରେ ଅଭିନୟ କରିବା ପାଇଁ ଭିକିଙ୍କର ଆଗ୍ରହ, ଯାହା ପାଇଁ ସେ ତାଙ୍କର ଶରୀର ଏବଂ ରୂପକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରନ୍ତି, ଏଥର ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ଏହାର ସୁଯୋଗ ନେଇଛନ୍ତି। ଭିକି କୌଶଳ ସମ୍ଭାଜୀଙ୍କ ଚରିତ୍ରରେ ଜୀବନ୍ତତା ଆଣିଛନ୍ତି, ଯେପରି ସେ ପୂର୍ବରୁ ସର୍ଦ୍ଦାର ଉଧମ ସିଂହ ଏବଂ ସାମ ମାନେକଶଙ୍କ ଜୀବନୀରେ ଅଭିନୟ କରିଥିଲେ। 'ଛାୱା' ଚଳଚ୍ଚିତ୍ରଟି ସେହି ମୁଖ୍ୟ ବିନ୍ଦୁଗୁଡ଼ିକ ଉପରେ ନିର୍ମିତ ଯେଉଁଠାରେ ସମ୍ଭାଜୀଙ୍କୁ ଲଢୁଥିବା ଦେଖାଯାଇଛି। ଯେତେବେଳେ ସମ୍ଭାଜୀ ଯୁଦ୍ଧ କରୁନାହାଁନ୍ତି, ସେ ତାଙ୍କ ପିଲାଦିନର ଭୟଙ୍କର କଥା ସ୍ୱପ୍ନ ଦେଖୁଛନ୍ତି କିମ୍ବା ତାଙ୍କ ସ୍ତ୍ରୀ ୟେସୁବାଇଙ୍କ ସହିତ ଶ୍ରୀ ଏବଂ ସଖୀ ଶ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା କରୁଥିବାର ଦେଖାଯାଉଛି।

ରଶ୍ମିକା ମଣ୍ଡାନ୍ନା 'ଛାୱା' ଚଳଚ୍ଚିତ୍ରରେ ମରାଠା ରାଣୀ ୟେସୁବାଇଙ୍କ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମରେ ଦିବ୍ୟା ଦତାଙ୍କ ଚରିତ୍ର ତାଙ୍କ ଅପେକ୍ଷା ଅଧିକ ଜୀବନ୍ତ। ଶିବାଜୀଙ୍କ ଦ୍ୱିତୀୟ ପତ୍ନୀ ସୋୟରାବାଇ ଭୂମିକାରେ ଅଭିନୟ କରୁଥିବା ଦିବ୍ୟା ତାଙ୍କ ପୁଅକୁ ମହାରାଜା କରିବାକୁ ବ୍ୟାକୁଳ। ଫିଲ୍ମରେ ସହାୟକ କଳାକାରଙ୍କ ମଧ୍ୟରେ ବିନୀତ ସିଂହ ସର୍ବୋତମ କାମ କରିଛନ୍ତି। ସେ ସମ୍ଭାଜୀଙ୍କ ଦରବାର କବି। କବି କଳଶ ମଧ କ୍ଲାଇମାକ୍ସରେ ଯୁଦ୍ଧ ଲଢ଼ିଥିଲେ ଏବଂ ସମ୍ଭାଜୀଙ୍କ ବ୍ୟତୀତ ଔରଙ୍ଗଜେବଙ୍କ ଦ୍ୱାରା ବନ୍ଦୀ ହୋଇଥିବା ଦ୍ୱିତୀୟ ମରାଠା ଥିଲେ। ଆଶୁତୋଷ ରାଣାଙ୍କୁ ନିଜସ୍ୱ ଭୂମିକା ମିଳିଲା ନାହିଁ। ସେନାପତି ପଦବୀରେ ଥିବା ସତ୍ତ୍ୱେ ତାଙ୍କୁ କୌଣସି ସ୍ଥାନରେ ଯୁଦ୍ଧ ସଂରଚନା କରିବାର ଦେଖାଯାଇ ନଥିଲା। ଏହା ଦେଖାଯାଉଛି ଯେପରି ଡାଏନା ପେଂଟିଙ୍କୁ ଅକ୍ଷୟ ଖାନ୍ନାଙ୍କ ସହିତ ରଖାଯାଇଛି କେବଳ ଫ୍ରେମକୁ ସନ୍ତୁଳିତ କରିବା ପାଇଁ। ଏବଂ ଅକ୍ଷୟ ଖାନ୍ନା ତାଙ୍କ କପାଳରେ ଥିବା କୃତ୍ରିମ ମୁହଁର କୁଂଚନ ଏବଂ ନମାଜ ଚିହ୍ନ ସହିତ ବହୁତ ରଙ୍ଗ ଯୋଡିଛନ୍ତି। ହିନ୍ଦୀ ସିନେମାରେ ଶକ୍ତିଶାଳୀ ଖଳନାୟକଙ୍କ ଅଭାବ ପୂରଣ କରିବାରେ ଏହି ପରୀକ୍ଷଣ ଏକ ନୂତନ ମୋଡ଼ ଆଣିପାରିବ। ଫିଲ୍ମକୁ ସଫଳ କରିବାରେ ପୃଷ୍ଠଭୂମି ସଙ୍ଗୀତର ଏକ ପ୍ରମୁଖ ଭୂମିକା ରହିଛି। ଏହି ଚଳଚିତ୍ରରେ ଏ.ଆର.ରେହମାନଙ୍କ ସଂଗୀତର ଯାଦୁ ରହିଛି।

ଫିଲ୍ମ ଦେଖିବା ପାଇଁ ଥିଏଟରରେ ପ୍ରବଳ ଭିଡ଼ ହେଉଛି। ସିନେମା ଦେଖିସାରି ଫେରୁଥିବା ଦର୍ଶକଙ୍କଠାରୁ ମତାମତ ନେବାପରେ ଜଣାପଡୁଛି ଯେ, ସମସ୍ତେ ଏହାକୁ ପ୍ରଶଂସା କରୁଛନ୍ତି। ଫିଲ୍ମ ଦେଖିବା ପରେ ବାହାରକୁ ଆସିଥିବା ଅର୍ଜୁନ ନାୟକ କହିଥିଲେ ଯେ ଏହା ଏହି ବର୍ଷର ସର୍ବୋତମ ଫିଲ୍ମ। ଏହା ପୂର୍ବରୁ ମୁଁ 'ସ୍କାଏ ଫୋର୍ସ' ଦେଖିଥିଲି, କିନ୍ତୁ 'ଛାୱା'ରେ ରୋମାଂଚ ବହୁତ ଅଧିକ।

ବାଙ୍ଗୀରପୋଷିରୁ ଭୁବନେଶ୍ୱରକୁ ସିନେମା ଦେଖିବାକୁ ଆସିଥିବା ସସ୍ମିତା ଏହି ସମୟରେ କହିଛନ୍ତି, ଭିକି କୌଶଳଙ୍କ ଶରୀର ଭାଷା ଏବଂ ସଂଳାପ ପରିବେଷଣ ଏତେ ଚମତ୍କାର ଯେ ଏହା ଅନୁଭବ ହେଲା ଯେପରି ଆମେ ଇତିହାସର ସେହି ଯୁଗରେ ପହଁଚିଛୁ। ପୂରା ଫିଲ୍ମ ସମୟରେ ଆମେ ଏପରି ଅନୁଭବ କରିନଥିଲୁ ଯେ ଆମେ କୌଣସି ସିନେମା ହଲରେ ବସିଛୁ।

ଅଧିବକ୍ତା ସଂଜୟ ପତ୍ରୀ ଫିଲ୍ମର ନିରପେକ୍ଷତାକୁ ପ୍ରଶଂସା କରିଥିଲେ। ସେ କହିଥିଲେ, 'ଛାୱା'କୁ ବହୁତ ସନ୍ତୁଳିତ ଭାବରେ ତିଆରି କରାଯାଇଛି। କୌଣସି ଦିଗକୁ ଅତ୍ୟଧିକ ଉଚ୍ଚ କିମ୍ବା ଅତ୍ୟଧିକ ନିମ୍ନ ଭାବରେ ଦେଖାଯାଇ ନାହିଁ, ଯାହା ଏହାକୁ ଆହୁରି ପ୍ରଭାବଶାଳୀ କରିଛି।

ଚଳଚ୍ଚିତ୍ରଟିକୁ ଧ୍ୟାନପୂର୍ବକ ଦେଖନ୍ତୁ, କ୍ଲାଇମାକ୍ସ ବହୁତ ଲମ୍ବା ଏବଂ ଯଦି ଆପଣ ଏହି ସମୟରେ ନର୍ଭସ ଅନୁଭବ କରୁଛନ୍ତି, ତେବେ ବାହାରକୁ ଯାଇ କିଛି ତାଜା ପବନ ନେବାକୁ ଭୁଲନ୍ତୁ ନାହିଁ।

ଘିଗିଡିଆ, ବାରୁଅ, କେନ୍ଦ୍ରପଡା
ମୋ-୯୮୬୧୦୨୮୫୫୩

# ବହୁତ ଦିନ ପରେ ଆମ ଜିଲ୍ଲା ପାଇଁ କିଛି ଭଲ ଖବର ଆସିଲା



### ସୁବ୍ରତ କର

ସତରେ କଣ ନୂଆ ସରକାର ଆମ ଜିଲ୍ଲାକୁ ଅଣଦେଖା କରୁଛନ୍ତି କି? ଆଠମାସ ବିତିଲା ପରେ ମଧ ଆମ ଜିଲ୍ଲାରୁ କେହି ହେଲେ ଜଣେ ମନ୍ତ୍ରୀ ହୋଇ ପାରି ନାହାନ୍ତି। ଆମ ଜାଣିବାରେ ଏ ପର୍ଯ୍ୟନ୍ତ ହିସାବନୁସାରେ ୬ଜଣ ମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇ ପାରିବେ, କିନ୍ତୁ କରା ହେଉ ନାହିଁ। କେହି ମଧ କୌଣସି ନିଗମର ଅଧକ୍ଷ ହୋଇପାରି ନାହାନ୍ତି ବା କୌଣସି ଦଳୀୟ ଲୋକଙ୍କୁ ରାଜ୍ୟର ଗୁରୁତ୍ୱ ଥିବା କମିଟିରେ ସଭ୍ୟ ପଦ ପାଇ ନାହାନ୍ତି। ଏହିସବୁ ପାଇଁ ଦଳୀୟ ମିଟିଂରେ ଟିକିଏ ଅସନ୍ତୋଷ ପ୍ରକଟ ହୋଇଥିଲା ଏବଂ ଶେଷରେ ଏହି ମାସ ଶେଷ ସୁଦ୍ଧା ସବୁ କିଛି ସଜାଡ଼ିବାର ବ୍ୟବସ୍ଥା କରାହେବ ବୋଲି ମୁଖ୍ୟମନ୍ତ୍ରୀ କହିବା ପରେ ସମସ୍ତେ ଶାନ୍ତ ହୋଇଥିଲେ। ବାଲେଶ୍ୱର ବାସୀଙ୍କ ଆଉ ଗୋଟାଏ ବଡ଼ ଦୁଃଖ ହେଉଛି ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଆମ ଜିଲ୍ଲାକୁ କିଛି ଘଣ୍ଟା ପାଇଁ ଆସି ଫେରି ଯାଇଥିଲେ। ଏହା ତାଙ୍କର ଆସିବା ଜନଗଣ ପାଇଁ ଉଦ୍ଦିଷ୍ଟ ନ ଥିଲା। ଏଥିରୁ କଣ ବୁଝିବା ଯେ ଆମ ମୁଖ୍ୟମନ୍ତ୍ରୀ ଆମ ଜିଲ୍ଲା ଉପରେ ସନ୍ତୁଷ୍ଟ ନୁହଁନ୍ତି ନା ଆମ ଜନ ପ୍ରତିନିଧି ମାନେ ତାଙ୍କୁ ଠିକ୍ ଭାବରେ କରିପାରୁ ନାହାନ୍ତି? ଏଥିରେ ଆସିବା ଆମ ଜିଲ୍ଲା ପାଇଁ ଭଲ ଖବର ସବୁ କଣ? ଆମ ସଦର ପ୍ରତିନିଧିଙ୍କ ମାଧ୍ୟମରେ ଆସିଥିବା ଖବରନୁସାରେ ଜିଲ୍ଲାରେ ବ୍ୟାଙ୍କ ନୋଟ କାଗଜ ଓ ଇଥାନଲ କାରଖାନାକୁ ପ୍ରକଳ୍ପକୁ ଚାଲିଥିବା ଏସେମ୍ବ୍ଲିରେ ଅନୁମୋଦନ କରାହେଲା। ଦୁଇଟି ବହୁତ ଶିଳ୍ପ ମଧ୍ୟରେ ଗୋଟିଏ ହେଲା ରାଷ୍ଟ୍ରୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ ପକ୍ଷରୁ ୮୭୦ କୋଟି ପୁଞ୍ଜି ନିବେଶରେ ଦୈନିକ ୫ ଶହ କିଲୋଲିଟର ଉତ୍ପାଦନ କ୍ଷମତା ବିଶିଷ୍ଟ ଇଥାନଲ କାରଖାନା ଏବଂ ଅନ୍ୟଟି ହେଲା ବ୍ୟାଙ୍କ ନୋଟ ଛପା କାଗଜ ମିଲସ୍ ପାଇଁ ୨୫୦୦ କୋଟି ଟଙ୍କା ବିନିମୟରେ ୧୨ ହଜାର ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା। ଏହାଛଡ଼ା ଏକକ୍ ବାତାୟନ ପ୍ରଣାଳୀ ମାଧ୍ୟମରେ ଏକାଧିକ ପ୍ରକଳ୍ପ ଅନୁମୋଦନ ଲାଭ କରିଛି। ଏହା ଖୁଦ୍ ଶିଳ୍ପ ମନ୍ତ୍ରୀ ବିଧାନସଭାରେ ପ୍ରକାଶ କରିଛନ୍ତି। ଏହାଛଡ଼ା ଜିଲ୍ଲାରେ ଗୁଡ଼ାଏ ବନ୍ଦ ହୋଇଥିବା କଳ କାରଖାନାକୁ ଖୋଲିବାର ବ୍ୟବସ୍ଥା ହେଉଛି। ଏହା ନିଶ୍ଚିତ ବହୁତ ବାଲେଶ୍ୱରବାସୀଙ୍କ ପାଇଁ ଅତି ଭଲ ଖବର ଏବଂ ଆମେ ଆଶା କରିବା ଏଗୁଡ଼ିକ କାର୍ଯ୍ୟକାରୀ ହେଲେ ବହୁ ଯୁବବର୍ଗ ଚାକିରୀ ପାଇଁ ଆଶା କରିପାରିବେ।

ଏହା ସହିତ ଆଉ ଗୋଟାଏ ଅତି ପୁରୁଣା (୨ବର୍ଷର) ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଆଶା କରିହେବ। ସେହି ପ୍ରକଳ୍ପଟି ହେଲା ଭଦ୍ରକ ଏବଂ ଆମ ଜିଲ୍ଲା ଦେଇ ପଶ୍ଚିମବଙ୍ଗକୁ ଯାଉଥିବା କୋଷ୍ଟ କେନାଲର ଖନନ। ଏହି ପ୍ରକଳ୍ପ ପାଇଁ ଶୁଭଙ୍କର ବାବୁ ଏବଂ ତାଙ୍କ ସହିତ କାର୍ଯ୍ୟରତ କିଛି ବନ୍ଧୁମାନେ ଗତ ୨୦ ବର୍ଷ ଲାଗି ରହିଥିଲେ। ଆଜି (ଶନିବାର) ଦିଲ୍ଲୀରୁ ଆସିଥିବା ଏକ ବୈଷୟିକ କମିଟି ଜିଲ୍ଲାର ଥିବା ବିଭିନ୍ନ ପଦ ପଦବୀରେ ଥିବା ଲୋକଙ୍କୁ ଭେଟି ସେମାନଙ୍କର ମତାମତ ନେଇଥିଲେ ସର୍କଟ ହାଉସରେ। ମନେ ହେଲା ଏହି ପ୍ରକଳ୍ପଟି ମଧ ଅତି ଶିଘ୍ର କାର୍ଯ୍ୟକାରୀ ହେବାର। ଏହିଟା କାର୍ଯ୍ୟକାରୀ ହେଲେ କେନାଲର ଦୁଇପଟେ ଏବଂ ଆଖପାଖରେ ଥିବା ବାସିନ୍ଦାମାନଙ୍କର ଆର୍ଥିକ ଅବସ୍ଥା ନିଶ୍ଚିତ ଭାବରେ ସୁଧୁରିବ ବୋଲି ଆଶା କରିବା। ଏହିପରି ହେଲେ ବାଲେଶ୍ୱର ବଦଳିବ।

## କବିତା କୋଣାର୍କ

### ଭ୍ରୁଣ ହତ୍ୟା

**ସୁନୀଲ କୁମାର ପ୍ରଧାନ**



ମାରନି ମତେ ମୋ ଜନ୍ମଦାତା
ଗଢିଛି ମତେ ସେହି ବିଧାତା ।

ଫୁଲ ପରି ମତେ ଫୁଟିବାକୁ ଦିଅ
ଝିଅ ହେଲେ ମଧ ବଞ୍ଚିବାକୁ ଦିଅ ।

ନାଳରେ ମତେ କାହିଁକି ଫିଙ୍ଗୁଛ
ମୋର ସୃଜନ ହୋଇଗଲା ତୁଚ୍ଛ ।

କାନ୍ଦନାର ସ୍ୱର କାହିଁକି ନଶୁଭେ
ଜୀବନ ମୋହର ଅନ୍ଧାରର ଲିଭେ ।

କେତେ କଷ୍ଟ ମତେ ଦେଲୁରେ
ବିଧାତା
ଜନ୍ମିବା ଆଗରୁ ହେଉଛି ପୀଡ଼ିତା ।

ବଞ୍ଚିବି ଯିବି ମୁଁ ମରିବି ନାହିଁ
ମାଆ ବାପାଙ୍କ ଆଶିଷ ପାଇ ।

ଭ୍ରୁଣ ଅଟେ ମୋ ନାମଟି ଜାଣ
ମରୁଥାଏ ମୁଁ ବର୍ଷ ତମାମ ।

ମୋ: ୭୬୦୯୯୩୪୩୬୬

### ଶୀତ ଛାଡିଲାଣି କାନି

**ସୁହଂସ ଭୋଇ**



ଗଛରୁ ପତର ଉତୁରି ଗଲେଣି
ଶୀତ ଛାଡିଲାଣି କାନି
ସକାଳେ ଶିଶିର ଆସୁ ନାହିଁ ଆଉ
ଉଷୁମ ଲାଗୁଛି ପାଣି ଓଓ

ବସନ୍ତ ଓହ୍ଲେଇ ଆସିଛି ମରତେ
ମଳୟର ହାତ ଧରି
କଁଅଳ ପଲ୍ଲବ କଁଅଳି ଉଠୁଛି
ସବୁଜିମା ଯାଏ ଭରି ଓଓ

ମାଧବୀ ଅଶୋକ ଚମ୍ପା ଫୁଟିଲେଣି
ଆସିବାର ବେଳ ଜାଣି
ଆକାଶକୁ ଚାହିଁ ହସଇ ପଳାଶ
ଦେଖେଇ ରୂପର ଠାଣି ଓଓ

ରୁଷା ଫୁଲା ଛାଡି କଳା କୋଇଲିଟି
ଗାଉଛି ଫଗୁଣ ଗୀତି

ଫୁଲରେ ସଜେଇ ବସିଛି ବଗିଚା
ଦେଖି ଖୁସି ପ୍ରଜାପତି ଓଓ

ପବନ ଦୋଳିରେ ଖେଳୁଛି ବଉଳ
ବାସୁଛି ମହୁଲ କୁଚି
ଅଳପ ଅଳପ କରି ମହୁମାଛି
ରସକୁ ରଖୁଛି ସଞ୍ଚି ଓଓ

ଦାମୋଦର ଅଙ୍ଗେ ଲାଗିବ ଅବିର
ଜାଗର ଉଠିବ ଜଳି
ଆସିଛି ବସନ୍ତ ବର୍ଣ୍ଣତୁଳୀ ଧରି
ଦେହେ ଦେବ ରଙ୍ଗ ବୋଲି ଓଓ

ପହଣ୍ଡି,ବିଜେପୁର,ବରଗଡ଼
ମୋ: ୯୪୩୭୫୨୨୪୫୫

### ନୀରବତା...

**ଡା଼ଃ ମନୋରଞ୍ଜନ ଦାଶ**

ନୀରବତାରେ କୋଳାହଳ ନ ଥାଏ
ସିନା,
ତା ଭିତରେ ଥାଏ,
ଆତ୍ମୀୟତା,ଈର୍ଷା, ଯନ୍ତ୍ରଣା ଓ
ଅବଶୋଷ ।
ନୀରବତା ହିଁ ଅନେକ
ସ୍ମୃତିକୁ ହାତ ଧରି ପାଖରେ ବସାଏ ।
ନୀରବତା ତ ନିଜ ଏକାକୀତ୍ୱକୁ
ସଂଘର୍ଷ ର ଗରଜରେ
ବାଟ ଚାଲିବାକୁ ପୋଷଣ ଦିଏ ।
ପୁଣି ଛାତିର କଥାକୁ ସମୀକ୍ଷା
କରୁଥାଏ ।
ସ୍ୱାଭିମାନର ଦାମ୍ଭିକତାକୁ ଉଜୁଡେଇ
ନ ଦେଇ
ଜୀବନର ଇସ୍ତାହାରକୁ ସଠିକ୍
ମାର୍ଗରେ
ଚିହ୍ନେଇଥାଏ, ନୀରବତା ।
ନୀରବତା ଭିତରେ ବିଶ୍ୱାସ ଓ
ଅବିଶ୍ୱାସର
ଛକାପଂଝା ଖେଳ ଦେଖିବାକୁ
ଲଜ୍ୟୋବୋଧ ଘାରେ ।
ସତେ କେତେ ସ୍ୱାର୍ଥପର ଏଠି
ମଣିଷ !
ନୀରବତାକୁ କିଏ ବୁଝୁ ବା ନବୁଝୁ,
ସିଏ ମନର ସଫେଦ୍ ପଣର ଏକାନ୍ତ
ନିଚୋଳ ବନ୍ଧୁଟିଏ ।

ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି : କେନ୍ଦ୍ରାପଡା
ମୋ: ୯୪୩୭୩୧୭୭୨୨

# ଭଲପାଏ ଟାକୁ ଭଲପାଏ

ନିରଞ୍ଜନ ସାହୁ



ଅଚାନକ ଏମିତି ତାଙ୍କ ସହିତ ଭେଟ ହୋଇଯିବ ବୋଲି କଦାପି ଭାବି ନଥିଲେ ପରେଶ। ଅବଶ୍ୟ ଏହି ଭେଟଘାଟକୁ ଅପ୍ରତ୍ୟାଶିତ ବୋଲି ଧରିନେଇ ହେବନାହିଁ । କାରଣ ଏଥିରେ ତାଙ୍କର ଉପସ୍ଥିତି ନିହାତି ପ୍ରାସଙ୍ଗିକତା ଥିଲା ।

ସେଦିନ ସନ୍ଧ୍ୟାରେ ସମ୍ପର୍କୀୟ ବଡ଼ଭାଇଙ୍କର ବାପାଙ୍କ ଏକାଦଶାହ ଶୁଦ୍ଧିକ୍ରିୟା କର୍ମର ଭୋଜିରେ ଯୋଗ ଦେଇଥିଲେ ପରେଶ । ସେ ଯୋଗଦାନ କରିବାର ନିହାତି ଆବଶ୍ୟକତା ଥିଲା ମଧ୍ୟ ସେଦିନ ସନ୍ଧ୍ୟାରେ । କାରଣ ସେହି ବଡ଼ଭାଇଙ୍କ ଆମନ୍ତ୍ରଣକୁ ଉପେକ୍ଷା କରିବାର ସତସାହସ ଜୁଟାଇପାରି ନଥିଲେ ପରେଶ । ତେଣୁ ନିଜର ଅନିଚ୍ଛାକୁ ନିଜ ଭିତରେ ଦମନ କରି ସେ ବାଧ୍ୟ ହୋଇ ପହଞ୍ଚିଥିଲେ ସେଠାରେ ।

ସେଠାରେ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭାର ଆୟୋଜନ କରାଯିବା ସହିତ ଭୁରିଭୋଜନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ସ୍ମୃତି ସଭାରେ ବକ୍ତାମାନେ ସ୍ୱର୍ଗୀୟ ଆତ୍ମାର ସଦଗତି କାମନା କରିବା ସହିତ ସ୍ମୃତିଚାରଣ ମଧ୍ୟ କରିଚାଲିଥିଲେ । ମଝିରେ ମଝିରେ ଭଜନ ଜଣାଣ ଗାୟନ ମଧ୍ୟ କରାଯାଉଥିଲା । ଏହା ସହିତ ଭାଇସାହି, ବନ୍ଧୁବାନ୍ଧବ ଓ ଆମନ୍ତ୍ରିତ ଅତିଥିମାନେ ଭୋଜିଭାତ ଖାଇ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କରୁଥିଲେ । ମୋଟାମୋଟି ସେଦିନର ଏହି କାର୍ଯ୍ୟକ୍ରମ ଏକ ସୁନ୍ଦର ବନ୍ଧୁମିଳନ କାର୍ଯ୍ୟକ୍ରମ ପରି ଅନୁମେୟ ହୋଇଥିଲା।

ସେଦିନ ସନ୍ଧ୍ୟାର ଏହି କୋଳାହଳ ଭିତରେ ନିଜକୁ ହଜାଇ ନଦେଇ ପରେଶ ଟିକେ ଦୂରରେ ନିରୋଳାରେ ଏକ ଚେୟାର ପକାଇ ବସିଥିଲେ । ମନ ମଧ୍ୟରେ ବିଭିନ୍ନ ପ୍ରକାର ଅଜବ ଭାବନା ଉଙ୍କି ମାରୁଥିଲା । ସ୍ମୃତି ସଭାରେ ବକ୍ତାମାନଙ୍କର ଆତ୍ମାପରମାତ୍ମା,ମୃତ୍ୟୁ ପରର ଜୀବନ ଇତ୍ୟାଦି ବାବଦରେ ବକ୍ତବ୍ୟ ଶୁଣିଶୁଣି ପରେଶ ଟିକେ ଅନ୍ୟମନସ୍କ ହୋଇ ପଡୁଥିଲେ ଯେମିତି । ହଠାତ ତାଙ୍କ ନଜର ପଡିଯାଇଥିଲା ସ୍ମୃତି ସଭାର ମଞ୍ଚତଳେ ଛିଡା ହୋଇଥିବା ଜନୈକ ଭଦ୍ରମହିଳାଙ୍କ ଉପରେ । ବୟସ ଟିକେ ଗଡିଯାଇଥିବାରୁ ସେହି ଭଦ୍ର ମହିଳଙ୍କ ଶାରୀରିକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ପରେଶ ତାଙ୍କୁ ଚିହ୍ନିବାରେ ବି ସାମାନ୍ୟ ତ୍ରୁଟି କରିନଥିଲେ । ତାଙ୍କର ଅନୁମାନ ଠିକ ହୋଇଥିଲା । ସେ ଦୂରରୁ ନିରୀକ୍ଷଣ କରି ଅବଗତ ହୋଇଥିଲେ ଯେ ସେହି ଭଦ୍ରମହିଳା ଜଣଙ୍କ ହେଉଛନ୍ତି ନୀଳିମା।

ଏତେଦିନ ପରେ ଅର୍ଥାତ ପ୍ରାୟ ପଚିଶ ବର୍ଷର ବ୍ୟବଧାନ ପରେ ନୀଳିମଙ୍କୁ ଦେଖି ଖୁବ ଭାବପ୍ରବଣ ହୋଇପଡ଼ିଥିଲେ ପରେଶ । ଏଇ ନୀଳିମା......... ଏଇ ନୀଳିମାଙ୍କୁ ନେଇ ସେ ନିଜର ଆଦ୍ୟ ଯୌବନରେ କେତେ ସ୍ୱପ୍ନ ସଦେଖିନଥିଲେ ସତରେ ! ମନେମନେ କେତେ କଳ୍ପନା କରି ନଥିଲେ ନୀଳିମାଙ୍କୁ ନେଇ ସଂସାର କରିବା ପାଇଁ । ନୀଳିମାଙ୍କର ମାଉସୀ ଘର ଥିଲା ଏଇ ସମ୍ପର୍କୀୟ ବଡ଼ଭାଇଙ୍କ ଘର । ପ୍ରତିବର୍ଷ ରଜକୁ ଗାଆଁରେ ଡ୍ରାମା ହୁଏ ତିନିଦିନ ଧରି । ପରେଶ ସେତେବେଳେ ପ୍ରତ୍ୟେକ ନାଟକରେ ମୁଖ୍ୟ ନାୟକ ଭୂମିକାରେ ଅଭିନୟ କରୁଥିଲେ । ସୁନ୍ଦର ଚେହେରା ସାଙ୍ଗକୁ ଦମଦାର ସଂଳାପ କହି ଅଭିନୟ କରି ସେ ସମସ୍ତ ଗ୍ରାମବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ତାଙ୍କ ଅଭିନୟ ଦେଖିବା ଲାଗି ଡ୍ରାମା ପଡିଆରେ ରାତିରେ ନାହିଁ ନଥିବା ଭିଡ଼ ଲାଗିରହୁଥିଲା । ଦର୍ଶକମାନଙ୍କର ତାଳିମାଡ଼ ଓ ପୁରସ୍କାରରେ ପରେଶଙ୍କ ଅଭିନୟ ଆଉ ଟିକେ ଜୀବନ୍ତ ହୋଇ ଉଠୁଥିଲା। ମଞ୍ଚ ଉପରେ ଛିଡା ହୋଇ ବିଭିନ୍ନ ନାୟିକାମାନଙ୍କ ସହିତ ଅଭିନୟ କରିବା ଭିତରେ ପରେଶଙ୍କ ଆଖି ଖୋଜୁଥିଲା ନୀଳିମାଙ୍କୁ । ଆଉ ନୀଳିମାଙ୍କ ଦର୍ଶନ ମିଳିଗଲା ପରେ ପରେଶ ଆଉ ଅଭିନୟରେ ପଛକୁ ଫେରୁନଥିଲେ । ଖୁବ ଉତ୍ସାହ ଆଉ ଆଗ୍ରହ ସହକାରେ ସେ ଏମିତି ଅଭିନୟ କରୁଥିଲେ ସତେଯେପରି ସେ କେବଳ ନୀଳିମାଙ୍କୁ ନିଜ ଅଭିନୟର ଦକ୍ଷତା ପ୍ରଦର୍ଶନ କରୁଛନ୍ତି ଯେମିତି । ତେଣୁ ପ୍ରତିବର୍ଷ ରଜ ସମୟର ଡ୍ରାମାରେ ନୀଳିମା ତାଙ୍କ ମାଉସୀ ଘରକୁ ଆସିଛନ୍ତି କି ନାହିଁ ଏ ଖବର ଅତି ସହଜରେ ସଂଗ୍ରହ କରିନେଉଥିଲେ ପରେଶ । ଆଉ ନୀଳିମା ଆସିଥିବାର ଖବର ହସ୍ତଗତ ହୋଇଯିବା ପରେ ପରେଶଙ୍କ ପାଦ ଆଉ ମାଟିରେ ଲାଗୁନଥିଲା । ସେ ସମସ୍ତଙ୍କ ମନକୁ ମୋହିନେବା ପାଇଁ ଅଭିନୟ ନକରି ସତେଯେପରି ଅଭିନୟରେ ନୀଳିମାଙ୍କ ମନକୁ ଆକର୍ଷିତ କରିବା ପରି ଅଭିନୟ କରିବାକୁ ପ୍ରସ୍ତୁତ ହେଉଥିଲେ ।

ସେତେବେଳକୁ ପରେଶ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର । ଉତ୍ତାଳ ଯୌବନରେ ପଦାର୍ପଣ କରିଥିବା ପରେଶ କିନ୍ତୁ କେବେ ନୀଳିମାଙ୍କୁ ମନଖୋଲି ନିଜ ମନର କଥା କହିପାରିନଥିଲେ। ଠିକ ସେମିତି ଯେଉଁ କେତେଦିନ ଏଠାରେ ନୀଳିମା ରହୁଥିଲେ ସବୁବେଳେ ମନେମନେ ପରେଶଙ୍କୁ ପାଖରେ ଟିକେ ଦେଖିବାକୁ ଇଚ୍ଛା ପ୍ରକଟ କରୁଥିଲେ । ମାତ୍ର ପରେଶଙ୍କୁ ନିଜର ମନର କଥା କହିବାକୁ ସୁଯୋଗ ପାଇ ନଥିଲେ । ଉଭୟଙ୍କ ମନର କଥା ମନ ମଧ୍ୟରେ ସେମିତି ରହିଯାଇଥିଲା ସବୁଦିନ ପାଇଁ । ଉଭୟଙ୍କର ପ୍ରେମ କେଉଁଠି କାହା ପାଖରେ ବି ପ୍ରକାଶିତ ହୋଇପାରିନଥିଲା । ମାତ୍ର ଅନ୍ତର ତଳର ଏହି ପ୍ରେମ ଚିରଦିନ ପାଇଁ ସାଇତା ହୋଇ ରହିଯାଇଥିଲା ସବୁଦିନ ପାଇଁ ।

.......... ଆଜି ଏହି ଏକାଦଶାହ କାର୍ଯ୍ୟକ୍ରମରେ ନୀଳିମାଙ୍କୁ ଦେଖି ପରେଶ ପଚିଶ ବର୍ଷର ତଳକୁ ଫେରିଯାଉଥିଲେ । ସେ ସେତେବେଳେ କେମିତି ନୀଳିମାଙ୍କୁ ଟିକେ ଦେଖିବା ପାଇଁ ଏହି ଭାଇଙ୍କ ଘର ସାମ୍ନାରେ ସାଇକେଲ ଚଳାଇ ଦିନକୁ ଦଶଥର ରଜ ସମୟରେ ଚକ୍କର ମାରୁଥିଲେ ସେକଥା ଭାବି ଯେତିକି ଭାବପ୍ରବଣ ହୋଇଯାଉଥିଲେ ସେତିକି ମଧ୍ୟ ଡ୍ରାମା ମଞ୍ଚର ନାୟକ ଭୂମିକାରେ ଅଭିନୟ କରିବା ବେଳେ କିପରି ମଞ୍ଚ ଉପରେ ନୀଳିମାଙ୍କୁ ଖୋଜୁଥିଲେ ସେକଥା ଭାବି ଅଧିକ ଉଲ୍ଲସିତ ହୋଇ ପଡୁଥିଲେ । ନୀଳିମାଙ୍କୁ ନେଇ ଅତୀତର ଘଟଣାବଳୀ ମଧ୍ୟରେ ନିଜକୁ ହଜାଇ ଦେଉଥିବା ବେଳେ ହଠାତ ନୀଳିମା ସ୍ମୃତିସଭାର ବିପରୀତ ଦିଗକୁ ମୁହଁ ବୁଲାଇ ଦେଇ ଟିକେ ସାମାନ୍ୟ ଦୂରକୁ ଚାହିଁଦେବା କ୍ଷଣି ତାଙ୍କର ନଜର ପରେଶଙ୍କ ଉପରେ ପଡ଼ି ଯାଇଥିଲା । ଆକସ୍ମିକ ଭାବରେ ପରେଶଙ୍କ ସହିତ ତାଙ୍କର ଭେଟ ହୋଇଯିବା କ୍ଷଣି ସେ ନିଜ ଆଖିକୁ ବିଶ୍ୱାସ କରି ନପାରି ବାରମ୍ବାର ପରେଶଙ୍କୁ ଚାହିଁ ରହୁଥିଲେ । ବୋଧହୁଏ ନିଜକୁ ନିଜେ ପ୍ରଶ୍ନ କରୁଥିଲେ, 'ଇଏ ପରେଶ ତ ?' ଯେଉଁ ପରେଶ ଦିନେ ମଞ୍ଚରେ ଅଭିନୟ କରି ତାଙ୍କ ମନପ୍ରାଣକୁ ଅକ୍ତିଆର କରି ନେଇଥିଲେ ଇଏ ସେହି ତ ? ବାଆଁରେଇ ବାଆଁରେଇ ସେ ସେହି ଦିଗରେ ଅନ୍ୟମାନଙ୍କ ସହିତ ସେହିବାଟ ଦେଇ ଯିବାଆସିବା ଛଳରେ ଇଏ ପରେଶ କି ନାହିଁ ନିଜକୁ ପରୀକ୍ଷା କରିନେଇ ଶେଷରେ ଅବଗତ ହୋଇଥିଲେ ଯେ ଇଏ ତାଙ୍କର ସେହି ହଜିଲା ଦିନର ପ୍ରେମିକ ପରେଶ । ମାତ୍ର ଆଜି..........

ଦୂରରେ ରହି ପରେଶ ଅନ୍ୟମାନଙ୍କ ସହିତ କଥା ପ୍ରସଙ୍ଗରେ ନୀଳିମାଙ୍କୁ ଯେପରି ବାରମ୍ବାର ନିରୀକ୍ଷଣ କରୁଥିଲେ ନୀଳିମା ମଧ୍ୟ ଠିକ ସେହିପରି ସେହି ସ୍ଥାନରେ ଏପଟସେପଟ ହେବାର ବାହାନା କରି ପରେଶଙ୍କ ଆଡ଼କୁ ବାରମ୍ବାର ଦୃଷ୍ଟିପାତ କରୁଥିଲେ । ଦୁଇଟି ବିରହ ଆତ୍ମା ପରସ୍ପରକୁ ନିଜ ଭିତରେ ଖୋଜି ଛଟପଟ ହେଉଥିଲେ ସତ, ମାତ୍ର ସାମ୍ନାସାମ୍ନି ହୋଇ କଥା ହେଉନଥିଲେ । କାରଣ ସେମାନେ ଏବେ ସଂସାର ବନ୍ଧନରେ ଆବଦ୍ଧ । ଭାବପ୍ରବଣତାକୁ ନେଇ ବାସ୍ତବ ରୂପରେଖ ଦେବାର ଅବକାଶ ଏବେ ଆଉ ସେମାନଙ୍କର ନଥିଲା । ସେମାନେ ସବୁ ବୁଝୁଥିଲେ । ମାତ୍ର ନିଜକୁ ନିଜର ସୀମା ସରହଦ ଭିତରେ ବାନ୍ଧି ରଖି ସେମାନେ ଅନ୍ତର ଭିତରେ ଖୁବ କଷ୍ଟ ଅନୁଭବ କରୁଥିଲେ ।

କିଛି ସମୟ ପରେ ନୀଳିମା ଅନୁଭବ କଲେ ଯେ ପରେଶ ସନ୍ଧ୍ୟାବେଳୁ ସେଠାରେ ବସିଛନ୍ତି ସତ , ମାତ୍ର ଏପର୍ଯ୍ୟନ୍ତ ଭୋଜି ଖାଇ ନାହାନ୍ତି କି ପାଣି ମୁନ୍ଦିଏ ବି ପିଇ ନାହାନ୍ତି । ବରଂ ଅନ୍ୟମାନଙ୍କ ସହିତ କଥା ହେଉଛନ୍ତି କିମ୍ବା ମୋବାଇଲ ଦେଖିଦେଖି ସମୟ କଟାଉଛନ୍ତି। ଏଥର ନୀଳିମା ବନ୍ଧୁବାନ୍ଧବମାନଙ୍କୁ ପରେଶଙ୍କ ପାଖକୁ ପଠାଇ ଖାଇବାପିଇବା ପାଇଁ ଯେତେ ଅନୁରୋଧ କରନ୍ତି ପରେଶ ଖାଇବା ପାଇଁ ବାରମ୍ବାର ମନାକରନ୍ତି । ତାଙ୍କର ଦେହ ଅସୁସ୍ଥ ଥିବା ଯୋଗୁଁ ସେ ଆଉ ଭୋଜିଭାତ ଖାଉନାହାନ୍ତି କି ଥଣ୍ଡା ଅବା ଚାହା ପିଉନାହାନ୍ତି ବୋଲି ସମସ୍ତଙ୍କୁ ଅବଗତ କରନ୍ତି ପରେଶ । ଏକଥା ଜାଣି ଖୁବ ମନଦୁଃଖ କରନ୍ତି ନୀଳିମା । ପରେଶ ଜାଣିଜାଣି ତାଙ୍କ ଅନୁରୋଧକୁ ଉପେକ୍ଷା କରୁଛନ୍ତି ଅଥବା ତାଙ୍କ ଉପରେ ଅଭିମାନ କରି ତାଙ୍କ କଥାକୁ ଭ୍ରୁକ୍ଷେପ କରୁଛନ୍ତି ବୋଲି ଭାବିଭାବି ଖୁବ ନିରାଶ ହୋଇପଡୁଥିଲେ ନୀଳିମା। ସତରେ ପରେଶ କ'ଣ ଏତେ ବଦଳି ଯାଇଛନ୍ତି ନା ତାଙ୍କର ଉଦ୍ଦେଶ୍ୟ ନୀଳିମାଙ୍କ ମନରେ ଦୁଃଖ ଦେଇ ଖୁସି ହେବାକୁ । ତେବେ ଏଠାକୁ ପରେଶ ଆସିଥିଲେ କ'ଣ ପାଇଁ? ଯଦି ଭୋଜିଭାତ ଖାଇବାର ନାହିଁ ତେବେ କ'ଣ କେବଳ ନିମନ୍ତ୍ରଣ ରକ୍ଷା କରିବାକୁ ଏଠାକୁ ଆସିଛନ୍ତି? ତେବେ ପରେଶ ତାଙ୍କୁ ଦେଖା କରିବାକୁ ଏଠାକୁ ଆସି ନାହାନ୍ତି ତ? ଯଦି ହଁ, ତେବେ ସେ ତାଙ୍କୁ ଦେଖାକରି କଥାବାର୍ତ୍ତା କରୁନାହାନ୍ତି କାହିଁକି? ବୋଧହୁଏ ଏ ଭାବନା ଠିକ ନୁହେଁ । କାରଣ ନୀଳିମା ଯେ ଏଠାକୁ ଆସିଥିବେ ଏକଥା ପରେଶ ଜାଣିଲେ କେମିତି? ତେବେ ସେ ନୀଳିମା ଆସିବା ଖବର କାହାଠାରୁ କିଛି ପଚାରି ବୁଝିଛନ୍ତି କି ? ବଡ଼ ରହସ୍ୟମୟ ପୁରୁଷ ଏହି ପରେଶ। ବଡ଼ ବିସ୍ମୟକର ତାଙ୍କର ହାବଭାବ। ପରେଶ ଯେ ଏତେ ନିଷ୍ଠୁର ହୋଇପାରନ୍ତି , ଏତେ ପ୍ରତିଶୋଧ ପରାୟଣ ହୋଇପାରନ୍ତି ଏ ପ୍ରକାର ଭାବନା କରି ନିଜ ଭିତରେ ଖୁବ ଅସହାୟ ହୋଇପଡୁଥିଲେ ନୀଳିମା ।

ଧୀରେଧୀରେ ସମୟ ରାତି ଦଶଟା ପାଖରେ ପହଞ୍ଚି ଯାଇଥିଲା । ଏଥର ପରେଶ ନିଜ ଚେୟାରରୁ ଉଠି ସେହି ସମ୍ପର୍କୀୟ ଭାଇଙ୍କୁ ଭେଟକରି ନିହାର ଯତକିଞ୍ଚିତ ବେଭାର ଅର୍ଥରାଶି ପ୍ରଦାନ କରି ବିଦାୟ ନେବାକୁ ଅନୁମତି ମାଗି ହାତ ଯୋଡୁଥିଲେ । ଏହି ବିଦାୟ ଲଗ୍ନରେ ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ ନୀଳିମା । କିଏ ଜାଣେ ପୁଣି କେବେ ଦେଖା ହେବ ପରେଶଙ୍କ ସହ ? ସମସ୍ତ କାମଧନ୍ଦାକୁ ପକାଇ ଦେଇ ଧାଇଁ ଆସିଥିଲେ ସେହି ସ୍ଥାନକୁ । ଆଉ କଥା ପ୍ରସଙ୍ଗରେ କହି ପକାଇ ଥିଲେ , 'କିଛି ଖାଇଲେନି ଯେ ଆପଣ ? ଅନ୍ତତଃ ଥଣ୍ଡା କି କଫି ଟିକିଏ......।' ମନ ଖୋଲି ଟିକିଏ ହସିଥିଲେ ପରେଶ । ଆଉ କହିଥିଲେ, 'ଦେହଟା ଆଉ ଭଲ ରହୁନି ତ ! ତେଣୁ ଭୋଜିଭାତ, ଥଣ୍ଡା, ଚାହା, କଫି ସବୁ ଖାଇବାପିଇବା ଏବେ ବନ୍ଦ । ଯାହାକିଛି ଘର ରୋଷେଇ ଉପରେ ନିର୍ଭର କରିବାକୁ ପଡୁଛି।' ନୀଳିମା ତାଙ୍କ ମାଉସୀ ପୁଅ ଭାଇଙ୍କୁ ତତକ୍ଷଣାତ କହିଥିଲେ କିଛି ଖାଦ୍ୟ ପୁଡିଆ ନେଇ ପରେଶଙ୍କ ଘରେ ଦେଇକି ଆସିବା ପାଇଁ । ପରେଶ ସିଧାସିଧା ମନା କରିଦେଇଥିଲେ ଏସବୁ କରିବା ପାଇଁ । ଏହାପରେ ପରେଶ ନୀଳିମାଙ୍କ ଉପରେ ସାମାନ୍ୟ ମଧୁର ଦୃଷ୍ଟିପାତ କରି ବିଦାୟ ନେଇ ଏକ ମୁହଁ ହୋଇ ସେସ୍ଥାନରୁ ଫେରିଆସିଥିଲେ ଘରକୁ ।

ରାତିରେ ବିଛଣାରେ ଶୋଇରହି ପରେଶ ଭାବୁଥିଲେ ଆଜିର ଘଟଣାବଳୀକୁ । ତାଙ୍କର ମନ ଖୁବ ବ୍ୟାକୁଳିତ ହେଉଥିଲା । ପଚିଶ ବର୍ଷ ତଳେ ହଜାଇ ଦେଇଥିବା ନିଜର ସ୍ୱପ୍ନ....... ଆଉ ଆଜିର ବାସ୍ତବତା ଭିତରେ ଥିଲା ଆକାଶ ପାତାଳ ଦୂରତା । ତଥାପି ଅତୀତ ତାଙ୍କୁ ଖୁବ ବିଭୋର କରୁଥିଲା । ଆଉ ଆଜିର ଘଟଣାବଳୀ ତାଙ୍କୁ ମଧ୍ୟ ଭାବପ୍ରବଣ କରୁଥିଲା । ଆଜି ତାଙ୍କ ମନରେ ନୀଳିମାଙ୍କ ପ୍ରତି ଯେତିକି ଭଲ ପାଇବା ଥିଲା ତତୋଧିକ ଭଲପାଇବା ନୀଳିମାଙ୍କ ମନରେ ରହିଥିବାର ସେ ଅନୁଭବ କରୁଥିଲେ । ନଚେତ ନୀଳିମା ଯେ ବିଦାୟ ଲଗ୍ନରେ ଧାଇଁଆସି ତାଙ୍କୁ କଥା ପଦେ କହିଥାନ୍ତେ କାହିଁକି ? ସିଏ ତାଙ୍କର କିଏ କି ? ନୀଳିମାଙ୍କ ଚାହାଣି ଭିତରେ ସତେ ଯେପରି ଗଭୀର ପ୍ରେମ ଖୁନ୍ଦିହୋଇ ରହିଥିଲା ପରେଶଙ୍କ ପାଇଁ । ମାତ୍ର ନିଷ୍ଠୁର ସମୟ ତାଙ୍କୁ ସୁଯୋଗ ଦେଇନଥିଲା ଏ ପ୍ରେମକୁ ସତ୍ୟରେ ରୂପାନ୍ତରିତ କରିବା ପାଇଁ । ଯଦି ସ୍ୱପ୍ନଟା ସତ୍ୟ ହୋଇଥାନ୍ତା ତେବେ............? ପରେଶ ସବୁ କଥାକୁ ସମୀକ୍ଷା କରୁଥିଲେ । ଖୁବ ଭାବୁଥିଲେ ଆଉ ଭାବୁଥିଲେ । ମାତ୍ର ହାୟ............ ।

ଭାବନା ଭିତରେ ହଜି ଯାଉଯାଉ ପରେଶଙ୍କୁ ନିଦ ଲାଗି ଯାଇଥିଲା । ଗଭୀର ନିଦରେ ସ୍ୱପ୍ନରେ ଆସି ନୀଳିମା କହୁଥିଲେ, 'ମୁଁ ତୁମର କ'ଣ ଏତେ ପର ହୋଇଗଲି ଯେ ମୋତେ ପଦେ କଥା କହିବାକୁ ତୁମେ କୁଣ୍ଠିତ ହୋଇପଡିଲ? ଅଥଚ ମୁଁ ତୁମ ପାଖକୁ ଦୌଡି ଆସି ଉପରେ ପଡ଼ି କଥା ଦୁଇପଦ କହିଲି ଯେ ସେ କଥାକୁ ଭ୍ରୁକ୍ଷେପ ନ କରି ତୁମେ ପାଦରେ ଆଡେଇ ଦେଇ ଚାଲି ଆସିଲ ? ମୁଁ କ'ଣ ତୁମର ସତରେ କେହି ନୁହେଁ ? ମୁଁ କ'ଣ ତୁମର ଏତେ ପର ହୋଇଗଲି ? ପରେଶଙ୍କ ନିଦ ଚାଉଁକିନା ଭାଙ୍ଗିଗଲା । ସେ ନିଜକୁ ଖୁବ ଦୋଷୀ ବୋଲି ଅନୁଭବ କରୁଥିଲେ । ନିଜକୁ ଖୁବ ଅସହାୟ ମଣୁଥିଲେ। ଏହି ଭଲପାଇବାଟା ଯଦି ସେତେବେଳେ ସେମାନେ ପରସ୍ପର ଆଗରେ ପ୍ରକାଶ କରି ଆଗେଇ ଅସିଥାନ୍ତେ ତେବେ କେତେ ସରସ ସୁନ୍ଦର ହୋଇନଥାନ୍ତା ଜୀବନ ? ମାତ୍ର ହାୟ....... ଏ ଜୀବନର ମାନେ କ'ଣ ? ଏ ପ୍ରେମର ଅର୍ଥ କ'ଣ ? ଏ ଭଲପାଇବାରେ ବାସ୍ତବତା କ'ଣ ? ପରେଶ ଏମିତି ମନେମନେ ନିଜକୁ ପ୍ରଶ୍ନ ପଚାରି ନିଜଠୁଁ ଉତ୍ତର ଖୋଜୁଥିଲେ। ବୋଧହୁଏ ସେଦିନ ରାତିରେ ନୀଳିମା ମଧ୍ୟ ଅତୀତ ଆଉ ବର୍ତ୍ତମାନକୁ ଅନୁଶୀଳନ କରି ନିଜକୁ ଏମିତି ପ୍ରଶ୍ନ ପଚାରିପାରୁଥାନ୍ତି । ମାତ୍ର ଉଭୟଙ୍କର ଏହି ଗଭୀର ଭଲପାଇବା କେବଳ ହାହୁତାଶମୟ, ଲୁହ, ଦୀର୍ଘଶ୍ୱାସର କାହାଣୀ ଛଡା ଆଉ କଣ ହୋଇପାରେ ? ପରେଶ ଏମିତି ଅନେକ କିଛି ଭାବିଭାବି ଚାଲିଥିଲେ । ଏହି ଭାବନା ଭିତରେ ପରେଶ ହଜିଯାଉଥିବା ବେଳେ ପାହାନ୍ତିଆ ନିଦଟା ପରେଶଙ୍କର ଆଖି ମୁଦି ମୁଦି ଆଣୁଥିଲା ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଜୀବନ ଦୀପ



ଘନଶ୍ୟାମ ପଲେଇ



ସକାଳୁ କାଉ କା'କରିଛି କି ନାଇଁ ମୋ'କାନରେ କଥାଟା ବାଜିଲା-- ଅଗନୁଛୋଟା ମୃତ୍ୟୁ ସହ ଲଢୁଛି... ନିଜେ ତା'ଗୁପ୍ତାଙ୍ଗକୁ କାଟି ପକେଇଛି। କଥାଟା ଯେତିକି ରୋଚକ ଥିଲା ସେତିକି କଷ୍ଟ ଦାୟକ ମଧ୍ୟ ଥିଲା। ମୁଁ ଆଉ ରହି ପାରିଲିନି...ଧାଇଁଲି ନଈ ଆଡିକି। ତା'ଘରଟି ନଈକୁ ଯିବା ବାଟରେ ପଡେ... ଠିକ୍? ଗାଁର ଶେଷ ମୁଣ୍ଡରେ। ଗୋଟାଏ ବୋଲି ନିଛାଟିଆ ଘର। ମୋ ପରି ଅନେକ ଲୋକ ଧାଇଁଛନ୍ତି ସିଆଡିକି। ବାଟରେ ରାଧୁକକା'ସହ ଭେଟ ହେଇଗଲା। ପଚାରିଲି- ଘଟଣା କ'ଣ..? ଛୋଟାର ଏ ଅବସ୍ଥା ହେଲା କିପରି?

ରାଧୁ କକା ଯାଉ ଯାଉ ଧଇଁସଇଁ ହେଇ କହିଲେ--- ଜାଣିନୁ କି'ରେ..? ସିଏ ପରା ପରିସ୍ରା କଷ୍ଟ ସହି ନ ପାରି... ତା'ପରିସ୍ରା ନଳୀକୁ କାଟି ଦେଲା। ଗୁପ୍ତାଙ୍ଗ କାଟିଦେଲେ ଆଉ କିଏ କ'ଣ ବଞ୍ଚିବ.. କହ ତ?

ଆମେ ପହଞ୍ଚିଲା ବେଳକୁ ଢେର ଲୋକ ଜମା ହେଇସାରିଲେଣି ତାଙ୍କ ଦାଣ୍ଡ ଦୁଆରେ। ସେ ଶୋଉଥିବା ରୁମ୍ ପୁରାପୂରି ରକ୍ତରେ ଭାସୁଛି। କିଏ ଜଣେ ଆମ୍ବୁଲାନ୍ସକୁ ଫୋନ୍ କରି ଡକେଇଛି... ବାହାରି ଆସିଲାଣି। ଖାଲି ତା'ପୁଅ ପହଞ୍ଚିଗଲେ ହେଲା। ମେଡିକାଲକୁ ବୋହି ନେବାର ସମସ୍ତ ବ୍ୟବସ୍ଥା କରାଯାଉଥିଲା।

ରକ୍ତ ଦେଖିଲେ ମୋର ମୁଣ୍ଡଟା କ'ଣ ହେଇଯାଏ... ମୁଣ୍ଡ ବୁଲେଇ ଦିଏ। ପଡି ଯିବାର ସମ୍ଭାବନା ଥାଏ। ତେଣୁ ଆଉ ଭିତରେ ନ ରହି ଟିକିଏ ଫାଙ୍କା ଜାଗା ଦେଖି ପିଣ୍ଡାରେ ବସିଗଲି। ନଜର ରଖିଥାଏ ଘଟାଣା ଉପରେ। ତା'କୁ ମେଡିକାଲ୍ ଯାଏ ନେଇଗଲେ ମୁଁ ସେଠାରୁ ଖସି ଆସିବି।

ଏଣେ କଥାଟା ମନ ଭିତରେ ଗୋଳେଇ ଘାଣ୍ଟି ହେଲା-- ତା'ର ତ ଭେଣ୍ଡିଆ ପୁଅଟାଏ ଥିଲା। ଏତେ ସବୁ ଘଟଣା ଘଟି ଯିବା ସତ୍ତ୍ୱେ ସିଏ କରୁଥିଲା କ'ଣ?

ଜଣଙ୍କଠୁ ବୁଝିଲାରୁ ଜଣା ପଡିଲା- କାଲି ତା'ପୁଅବୋହୁକୁ ନେଇ ଶ୍ୱଶୁର ଘରକୁ ଯାଇଥିଲା। ଘରେ ଛୋଟା ଏକୁଟିଆ ଥିଲା। ଏମିତିରେ ବି ତା'ସ୍ତ୍ରୀ ମରିବାର ଢେର ବର୍ଷ ହେଲାଣି।

ପୁଅ ପାଖକୁ ଖବର ପଠା ସରିଲାଣି... ଆସୁଥିବ। ସିଏ ଆସିଲେ ଯିବ ଆମ୍ବୁଲାନସ୍ ଗାଡିରେ, ତା'ବାପାର ଅସହାୟ ଶରୀରକୁ ନେଇ।

ବୁଢା ତିନିଚାରି ଦିନ ହେବ କହିଲାଣି ତା'ପୁଅକୁ--- ବାବୁରେ! ମୋ ପରିସ୍ରା ଠିକ୍ ସେ ହେଉ ନାହିଁ... ମୋତେ ଟିକିଏ ମେଡିକାଲ୍ ନେଇ ଚାଲ୍... କଷ୍ଟ ହେଲାଣି। ହେଲେ ବୁଢା ମଣିଷକୁ ପଚାରେ କିଏ...ମଣିଷ ବୁଢା ହେଲେ ଗଲା। ସେ ହଡା ସଙ୍ଗେ ସମାନ। ତା'ର ଆଉ ନ ଥାଏ ଆଦର। ହଡାକୁ ମଣିଷ କଂସେଇ ପାଖରେ କେଇଟା ଟଙ୍କାରେ ବିକିଦିଏ ସିନା... ବିକିପାରେ ନାହିଁ ତା'ନିଜ ବୁଢା ବାପାମା'କୁ ଲୋକ ଲଜ୍ୟାରେ। ବୁଢାବୁଢୀ ପଡିରହନ୍ତି ଅଲୋଡା ହେଇ ଘର କୋଣରେ। ଇଏତ ଛାଡ ଛୋଟା ମଣିଷଟା...ଦୁଇଟି ସାରା ଗୋଡ ପୋଲିଓ ଯୋଗୁ ସରୁ ପୁଣି ଛୋଟ ଛୋଟ... କୋଉ କାମକୁ ନୁହେଁ। ହାତ ଦ୍ୱାରା ଯେତିକି ପାରେ କରେ। ତା'କଥାର ବା କେତେ ରହିବ ଦମ୍?

ବାରବାର କହିବାରୁ ପୁଅ କହିଲା--- ବାପା! ବୁଢା ବୟସରେ ଝାଡା-ପରିସ୍ରାର ବେଳେବେଳେ ହୁଏ ଅସୁବିଧା। ଏସବୁ ସାଧାରଣ କଥା। ପାଣି ଖୁବ୍ ପିଅ... ସବୁ ଠିକ୍ ହେଇଯିବ। ଏଇଥି ପାଇଁ କିଏ ମେଡିକାଲ୍ ଯାଏ? ତା'ଛଡା ଆମେ ଗାଁ ଗହଳିରେ ରହୁଛେ... ଲାଜକଥା।

ଗତକାଲିର ଆକୁଳ ନିବେଦନ ଆଉ ତା'ର ଯନ୍ତ୍ରଣା କାତର ସ୍ୱର... ଅଟକେଇ ପାରିଲାନି ପୁଅବୋହୁକୁ। ସେମାନେ କହିଗଲେ... ଗୋଟାଏ ଦିନର ତ କଥା। ତମ ଖାଇବା ରୋଷେଇ କରି ଦେଇଛୁ। କାଲି ସକାଳକୁ ଆସିଲେ ଦେଖିବା- ମେଡିକାଲ କଥା।

ଅଗନୁଟା ଛୋଟା ସାଙ୍ଗକୁ ମୂର୍ଖଟିଏ ବି। ପାଖରେ ତା'ର ଟିପା ମୋବାଇଲ ଖଣ୍ଡେ ବି ନାଇଁ। ପୁଅବୋହୁ ଯାଇ ସାରିଲା ପରେ ସେମାନଙ୍କ କଥା ଅନୁସାରେ ଢେର ପାଣି ପିଇଲା... ହେଲେ ଫଳ ଶୂନ। କଷ୍ଟରେ ଆହୁରି ଆଉଟି ପାଉଟି ହେଲା। ରାତି ସାରା ଶୋଇପରିଲାନି। ତା'ର ଯନ୍ତ୍ରଣାର ସ୍ୱର ବଢି ବଢି ଚାଲିଲା। ହେଲେ ଚିତ୍କାର ସବୁ ମିଳେଇ ଯାଉଥାଏ ଆକାଶରେ। ଘରେ କେହି ନାହିଁ... ପୁଣି ଆଖପାଖରେ ଗୋଟାଏ ବି ଘରଦ୍ୱାର ନାହିଁ। ଲାଜ ଆଉ କଷ୍ଟରେ ଘୁଷୁରୀ ଘୁଷୁରୀ ଗାଁ ମଝିକୁ ବି ଯାଇପାରିଲାନି। କଷ୍ଟରେ ପ୍ରଳାପ କଲା... ଛଟପଟ ହେଲା.. କଷ୍ଟର ଚରମ ସୀମାରେ ପହଞ୍ଚିଗଲା। ଶେଷରେ ଉପାୟ ନ ପାଇ ଦାଢି କାଟିବା ପାଇଁ ରଖିଥିବା ନୂଆ ବ୍ଲେଡ୍'ରେ କାଟି ପକାଇଲା ପରିସ୍ରା ନଳୀକୁ। ଏହା ଶରୀର ପୁରାପୂରି ଅଲଗା ହେଇପଡିଲା।

ତା'ର ଏକମାତ୍ର ପୁଅପହଞ୍ଚି ସାରିଲାଣି। ଆମ୍ବୁଲାନ୍ସରେ ଲଦା ହେଲାଣି ତା' ବାପା'ର ନେସ୍ତେଜ ଶରୀର। ରାତି ସାରା କଷ୍ଟ ପାଇ ବୋଧେ ହଜି ଯାଇଛି ଯନ୍ତ୍ରଣାର ସ୍ୱର...ପଡି ରହିଛି ବେହୋସ ହେଇ ଆଖି ଦିଇଟା ଉପରକୁ ଚାହିଁ।

ଜଣେ କିଏ କହିଲା ଗୁପ୍ତାଙ୍ଗକୁ ବି ଧରିଥାଅ... କାଳେ ଯୋଡିବାରେ ସକ୍ଷମ ହେବେ ଡାକ୍ତର... କାମରେ ଆସିପାରେ।

ଢେର ଖୋଜାଖୋଜି କଲାପରେ ବି ମିଳିଲା ନାହିଁ ଗୁପ୍ତାଙ୍ଗଟି। ଘରେ ତାଙ୍କର ମେଞ୍ଚେ କୁକୁଡା ବତକ ରଖିଥିଲେ। ଗୋଟାଏ ବତକତ ବେକ ଟେକି କକ୍... କକ୍... କରୁଥିଲା। ତାହାଲେ ଗୁପ୍ତାଙ୍ଗଟିକୁ ବତକ କି କୁକୁଡା ଖାଇଗଲେ କି ଆଉ..?

ଅପେକ୍ଷା ନକରି ଆମ୍ବୁଲାନ୍ସ ଗଡି ଚଳିଲା ମେଡିକାଲ ଅଭିମୁଖେ। ସମସ୍ତଙ୍କ ଆଖିରେ ଲୁହ... ମୋ' ପାଦତଳର ମାଟି ବି ଭିଜିଗଲା ଏଇ ଆଖିର ଲୁହରେ। ହାଡ ତଳର ହୃତପିଣ୍ଡଟା ମୋର ଧକ୍ ଧକ୍ କଲା ଜୋରରେ। ମୁଁ ଚିନ୍ତା କରୁଥାଏ--- ସତରେ ବେଳେ ବେଳେ ଆମର ଛୋଟଛୋଟ ଅଣଦେଖା... ଘରର ବୁଢାବୁଢୀ ତଥା ଅସହାୟଙ୍କ ପାଇଁ ଅକଥ୍ୟ ଯନ୍ତ୍ରଣା ପାଲଟିଯାଏ।

+ଟେନସା, ସୁନ୍ଦରଗଡ-୩୧,
ମୋ-୯୪୩୭୭୧୮୫୦୦

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ନଗର ତରଫରୁ ପୁଲଓ୍ୱାମା ସହିଦ ଦିବସ ପାଳିତ

ବଲାଙ୍ଗିର, ୧୬/୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ନଗର ତରଫରୁ ପୁଲଓ୍ୱାମା ସହିଦ ଦିବସ ପାଳିତ ହୋଇଯାଇଛି । ୨୦୧୯ ମସିହାରେ ଗତ ଛଅ ବର୍ଷ ତଳେ ୧୪ ଫେବୃଆରୀ ଦିନ କାଶ୍ମୀରର ପୁଲଓ୍ୱାମା ଠାରେ ପାକିସ୍ତାନୀ ଆତତାୟୀମାନଙ୍କ ଦ୍ୱାରା ଆକ୍ରମଣ ହୋଇଥିଲା । ୪୦ ଜଣ ସୈନିକ ଏହି ଆକ୍ରମଣରେ ବୀରଗତିକୁ ପ୍ରାପ୍ତି କରିଥିଲେ । ତେଣୁ ଫେବୃଆରୀ ୧୪କୁ ପୁଲଓ୍ୱାମା ସହିଦ ଦିବସ ରୂପେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ତରଫରୁ ପାଳନ କରାଯାଇଛି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ସଭା ଆରମ୍ଭ ହୋଇ କଲେଜଛକ ଓ ଶାନ୍ତିପଡ଼ା ଛକ ହୋଇ ପୁଣି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ଉତ୍ତମ ବରାଡ, ନଗର ସମ୍ପାଦକ ତେଜରାଜ ସାହୁ, ରାଜ୍ୟ ସାଭିସ୍କାର ସହ ସଂଯୋଜକ ସୁଶାନ୍ତ କୁମାର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆୟୁଷ ଯୋଶୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଦେଶ ପାଇଁ ଜୀବନ ଦେଇ ଥିବା ସହିଦ ମାନଙ୍କୁ ସ୍ମରଣ କରିବା ସହିତ ଆଜିର ଯୁବ ଓ ଛାତ୍ର ସମାଜ ରାଷ୍ଟ୍ର ପୁନଃ ନିର୍ମାଣରେ ଧ୍ୟାନ ଦେବା କଥା ବୋଲି ନଗର ସମ୍ପାଦକ ତେଜରାଜ ସାହୁ ମତ ରଖିଥିଲେ ।

# ଫାଶୀମାଲ ବିଟ୍ ଅଂଚଳରେ ଲାଗିଲା ନିଆଁ: ବନବିଭାଗ ନୀରବଦ୍ରଷ୍ଟା

ସମ୍ବଲପୁର, ୧୫ ଫେବୃୟାରୀ (ହି.ସ.) - ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଫାଶୀମାଲ ପଂଚାୟତ ଅଂଚଳର ବନ୍ୟାଂଚଳ ଏବେ 'ହୁ ହୁ' ହୋଇ ଜଳୁଥିବା ବେଳେ ବନବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ନଭାଙ୍ଗିବା ସାଧାରଣରେ ତୀବ୍ର ଉତେଜନା ସୃଷ୍ଟି କରାଇଛି । ଗୋଟିଏ ପକ୍ଷରେ ବନବିଭାଗ ବନାଗ୍ନି ନିରାକାରଣ ତଥା ଜଙ୍ଗଲ ବଂଚାଇବାର ଡିଣ୍ଡିମ ପିଟୁଥିବା ବେଳେ ନିଜ ଅଂଚଳର ଜଙ୍ଗଲ ଜଳି ଯାଉଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳୁଛି । ଜମନକିରା ବ୍ଲକ ଫାଶୀମାଲ ପଂଚାୟତ ଅଂଚଳ ତଥା ଦେହୁରୁଣୀମାଲ, ଶଙ୍ଖାଭାଙ୍ଗୁନି ନଦୀ, ପୁକୁଡା ବିଭିନ୍ନ ସ୍ଥାନର ଜଙ୍ଗଲ ଗୁଡିକ ଜଳୁଥିବା ଦେଖିବାକୁ ମିଳୁଛି । ଏବେ ଜଙ୍ଗଲୀ ଜନ୍ତୁ ପ୍ରାୟତଃ ଗ୍ରାମାଭିମୁଖୀ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ମୁଖ୍ୟତଃ ଜଙ୍ଗଲ ଜଳିବାର କାରଣ କୁହାଯାଉଛି । କେବଳ ଏତିକି ନୁହେଁ ଜଙ୍ଗଲରେ ନିଆଁ ବ୍ୟାପିବା ଫଳରେ ବହୁ ମୂଲ୍ୟବାନ ଗଛ ଗୁଡିକ ପୋଡ଼ି ନଷ୍ଟ ହେବା ସହ ଅନେକ ଛୋଟବଡ଼ ବିଲୁପ୍ତ ଅବସ୍ଥାରେ ଥିବା ଜୀବଜନ୍ତୁ ପ୍ରାଣ ହରାଉଛନ୍ତି ।

# ଖାମଖିଆଲି ନୀତିରେ ଚାଲିଛି ଫାଶୀମାଲ-ଲଇଡା ରାସ୍ତା ନିର୍ମାଣ କାର୍ଯ୍ୟ

ସମ୍ବଲପୁର, ୧୬/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଫାଶୀମାଲ ପଂଚାୟତର ଗରିଆବାହାଲ ଠାରୁ ଲଇଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ରାସ୍ତା ନିର୍ମାଣ ସମୟରେ ଫାଶୀମାଲ ମେଡିକାଲ ଛକ, ତ୍ରିନାଥ ମନ୍ଦିର ଠାରୁ ଆରମ୍ଭ କରି ମିଶନ ଶକ୍ତି ଗୃହ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ବି ଆରମ୍ଭ ହୋଇଛି । ହେଲେ ଏହି ଡ୍ରେନ ନିର୍ମାଣ ସମୟରେ ଠିକାଦାରଙ୍କ ଅବହେଳା ଯୋଗୁଁ ଅନେକ ପାଣି ପାଇପ୍ ଫାଟି ବିଛିନ୍ନ ହୋଇଯାଇଛି । ଫଳରେ ଦୁଇ ଦିନ ଧରି ଅଂଚଳରେ ପାନୀୟ ଜଳ ଯୋଗାଣ ଏକରକମର ବାଧାପ୍ରାପ୍ତ ହୋଇଥିବା ନେଇ ଅଂଚଳବାସୀ ଅଭିଯୋଗ କରିଛନ୍ତି । ଠିକାଦାର ଜଣଙ୍କ ତରବରିଆ ଭାବେ ରାତିରେ ଏହି ଡ୍ରେନ୍ ଖୋଳା କାର୍ଯ୍ୟ କରୁଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଗ୍ରାମବାସୀ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ଗ୍ରାମର ସିନ୍ଧୁ ପୋଢଙ୍କ ସୂଚନା ଅନୁଯାୟୀ ଏହି ଡ୍ରେନ୍ ଖୋଳା ଯୋଗୁଁ ଗତ ଦୁଇଦିନ ଧରି ଗାରିଆବାହାଲ, ଦେହୁରୀଣି ମାଲ ଓ ଫାଶୀମାଲ ମେଡିକାଲ ଛକ ନିକଟରେ ଥିବା ସରକାରୀ କାର୍ଯ୍ୟାଳୟ ଓ ବାସଗୃହରେ ପାଣିର ସମସ୍ୟା ଦେଖାଦେଇଛି । ଠିକାଦାରଙ୍କୁ ତୁରନ୍ତ ଏହାର ମରାମତି ପାଇଁ କହିଲେ ଆମେ ମରାମତି କରିପାରିବୁ ନାହିଁ ବୋଲି ନାଲି ଆଖି ଦେଖାଉଛନ୍ତି । ସେହିପରି ଅଂଚଳର ଜଣାଶୁଣା ସମାଜସେବୀ ହରମୋହନ ପଟେଲ କହିଛନ୍ତି ଯେ' ବିଛିନ୍ନ ପାଣି ପାଇପ୍ କୁ ମରାମତି ପାଇଁ କହିଲେ 'ନିଜେ ମରାମତି କର' ବୋଲି ଠିକାଦାରଙ୍କ ଯୁକ୍ତି ଅତ୍ୟନ୍ତ ଅଶୋଭନୀୟ । ଡ୍ରେନ୍ ନିର୍ମାଣ ବେଳେ ବିଛିନ୍ନ ହୋଇପଡିଥିବା ଜଳଯୋଗାଣ ପାଇପ୍ ଗୁଡିକ ମରାମତି ଦିଗରେ ପ୍ରଶାସନ କି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାକୁ ହିଁ ଦେଖିବାକୁ ଅପେକ୍ଷା ।

# ବ୍ଲକ ସ୍ତରୀୟ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ

ମାଲକାନଗିରି,୧୫ ଫେବ୍ରୁଆରି (ହି.ସ.) ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ବ୍ଲକ ସ୍ତରୀୟ ଆଇନ ସଚେତନତା କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଅଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲୁ ଯୋଗ ଦେଇଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ୨୦୦ କଲେଜ ଛାତ୍ରୀ ଓ ୧୦୦ ଅନ୍ୟାନ୍ୟ ମହିଳା ମାନେ ଯୋଗଦାନ କରିଥିଲେ । ବରିଷ୍ଠ ଓକିଲ ଅଶୋକ କୁମାର ପଟ୍ଟନାୟକ ଆଇନ ସଚେତନତା ଉପରେ ବୁଝାଇ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କଭା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ପୋଲାଭରମ୍ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜନ ଆନ୍ଦୋଳନ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, ୧୬/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ମୋଟୁ ନିକଟସ୍ଥ ମୋଟୁ ବନ୍ୟା ଆଶ୍ରୟ ସ୍ଥଳୀ ଠାରେ ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୧୨ ଗୋଟି ଗ୍ରାମ ପଂଚାୟତର ଜନ ସାଧାରଣ ଏବଂ ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କୁ ନେଇ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ବିରୁଦ୍ଧରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ହେବାକୁ ଥିବା ଜନ ଆନ୍ଦୋଳନ ଉପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ଉପରେ ୧୨ ଟି ଗ୍ରାମ ପଂଚାୟତର ମୁଖିଆ ମାନଙ୍କ ସହିତ ଆଲୋଚନା କରିବା ସହ ଆଗାମୀ ଦିନରେ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ମାଧ୍ୟମରେ ସମସ୍ତ ଜନ ସାଧାରଣଙ୍କୁ ଅବଗତ କରି ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ବିରୁଦ୍ଧରେ ମୋଟୁ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ଜାରି ରଖିବା ପାଇଁ ଆଜିର ପ୍ରସ୍ତୁତି ବୈଠକ ରେ ଆଲୋଚନା ହେଲା । ଏଥିରେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ , ଜିଲ୍ଲା ପରିଷଦ ମମତା ପଡ଼ିଆମୀ, ଜିଲ୍ଲା ପରିଷଦ ସୁରଭି ଭୌମିକ, ଜିଲ୍ଲା ପରିଷଦ ଅପର୍ଣ୍ଣା ମଣ୍ଡଳ ,ଦାରୀ ଲିଙ୍ଗା,ଏ ଡି ଦାନମ୍, ମୁଚାକ ରାଓ, ଶୁଭା ରାଓ, ରମା ରାବା, ବିଶ୍ୱନାଥ ରେଡ୍ଡୀ , ନାଗା କାରାମ ,ଏମ୍ ଡି ଫାରୁକ , ମେସାକ ମାଦ୍ରୀ, ମୁକୁନ୍ଦ ପଡ଼ିଆମୀ , ଆଡ଼ମା ରାବା, ଶରତ ଚନ୍ଦ୍ର ବିଶ୍ୱାଳ, ରବି ରାଜେଶ ,କେ ରାହୁଲ ,ଶୁଭା ରାଓ, ଶ୍ୟାମପଦ ମଣ୍ଡଳ, ମିଡ଼ିଆମ ମୁତା, ଜଗା କାଟାମ୍, ଜଗନ୍ନାଥ ମାଝୀ ,ବିଦ୍ୟା ପୂଜାରୀ ପ୍ରମୁଖଙ୍କ ଉପସ୍ଥିତ ଥିଲେ ।

# ବିଜେପି ପାର୍ଟି ନଗର ତରଫରୁ ଟିକ୍ରାପଡାଠାରେ କଳା ଦିବସ ପାଳନ

ବଲାଙ୍ଗିର, ୧୬/୨ (ନି.ପ୍ର): ବିଜେପି ପାର୍ଟି ନଗର ତରଫରୁ ଟିକ୍ରାପଡା ଠାରେ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ପଂକଜିନୀ ପଣ୍ଡା ଙ୍କ ଅଧକ୍ଷତା ରେ ଆଜି ପୁଲବାମା ଘଟଣାକୁ ନେଇ କଳା ଦିବସ ପାଳନ କରାଯାଇଥିଲା । ସହିଦ ଭଗଦ ସିଂ, ଜୟୀ ରାଜଗୁରୁ ଓ ଶୁକଦେବଙ୍କୁ ଏହି ଦିନରେ ବ୍ରିଟିଶ ସରକାର ଫାଶୀ ଦଣ୍ଡାଦେଶ ଦେଇଥିଲେ । ସେଥିପାଇଁ ବିଜେପି ତରଫରୁ ଦୁଃଖ ପ୍ରକାଶ କରାଯାଇଥିଲା । ଭାରତୀୟ ଜନତା ପାର୍ଟିର ପୂର୍ବତନ ମନ୍ତ୍ରୀ ଓ ପଦ୍ମ ବିଭୂଷଣ ସ୍ୱର୍ଗୀୟା ସୁଷମା ସ୍ୱରାଜ ଙ୍କ ଜନ୍ମ ତିଥି ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭା ପରିଚାଳନା କରିଥିଲେ ସମଲେଇ ନଗର ମଣ୍ଡଳ ସଭାପତି ଲଳିତ ଶର୍ମା । ମୁଖ୍ୟ ଅତିଥି ପୂର୍ବତନ ଭାରତୀୟ ନୌସେନା ଅଧିକାରୀ ଶ୍ରୀ କେଦାର ପଟ୍ଟନାୟକ ଉପସ୍ଥିତ ଥିଲେ । ମୁଖ୍ୟ ବକ୍ତା ବରିଷ୍ଠ ବିଜେପି ନେତା ଶ୍ରୀ ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ । ବିଜେପି ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଓ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଏନଆରଇଏଜିଏସର ମେଟଙ୍କୁ ଦିଆଗଲା ତାଲିମ

ଜୟପୁର, ୧୬/୨ (ନି.ପ୍ର): ଜୟପୁର ବ୍ଲକ ସଭା ଗୃହରେ ଆଜି ଏନଆରଇଏଜିଏସର ମେଟ ମାନଙ୍କୁ ତାଲିମ ଦିଆଯାଇଛି । ଜୟପୁର ବ୍ଲକ ସଭାଗୃହରେ ତାଲିମ ଦିଆଯାଇଛି । ମେଟ ମାନେ କିପରି କାଯ୍ୟ କରିବେ , ଫର୍ମ କିପରି ପୁରଣ କରିବେ, କାଯ୍ୟ କିପରି ଯୋଗାଇବେ, ଶ୍ରମିକ ମାନଙ୍କୁ କିପରି କାଯ୍ୟରେ ନିୟୋଜିତ କରିବେ ଆଦି ଉପରେ ତାଲିମ ଦିଆଯାଇଥିଲା । ଜୟପୁର ବ୍ଲକରେ ୧୧୦ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ୨ଟି ମେଟ ରହିବାର ନିୟମ ରହିଛି । ଏହି କ୍ରମରେ ଆଜି ୧୧୦ ଜଣ ମେଟଙ୍କୁ ତାଲିମ ଦିଆଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଏପିଓ ସନ୍ତୋଷି ମହାପାତ୍ର ଉପସ୍ଥିତ ଥିଲେ ।

# ପୂର୍ବତନ ସୈନିକ ସଂଘ କେନ୍ଦ୍ରାପଡା ପକ୍ଷରୁ ପୁଲବାମା ସହିଦ ଦିବସ ପାଳିତ

କେନ୍ଦ୍ରାପଡା, ୧୬/୨ (ନି.ପ୍ର): ପୂର୍ବତନ ସୈନିକ ସଂଘ କେନ୍ଦ୍ରାପଡାର ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ରଙ୍କ ସଭାପତିତ୍ୱରେ ପୁଲବାମା ସହିଦ ଦିବସ କାର୍ଯ୍ୟକ୍ରମ ତିନିମୁହାଣ ଛକସ୍ଥିତ ଅମର ଯବାନ ସହିଦ ସ୍ତମ୍ଭ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ଏବଂ ସୁବେଦାର ମେଜର ହନରାରି ଲେଫ୍ଟନାଂଟ ବ୍ରଜ କିଶୋର ସାହୁ ସହିଦ ସ୍ତମ୍ଭରେ ସାମୁହିକ ରିତ ଅର୍ପଣ କରିଥିଲେ ଓ ଦୀପକ ପ୍ରଜ୍ୱଳନ କରିଥିଲେ । ସହ ସମ୍ପାଦକ ସର୍ଜେଂଟ ଅକ୍ଷୟ କୁମାର ସାହୁ , ଉପଦେଷ୍ଟା ଆଇନଜୀବୀ ମହେଶ୍ୱର କର, ଗୌରାଙ୍ଗ ଚରଣ ସ୍ୱାଇଁ, ଗୌରାଙ୍ଗ ଚରଣ ପ୍ରଧାନ, ସମାଜସେବୀ ରଣଜିତ ସିଂହ ଏବଂ ଏବିଭିପି ଛାତ୍ର ସଂଘର ବହୁ ଛାତ୍ର ଓ କାଳିଆ ସେବା ଫାଉଣ୍ଡେସନ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ହୋଇ ସହିଦ ଯବାନମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପାର୍ଥନା କରିଥିଲେ । ଏହାପରେ ଭାରତ ମାତାର ଜୟଗାନ, ସହିଦ ଯବାନ ଅମର ରହେ ସ୍ଲୋଗାନ ଦେଇଥିଲେ । ସୁବେଦାର ମେଜର ହନିନାରି ଲେଫ୍ଟନାଂଟ ବ୍ରଜ କିଶୋର ସାହୁ ପୁଲବାମା ଘଟଣାର ବୀର ସହିଦ ଯବାନମାନଙ୍କ ବଳିଦାନ ଉଦ୍ଦେଶ୍ୟରେ ବିଶେଷ ଆଲୋକପାତ ସହିତ ଉପସ୍ଥିତ ଯୁବବର୍ଗଙ୍କୁ ଦେଶଭକ୍ତି ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ ।

# ଟ୍ରକ ସହିତ ପିଟି ହୋଇ ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର

କୋରେଇ, ୧୫ ଫେବୃୟାରୀ (ହି.ସ.) - ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଗ୍ରାମ ନିକଟରେ ଥିବା ଡ଼ାଇଭର୍ସନ ଠାରେ ଏକ ଟ୍ରକ ପଛରେ ଧକ୍କା ହୋଇ ଦୁଇ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରକାଶଯେ ଯାଜପୁର ରୋଡ଼ ପଟୁ ଏକ ଟ୍ରକ (ଓଡ଼ି୦୫ ବିଇ ୯୧୩୫) ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ହଠାତ ଡ଼ାଇଭର୍ସନ ନିକଟରେ ଆରପାର୍ଶ୍ୱକୁ ଯିବା ଲାଗି ଡ଼ାହାଣକୁ କାଟି ଦେଇଥିଲା । ଫଳରେ ପଛରେ ଏକ ବାଇକ (ଓଡ଼ି୦୧ଜେ୮୯୩୬)ରେ ଯାଜପୁର ରୋଡ଼ରୁ ମିଟିଂ ସାରି ଫେରୁଥିବା ଭଦ୍ରକର ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟରତ ଦୁଇ କର୍ମଚାରୀ ଭୁବନେଶ୍ୱରର ସୁଜିତ ଦାସ ଓ ବାଲେଶ୍ୱରର ବିଜୟ ସାହୁ ବାଇକ ସହିତ ଟ୍ରକ ପଛରେ ପିଟି ହୋଇଯାଇଥିଲେ । ଫଳରେ ଦୁଇ କର୍ମଚାରୀ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ଖବର ପାଇ ପାଣିକୋଇଲି ପୁଲସ ଓ ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାର କରି ଯାଜପୁର ରୋଡ଼ ସରକାରୀ ଡ଼ାକ୍ତଖାନାକୁ ସ୍ଥାନାନ୍ତରିତ କରିଥିଲେ । ପୁଲିସ ଦୁର୍ଘଟଣା ଗ୍ରସ୍ତ ବାଇକ ଓ ଟ୍ରକକୁ ଜବତ କରିଛି ।

# ବକେୟା ଋଣ ଅର୍ଥ ପରିଶୋଧ ନେଇ ଏମବିକେ ଓ ମହାସଂଘର ଏସଏଚଜିଙ୍କ ମଧ୍ୟରେ ତୁ ତୁ ମେଁ ମେଁ

ସମ୍ବଲପୁର, ୧୬/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଭୋଜପୁର ପଂଚାୟତର ଶକ୍ତି (ଖ) ଏସଏଚଜି ସଦସ୍ୟଙ୍କୁ ବାକେୟା ଟଙ୍କା ନେଇ ହଟହଟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ମୁକ୍ତା ଜୟପୁରିଆ ନାମ୍ନୀ ସଦସ୍ୟାଙ୍କ ଅଭିଯୋଗ ଅନୁଯାୟୀ ଏମବିକେ ତାଙ୍କୁ ଅସଭ୍ୟ ଭାଷାରେ ଗାଲି-ଗୁଲଜ କରି ବାକେୟା ଟଙ୍କା ପରିଶୋଧନ ତାଗିଦ୍ କରିଛନ୍ତି । ଏହି ଘଟଣାକୁ ନେଇ ଶୁକ୍ରବାର ଭୋଜପୁର ପଂଚାୟତ କାର୍ଯ୍ୟାଳୟରେ ଆହୂତ ଏକ ବୈଠକରେ ବିଭିନ୍ନ ଆରୋପ ପ୍ରତ୍ୟାରୋପ ହୋଇଥିଲା । ସମସ୍ତ ଅଭିଯୋଗକୁ ଏମବିକେ ଖଣ୍ଡନ କରି ବହୁଦିନରୁ ଟଙ୍କା ଦେଉ ନାହାନ୍ତି ଓ ମୁଁ ତାଙ୍କୁ କେବଳ ଟଙ୍କା ଦେବାକୁ କହିଥିବା ସଫେଇ ଦେଇଛନ୍ତି । ସେହିପରି ଶକ୍ତି (ଖ) ଏସଏଚଜି ସଭାନେତ୍ରୀଙ୍କ କହିବା ଅନୁଯାଇ ଏମବିକେ ତାଙ୍କୁ ଟଙ୍କା ଦିଅ ନଚେତ୍ ମୂଷାମରା ଖାଇ ଦିଅ ବୋଲି କହିଥିବା ଅଭିଯୋଗ କରିଛନ୍ତି । ଅନ୍ୟ ଜଣେ ସଦସ୍ୟା ଅଞ୍ଜନା ସୁନାନୀଙ୍କ କହିବା ଅନୁଯାଇ ଏମବିକେ କାହିଁକି ଆମ ଆତ୍ମସମ୍ମାନକୁ ହାନୀକରି ବେଜତି କଲେ ? ଆମେ ତ ଟଙ୍କା ଦେବୁ ବୋଲି କହିଥିଲୁ । ସେହିପରି ମହାସଂଘ ସଭାନେତ୍ରୀ ଗୁଣବତୀ ନାଏକଙ୍କ କହିବା ଅନୁଯାୟୀ ସେଦିନ ବୈଠକରେ ଏଭଳି କୌଣସି କଥା ହୋଇନାହିଁ, ସେମାନେ ୨୦୧୮ ମସିହାରୁ ନେଇଥିବା ଟଙ୍କା ପରିଶୋଧ କରିନଥିବାରୁ ସେ ସମ୍ପର୍କ ରେ କୁହାଯାଇଛି । ଏହି ବିବାଦୀୟ ଘଟଣାକୁ ନେଇ କୁଚିଣ୍ଡା ଥାନାରେ ଅଭିଯୋଗ ହୋଇଥିବା ଜଣାଯାଇଛି । ତେବେ ଏହି ଋଣ ଦେଣ ଓ ପରିଶୋଧ ସମ୍ପର୍କିତ ଘଟଣାର ତୁରନ୍ତ ସମାଧାନ ପାଇଁ ଏସଏଚଜି ମହିଳାମାନେ ଦାବି କରିଛନ୍ତି ।

# ତୁରେକେଲା ବ୍ଲକରେ ନବମ ମାସିକ ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୧୬/୨ (ନି.ପ୍ର): ତୁରେକେଲା ବ୍ଲକର ୧୧ଗୋଟି ଆଂଚଳିକ ସାଧନକେନ୍ଦ୍ରରେ ନବମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ଦଲା ଆଂଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବୈଠକ କୁଇବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସିଆରସିସି ଧନସିଂ ମାଝୀଙ୍କ ତତ୍ତ୍ୱାବଧାନରେ ବୈଠକରେ ତୁରେକେଲା ସଂଯୋଜକ ଜ୍ଞାନେନ୍ଦ୍ର ମଲ୍ଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ଯୋଗ ଦେଇଥିଲେ । ସଂଖ୍ୟାଜ୍ଞାନ ଓ ଭାଷା ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ଆଦର୍ଶ ଶିକ୍ଷାଦାନ ଦେଇଥିଲେ । ଏହି ବୈଠକରେ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ସୁନା, ଅଙ୍କୁର ପୁଟା, ହରିଶଙ୍କର ସାହୁ, ଲଳିତ କୁଅଁର, ରାଜ କିଶୋର ସେଠ ଆଦି ଯୋଗ ଦେଇଥିଲେ । ସେହିପରି ତୁରେକେଲା ଆଂଚଳିକ ସାଧନ କେନ୍ଦ୍ରର ମାସିକ ବୈଠକ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଂଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ବାଗବେଲ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ।

# ବାଇକ ଚୋରି ନେଇ ଥାନାରେ ଅଭିଯୋଗ

କୋରେଇ, ୧୬/୨ (ନି.ପ୍ର): ପାଣିକୋଇଲି ଥାନା ଅଂଚଳରୁ ନିୟମିତ ଭାବେ ବାଇକ ଚୋରୀ ହେଉଅଛି । ଗତ ୬ ତାରିଖ ଦିନ ପାଣିକୋଇଲି ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ବାଇକ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ମୁତାବକ ବିହାର ଅଂଚଳର ମହମ୍ମଦ ସାଦିକ ପାଣିକୋଇଲି ଅଂଚଳରେ ଭଡ଼ା ନେଇ ରୁହନ୍ତି । ତେବେ ସେ ନିଜ ବାଇକଟିକୁ ବିଦ୍ୟାଳୟ ନିକଟରେ ରଖି କିଛି ଦୁରରେ ଥବବା ଏକ ଦୋକାନକୁ ଯାଇ ଫେରିବାପରେ ବାଇକଟି ନଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ । ଗୁରୁବାର ଅପରାହ୍ନରେ ଗୋଳେଇପୁର ପଂଚାୟତ ଅନ୍ତର୍ଗତ ବଡ଼ ତ୍ରିଲୋଚନପୁର ଗ୍ରାମର ବିଶ୍ୱନାଥ ଦାସଙ୍କ ପୁଅ ତ୍ରିଦିପ୍ତ ପାଣିକୋଇଲି ହାଇସ୍କୁଲ ସମ୍ମୁଖରେ ବାଇକ ରଖି ନିକଟସ୍ଥ ଦୋକାନକୁ ଯାଇଥିବା ବେଳେ ତାଙ୍କ ବାଇକଟିକୁ କେହି ଚୋରାଇ ନେଇଥିଲା । ପରେ ତ୍ରିଦିପ୍ତ ବାଇକଟି ନଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ । ଶୁକ୍ରବାର ରାତିରେ ସଠିପୁର ଅଂଚଳର ଅଲେଖ ବାରିକଙ୍କ ପୁଅ ନିମାଇଁ ନିଜ ହୋଣ୍ଡା ସାଇନ ବାଇକ( ଓଡ଼ି୦୪ଏଚ୬୭୦୩)କୁ ନିଜ ଘର ଆଗରେ ରଖିଥିଲେ କିନ୍ତୁ ଶନିବାର ଦିନ ସକାଳୁ ବାଇକଟିକୁ କେହି ଚୋରାଇ ନେଇଥିଲା ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଓ ୫ମ ପ୍ରତିଷ୍ଠା ଦିବସ

ଘଟଗାଁ, ୧୬/୨ (ନି.ପ୍ର): ଆନନ୍ଦପୁର ଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହାମହୋତ୍ସବ ୫ମ ପତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆନନ୍ଦପୁର ସତସଙ୍ଗ ବିହାର ତତ୍ତ୍ୱାବଧାରକ ଋତ୍ୱିକ ବଳରାମ ରାଉତଙ୍କ ସଂଯୋଜନାରେ ଓ ତମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେଓଘର ପୁରୋଧା ବିନାୟକ ମହାପାତ୍ର ଯୋଗଦାନ କରି ଆଜିର ଯୁଗରେ ସତସଙ୍ଗ ର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଶ୍ରୀଧର ସୁନ୍ଦର ମିଶ୍ର ମୁଖ୍ୟ ବକ୍ତା ଭାବେ ଇଂ ପ୍ରଭାକର ଦାସ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଦର୍ଶନ ଓ ଜୀବନ ଉପରେ ଆଲୋଚନା ପାତ କରିଥିଲେ । ଆନନ୍ଦପୁର ସତସଙ୍ଗ ବିହାର ସଭାପତି ପ୍ରମୁଖ ବଳରାମ ରାଉତ ସଂପାଦକ ନୃସିଂହ ଚରଣ ସେନାପତି ସତସଙ୍ଗ ପ୍ରମୁଖ ମଙ୍ଗୁଳି ଚରଣ ସାହୁ ନିରାକାର ରାଉତ ଗୋପିନାଥ ମହାରଣା,ବୃନ୍ଦାବନ ମିଶ୍ର, ମହେଶ୍ୱର ପୁହାଣ, ନିରାକାର ନାୟକ, ଅଲେଖ ଚନ୍ଦ୍ର ଚକ୍ର, ଦେବରାଜ ମିଶ୍ର, ପ୍ରମୁଖ ଯୋଗଦାନ କରିଥିଲେ । ଏହି ଉତ୍ସବ ରେ ସୂର୍ଯ୍ୟକାନ୍ତ ପାତ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମା ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସତସଙ୍ଗ ଉତ୍ସବକୁ ଦେଓଗାଁ,ଗଉଡ ବାହାଳି, ଉଚ୍ଚବାଲି,ବାଦିବିଲି, ଢ଼ିଙ୍କିଆ, କରଡାପାଳ, କାନପୁର, ଘସିପୁରା ଆନନ୍ଦପୁର ହାଟଡିହି, ମଦନପୁର, ଖଣ୍ଡିଦୋଳି, ନଛିପୁରା, ବାଙ୍ଗରକଟା, ପାହାଡ଼ପୁର, ପଥରପଦା, ଦାନ୍ତିଆ, ବରପଦା, ନୂଆଗାଁ, ଭଗାନଇ, ହସନପୁର ଆଦି ଗ୍ରାମର ସତସଙ୍ଗୀ ଓ ସତସଙ୍ଗ ପ୍ରେମୀ ଶ୍ରଦ୍ଧାଳୁମାନେ ଯୋଗଦାନ କରିଥିଲେ । , କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ବେହେରା ପିତାମ୍ବର ସାହୁ, ଅକ୍ଷୟ କୁମାର ଦାସ, ଯଦୁନାଥ ପଟ୍ଟନାୟକ, ଉମା ଚରଣ ସାହୁ, ବ୍ରଜ କିଶୋର ସାହୁ ବାବାଜୀ ଚରଣ ଜେନା, ଉଦ୍ଧବ ଚରଣ ସାହୁ, ଯୁଧିଷ୍ଠିର ପାତ୍ର, ଅକ୍ଷୟ କୁମାର ବେହେରା, ଅଭୟ କୁମାର ଜେନା, ସନାତନ ରଣା, ଜଳଧର ଜେନା, ଚିତ୍ତ ରଞ୍ଜନ ନାୟକ, ପାର୍ଥ ସାରଥି ଆଚାର୍ଯ୍ୟ ଭାଗବତ ପାଢୀ, ଶ୍ରୀକାନ୍ତ ପଣ୍ଡା, ଲକ୍ଷ୍ମିଧର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ

ମାଲକାନଗିରି , ୧୬/୨ (ନି.ପ୍ର): ମାଲକାନଗିରି ସଦର ସ୍ଥିତ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମର ଉଦ୍ ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏ.ଡି.ଏମ୍.(ଜେନେରାଲ୍) ସୋମନାଥ ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ, ମାଲକାନଗିରି ଏସ୍.ଶ୍ରୀନିବାସ୍ ଆଚାରୀ, ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ମାଲକାନଗିରି ବ୍ଲକ ଏ.ବି.ଇ.ଓ ଗୌରାଙ୍ଗ ସାଜନ ପ୍ରମୁଖ ଉପସ୍ଥିତ ରହି ନିପୁଣ ଓଡ଼ିଶା ମେଳା ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଉମା ପ୍ରସାଦ ଦାଶ, ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ମାଲକାନଗିରି ଏହି ସଭାରେ ସଭାପତିତ୍ୱ କରିଥିଲେ । ନିପୁଣ ଓଡ଼ିଶା ମେଳାର ବିଭିନ୍ନ କାର୍ଯ୍ୟକ୍ରମଗୁଡିକ ୧୧୦ ଗୋଟି କ୍ଲଷ୍ଟର ସ୍ତରରେ ସାତଗୋଟି ବ୍ଲକରେ ଅନୁଷ୍ଠିତ କରାଯାଇ ବର୍ତ୍ତମାନ ଜିଲ୍ଲାସ୍ତରରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଏକ ଟି.ଏଲ୍.ଏମ୍.ପ୍ରଦର୍ଶନୀ ମେଳାର ଆୟୋଜନ କରାଯାଇଥିଲା । ମାଲକାନଗିରି ଜିଲ୍ଲାର ସାତୋଟି ଯାକ ବ୍ଲକରୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ଆଧାର କରି ପ୍ରାୟ ଦୁଇଶହରୁ ଉର୍ଦ୍ଧ ଟି.ଏଲ୍.ଏମ୍ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ଗଳ୍ପ କଥନ, ସୃଜନାତ୍ମକ ଲିଖନ ଓ ଚିତ୍ର, କଣ୍ଢେଇ ଖେଳ, ଶବ୍ଦ ଖେଳ, ଗୀତ,ନାଚ, ଅଭିନୟ ଆଦିକୁ କିପରି ଟି.ଏଲ୍.ଏମ୍ ବ୍ୟବହାର କରି ଛାତ୍ର ଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରାଯାଇପାରିବ, ତାହା ସାଧନକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବୁଝାଇଥିଲେ । ଏକ ଗ୍ରୁପ ଆଲୋଚନା ଆୟୋଜନ କରାଯାଇଥିଲା, ଯେଉଁଥିରେ ଶିକ୍ଷା ଓ ଛାତ୍ର ଛାତ୍ରୀଙ୍କ ଶିକ୍ଷଣ ସ୍ତରର ଯେପରି ଅଧିକ ଉନ୍ନତି ହୋଇପାରିବ, ସେ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଜିଲ୍ଲା ସାଧନକର୍ମୀ ରାମକୃଷ୍ଣ ପାଢୀ, ବସନ୍ତ କୁମାର ରଣା, କାଳୁ ଚରଣ ମହାରଣା, ପ୍ରମୋଦ କୁମାର ବାରିକ, ଅଶୋକ ହାଲଦାର ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ । ଉଦ୍ ଯାପନୀ ଉତ୍ସବରେ ଡି.ଆଇ.ଇ.ଟି ଚିତ୍ରକୋଣ୍ଡାର ପ୍ରିନ୍ସିପାଲ୍ ଶ୍ରୀମତୀ ମମତା ଝୋଡ଼ିଆ, ପିରାମାଲ ଫାଉଣ୍ଡେସନ୍ ର ଜିଲ୍ଲା କୋର୍ଡିନେଟର୍ ଶ୍ରୀ ମହାଦେବ୍, ଏମ୍.ପି ନବରଙ୍ଗପୁର ରିପ୍ରେଜେନଟେଟିଭ୍ (ମ୍ୟୁନିସିପାଲଟି ପ୍ରତିନିଧି) ବିଜୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଜୁନିୟର୍ ରେଡକ୍ରସ ସାଧନ କର୍ମୀ ତାଲିମ୍ ଶିବିର ଅନୁଷ୍ଠିତ

ବଲାଙ୍ଗିର, ୧୬/୨ (ନି.ପ୍ର): ସ୍ଥାନୀୟ ପତିତପାବନ ଏକାଡେମୀ ଠାରେ ବ୍ଲକସ୍ତରୀୟ ଜୁନିୟର୍ ରେଡକ୍ରସ ସାଧନ କର୍ମୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର୍ ରେଡକ୍ରସର ଅଧ୍ୟକ୍ଷ ପ୍ରଦୀପ କୁମାର ନାଗ ଯୋଗ ଦେଇଥିଲେ । ଜିଲ୍ଲା ଶାରୀରିକ କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୁନିୟର୍ ରେଡକ୍ରସ ର ତିନୋଟି ଲକ୍ଷ୍ୟ ଯଥା- ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତା ଯେପରି ସମସ୍ତ ସ୍କୁଲରେ ପାଳନ କରାଯାଇପାରିବ ସେ ସମ୍ପର୍କରେ ବୁଝାଇ ଥିଲେ । ଜେ.ଆର ସି ଓ ବିକାଶ ରଞ୍ଜନ ସାହୁ ମଂଚାସୀନ ରହି ଜିଲ୍ଲାର ୬ଟି ବ୍ଲକ ରୁ ଆସିଥିବା ସାଧନକର୍ମୀ ମାନଙ୍କୁ ବିପର୍ଯ୍ୟୟ ପରିଚାଳନା ଓ ଏହାର ମୁକାବିଲା ସମ୍ପର୍କରେ ଅବଗତ କରାଇଥିଲେ । ବିଜୁଳି ଘଡ଼ଘଡ଼ି,କୁକୁର କାମୁଡା, ସାପ କାମୁଡ଼ା ଆଦି ଅଘଟଣ ବେଳେ ସତର୍କତା ଅବଲମ୍ବନ ସହିତ ଏଡସ ସଂକ୍ରମଣ ଜନିତ ସଚେତନତା ବିଷୟରେ ସାଧନ କର୍ମୀ ମାନଙ୍କୁ ତାଲିମ୍ ଦିଆଯାଇଥିଲା । ପତିତପାବନ ଏକାଡେମୀର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅଂଶୁପା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ରିସୋର୍ସ ପର୍ସନ ଭାବେ ଶ୍ରୀମତୀ ରଶ୍ମୀରାଣୀ ଦାଶ, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ । ଏହା ଦ୍ୱାରା ସୁସ୍ଥ ବିଦ୍ୟାଳୟ,ସୁସ୍ଥ ସମାଜ ଓ ବିକଶିତ ଭାରତ ଗଠନର ସ୍ୱପ୍ନ ସାକାର ହୋଇପାରିବ ବୋଲି ଆଜିର ତାଲିମ୍ ଶିବିରରେ ଅତିଥି ମାନେ ବକ୍ତବ୍ୟ ରଖି ଥିଲେ । ସାଧନ କର୍ମୀ ମାନେ ଏହି ତାଲିମ୍ ରୁ ଯାଇ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଆବଶ୍ୟକୀୟ ତାଲିମ୍ ଦେବା ସହ ସଚେତନତା ସୃଷ୍ଟି କରିବେ । ଆଜିର ଏହି ତାଲିମ୍ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ସୁଜ୍ଞାନୀ ସବର ଓ ଦିପ୍ତୀରାଣୀ ବେହେରା ସହଯୋଗ କରିଥିଲେ ।

# ରାଜ୍ୟସରକାରଙ୍କ ଗ୍ରାମ୍ୟ ନିର୍ମାଣ ସଂସ୍ଥାର ଅବସର କର୍ମଚାରୀମାନଙ୍କ ବୈଠକ ଅବସର ପରେ ପେନସନ୍ ପାଇଁ ଦାବି



ବାଲେଶ୍ୱର, ୧୬/୨ (ନି.ପ୍ର): ଗତ ୧୯୯୦ ମସିହାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଇଂଜିନିୟରିଂ ସଂସ୍ଥାର କର୍ମଚାରୀମାନଙ୍କୁ ଆଣି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଗ୍ରାମ୍ୟନିର୍ମାଣ ସଂସ୍ଥା ଗଠନ କରାଯାଇଥିଲା। ଉକ୍ତ ସଂସ୍ଥାର କର୍ମଚାରୀମାନେ ଦୀର୍ଘବର୍ଷ କାମ କରି ଅବସର ନେବା ପରେ ସେମାନଙ୍କୁ ସରକାରୀ ପେନସନ୍, ଗ୍ରାଚ୍ୟୁଇଟି ପ୍ରଭୃତି ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ରବିବାର ଦିନ ପୂର୍ବାହ୍ନରେ ଗ୍ରାମ୍ୟ ନିର୍ମାଣ ସଂସ୍ଥାରୁ ଅବସର ନେଇଥିବା କର୍ମଚାରୀମାନଙ୍କର ଏକ ବୈଠକ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେବେନ୍ଦ୍ର ନାଥ ଦେ ସଭାପତିତ୍ୱ କରିଥିଲେ। ବୈଠକରେ ଆବାହକ ସର୍ବେଶ୍ୱର ପତି ତାଙ୍କ ବକ୍ତବ୍ୟରେ ଅବସର ପରେ କର୍ମଚାରୀମାନେ ଆର୍ଥିକ ଦୁରାବସ୍ଥା କାରଣରୁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର କରୁଣ କାହାଣୀ ବର୍ଣ୍ଣନା କରିଥିଲେ। ଦୀର୍ଘ ଆଲୋଚନା ପରେ 'ଗ୍ରାମ୍ୟ ନିର୍ମାଣ ସରକାରୀ ବ୍ରଟଓଭର ସେବା ନିବୃତ କର୍ମଚାରୀ ପରିଷଦ' ନାମରେ ଏକ ସଂଗଠନ ଗଠନ ପାଇଁ ସର୍ବସମ୍ମତକ୍ରମେ ନିଷ୍ପତ୍ତି ନିଆଯାଇଛି। ସଂପୂର୍ଣ୍ଣ ଚାକିରିକାଳକୁ ବିଚାରକୁ ନେଇ କର୍ମଚାରୀମାନଭ୍‌କୁ ମାସିକ ପେନସନ୍, ଗ୍ରାଚ୍ୟୁଇଟି ପ୍ରଭୃତି ପ୍ରଦାନ ପାଇଁ ବୈଠକରେ ଦାବି କରାଯାଇଛି। ବାଲେଶ୍ୱର ସିଭିଲ୍ ସୋସାଇଟିର ସଭାପତି ତଥା ପୂର୍ବତନ ରାଜ୍ୟ ସରକାରୀ କର୍ମଚାରୀ ନେତା ଅନ୍ତର୍ଯ୍ୟାମୀ ପ୍ରଧାନ, ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ବୈଠକରେ ଅତିଥି ଓ ବକ୍ତାଭାବେ ଯୋଗ ଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ଆଇନଗତ ସୁବିଧା ସୁଯୋଗ ଦେବାକୁ ଦାବି କରିଥିଲେ। ନୂତନ ସଂଗଠନର ସଭାପତି ଭାବେ ଦେବେନ୍ଦ୍ର ନାଥ ଦେ, ଉପସଭାପତି - ପରେଶ ଚନ୍ଦ୍ର ବେହେରା, ସଂପାଦକ - ଅମୀୟ ପ୍ରସାଦ ଚୌଧୁରୀ, ସହସଂପାଦକ - ସଂଜୟ କୁମାର ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଭାବେ ସର୍ବେଶ୍ୱର ପତିଙ୍କୁ ନିର୍ବାଚିତ କରାଯାଇଛି। ନୂତନ କମିଟିର ଆସନ୍ତା ବୈଠକ ପରେ ପଞ୍ଜିକରଣ ପାଇଁ ଆବେଦନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଭାକାର୍ଯ୍ୟ ଆରମ୍ଭରେ ମୃତ୍ୟୁବରଣ କରିଥିବା ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ଗଦାଧର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମହାକୁମ୍ଭରେ ବୁଡ଼ ପକାଇବା ସହ ତ୍ରିବେଣି ସଙ୍ଗମରେ ସ୍ନାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ପ୍ରୟାଗରାଜ, ୧୬/୨ (ନି.ପ୍ର): ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମ ଶାଶ୍ୱତ ପରମ୍ପରାର ଜୀବନ୍ତତାର ପ୍ରତୀକ ବୋଲି ରବିବାର ପ୍ରୟାଗରାଜ ଠାରେ ତ୍ରିବେଣୀ ସଙ୍ଗମରେ ସପରିବାର ବୁଡ ପକେଇବା ସହ ସ୍ନାନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମା' ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ତ୍ରିବେଣି ସଙ୍ଗମରେ ସପରିବାର ବୁଡ ପକେଇବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦୀର୍ଘ ୧୪୪ ବର୍ଷ ପରେ ମହାକୁମ୍ଭର ଅଲୌକିକ ସଙ୍ଗମର ଅବସର ଉପନୀତ ହୋଇଛି । ଏହି ସଙ୍ଗମରେ ପୂଜ୍ୟ ସାଧୁ ସନ୍ଥ ଏବଂ ଭକ୍ତମାନେ ଏକାଠି ହୋଇଛନ୍ତି । ଏହା ହେଉଛି ଧର୍ମ ଏବଂ ବିଶ୍ୱାସର ସବୁଠାରୁ ମହାନ ପର୍ବ । ଏହି ଭଳି ଦିବ୍ୟ ଅବସରରେ ଏକତାର ମହାପର୍ବ 'ମହାକୁମ୍ଭ'ରେ ସପରିବାର ଶ୍ରଦ୍ଧାର ସହିତ ସ୍ନାନ କରିବା ମୋ ପାଇଁ ଦିବ୍ୟ ଅନୁଭୂତି ଏବଂ ପରିବାର ପାଇଁ ସୌଭାଗ୍ୟର ବିଷୟ। ମହାକୁମ୍ଭ କେବଳ ଏକ ପର୍ବ ନୁହେଁ ବରଂ ଏହା ଭାରତର ହଜାର ହଜାର ବର୍ଷ ପୁରୁଣା ଅଧ୍ୟାତ୍ମିକତା ଏବଂ ସାଂସ୍କୃତିକ ଚେତନାର ଜୀବନ୍ତ ଜ୍ୟୋତି । ଏହି ଦିବ୍ୟ ଅବସରରେ ସମଗ୍ର ବିଶ୍ୱ ସନାତନ ସଂସ୍କୃତିର ଭବ୍ୟତା, ଶ୍ରଦ୍ଧା ଏବଂ ଭକ୍ତିରେ ମୁଁ ଅଲୌକିକ ଶକ୍ତିକୁ ଅନୁଭବ କରୁଛି । ଏହି ଅବସରରେ ମା' ଗଙ୍ଗାଙ୍କ ପାଖରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାକୁମ୍ଭ ମେଳା ସୁବ୍ୟବସ୍ଥିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି । ତ୍ରିବେଣି ସଙ୍ଗମରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଉତ୍ତର ପ୍ରଦେଶର ଉଚ୍ଚ ଶିକ୍ଷା ମନ୍ତ୍ରୀ ଯୋଗେନ୍ଦର ଉପାଧ୍ୟାୟ, ପରିବହନ ମନ୍ତ୍ରୀ ଦୟାଶଙ୍କର ସିଂହ ଓ ଏମଏସଏମଇ ମନ୍ତ୍ରୀ ରାକେଶ ସଚନ ପ୍ରମୁଖ ମଧ ବୁଡ ପକାଇଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଫୁଲବାଣୀରେ କନ୍ୟା ଶିବିର ଅନୁଷ୍ଠିତ

କନ୍ଧମାଳ, ୧୬/୨ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ 'କନ୍ୟା ଭାରତୀ' ତରଫରୁ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରମୁଖ ଇନ୍ଦ୍ର ମଣି ନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନିଜର ଆତ୍ମରକ୍ଷା ସମ୍ବନ୍ଧରେ ସଚେତନ କରାଇଥିଲେ। ସେହିପରି କାର୍ଯ୍ୟକ୍ରମରେ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ କନ୍ୟା ଶିବିରର ଉଦ୍ଦେଶ୍ୟ ତଥା ମହତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ । ଉପସ୍ଥିତ ଅତିଥି ବୃନ୍ଦଙ୍କ ପରିଚୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଗଣଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି. ଶିବ ଶଙ୍କର ପାତ୍ର, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ସମେତ ବିଦ୍ୟାଳୟର ମାତୃ ଭାରତୀ ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ମାନ ବୃଦ୍ଧି କରିଥିଲେ। କନ୍ୟା ଶିବିରର ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ଝୋଟି ଆଙ୍କିବା, ଅଳତା ଲଗାଇବା, ଶାଢ଼ୀ ପିନ୍ଧିବା, ମେହେନ୍ଦୀ ଲଗାଇବା, ବ୍ୟବସାୟିକ ମେଳା ଏବଂ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ ଆଦି ପ୍ରତିଯୋଗିତା। ଏଥି ସହିତ ତୁଳସୀ ପୂଜନ, ମହିୟସୀ ମହିଳାଙ୍କ ଫଟୋ ଚିତ୍ର ପ୍ରଦର୍ଶନ ଆଦି ଆୟୋଜନ କରାଯାଇଥିଲା । ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସହ-ପ୍ରଧାନାର୍ଯ୍ୟା ବୈଜୟନ୍ତୀ ସାମନ୍ତରାୟ ବରିଷ୍ଠ ଆଚାର୍ଯ୍ୟା ମାନେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଯୁବ ତଥା ସବୁଜ ବାହିନୀର ବାର୍ଷିକ ସମାରୋହ

ସମ୍ବଲପୁର, ୧୬/୨ (ନି.ପ୍ର): ଆଜି ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଯୁବ ତଥା ସବୁଜ ବାହିନୀର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସମ୍ମାନର ଆୟୋଜନ ମଧ୍ୟ ହୋଇଥିଲା। ଏଥିରେ ଜାତୀୟ ଯୁବ ତଥା ସବୁଜ ବାହିନୀର ସଦସ୍ୟ ଛାତ୍ରଛାତ୍ରୀ 'ପରିବେଶ ସୁରକ୍ଷା ପାଇଁ ଯୁବପୀଢ଼ିର ଦାୟୀତ୍ୱ' ଉପରେ ଆଧାରିତ ଭିତିପତ୍ର ଉପସ୍ଥାପନ କରି ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରେ ବରିଷ୍ଠ ବିଭାଗରେ ରୁଦ୍ରାଂଶୁ ପରିଡ଼ା, ପ୍ରିୟାଂଶା ପ୍ରଧାନ ଓ ତୃଷ୍ଣା ତୁଷାରୀକା ବାରିକ ଏବଂ କନିଷ୍ଠ ବିଭାଗରେ ଚାନ୍ଦିନୀ ଶର୍ମା, ପାୟଲ ସିଂ ଓ ପ୍ରିୟା ଯାଦବ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଉଦୀତ ଚନ୍ଦ୍ର ପାଟଯୋଶୀ ଯୋଗଦାନ କରି ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସଂପାନର ବିଚାରକ ଭାବେ ଶିକ୍ଷକ ତନୟ କୁମାର ପ୍ରଧାନ, ଜ୍ଞାନେଶ୍ୱର କର ଓ ଶିକ୍ଷୟିତ୍ରୀ ସୁନୀତି ଧର କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ଜୟନ୍ତୀ ହୋତା, ଅପର୍ଣ୍ଣା ପଣ୍ଡା, ଶିକ୍ଷକ ପ୍ରଦୀପ କୁମାର ସାହୁ, ଭୋଲାନାଥ ବିଷୋୟୀ ତଥା ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ସୁରେନ୍ଦ୍ରସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନୁଷ୍ଠିତ




ବାରିପଦା , ୧୬/୨ (ନି.ପ୍ର): ସମଗ୍ର ଶିକ୍ଷା, ମୟୁରଭଞ୍ଜ ଆନୁକୂଲ୍ୟରେ ବାରିପଦା ବ୍ଲକର ସେଣ୍ଟ ମେରି ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳ, ଏମ ପି କେ ବାଳିକା ଉଚ୍ଚ ବିଦ୍ୟାଳୟ, ଭଂଜପୁର ଉଚ୍ଚ ବିଦ୍ୟାଳୟ ଓ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ୫ ଟି ଶିବିରରେ ସୁରେନ୍ଦ୍ରସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ରେଖାରାଣୀ ଦାସ ଓ ଶିକ୍ଷକ ଦିଲ୍ଲୀପ କୁମାର ଦାସଙ୍କ ସଂଯୋଜନାରେ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଅରୁଣ ସାହୁ, ଜୟନ୍ତୀ ସୁର ଓ ଜ୍ୟୋତ୍ସ୍ନା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ୮୭୪ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୨୭୫ ଜଣଙ୍କର ଚଷମା ଆବଶ୍ୟକ ହୋଇଥିବା ବେଳେ ୮୨ ଜଣକୁ ଉଚ୍ଚ ଚିକିତ୍ସା ପାଇଁ ପି ଆର ଏମ ଡାକ୍ତରଖାନାକୁ ପଠାଯାଇଥିଲା । ବି ଆର ସି ସି ତପସ୍ୱିନୀ ଦାଶ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ସ୍ନେହଲତା ବେହେରା ଶିବିର ପରିଦର୍ଶନ କରିଥିବା ବେଳେ ଆର ବି ଏସ କେ ର ଆୟୁଷ ଡଃ ଅଭିଜିତ ରାଉତ ଉଦୟ ମାର୍ଣ୍ଡି ତଥା ସମସ୍ତ ସି ଆର ସି ସି ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ କୀର୍ତ୍ତିରାଜି ଉନ୍ନତିକରଣ ପାଇଁ ଆଶା ଉଜ୍ଜୀବିତ



ନୀଳଗିରି , ୧୬/୨ (ନି.ପ୍ର): ଉତ୍ତର ଓଡ଼ିଶାର ବାଲେଶ୍ୱର ଜିଲ୍ଲା କଳା, ସଂସ୍କୃତିର ପେଣ୍ଠସ୍ଥଳୀ। ଏହାର କୋଣଅନୁକୋଣରେ ବିଭିନ୍ନ କୀର୍ତ୍ତିରାଜି ବିଦ୍ୟମାନ। ବିସ୍ତୀର୍ଣ୍ଣ ବେଳାଭୂମି ସହିତ ଜଙ୍ଗଲ, ପାହାଡଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆତ୍ମହରା ହୁଅନ୍ତି ଦେଶ ବିଦେଶର ପର୍ଯ୍ୟଟକ।ବର୍ଷର ଅଧିକାଂଶ ସମୟରେ ପର୍ଯ୍ୟଟକ, ଗବେଷକ ଏଠାରେ ଭିଡ ଲଗାଇଥାଆନ୍ତି। ତେଣୁ ଅଧିକରୁ ଅଧିକ ଏହାର ପୁନାର୍ବିକାଶ ଏବଂ ଉନ୍ନତିକରଣ ପାଇଁ ଅଣ୍ଟା ଭିଡିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଦୁଇ ଦୁଇଥର ବିଧାୟକ ଥାଇ ବିଧାନସଭାରେ ଅନେକ ଥର ଅଞ୍ଚଳର ବିକାଶପାଇଁ ସ୍ୱର ଉତ୍ତୋଳନ କରିଥିବା ବେଳେ ବର୍ତ୍ତମାନର ବିଜେପି ସରକାରଙ୍କ ଠାରେ ଦାବୀ କରିଛନ୍ତି ।ଏନେଇ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଗତ ୨୦୨୪ ମସିହା ଡିସେମ୍ବର ୧୨ତାରିଖରେ ପତ୍ର ଲେଖି ବାଲେଶ୍ୱର ସଂସଦୀୟର ବିଭିନ୍ନ ମନ୍ଦିର, ବେଳାଭୂମି, ପର୍ଯ୍ୟଟନ ସ୍ଥଳୀ, ପ୍ରକୃତି ନିବାସ , ଜଳାଶୟର ପୁନରୁଦ୍ଧାର ଏବଂ ବିକାଶପାଇଁ ଆର୍ଥିକ ସହାୟତା ଦାବୀ କରିଥିଲେ। ଏନେଇ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନବିଭାଗ ତରଫରୁ ଗୁରୁତ୍ୱ ଦିଆଯାଇ ଆର୍ଥିକ ସହାୟତା ଯୋଗାଇ ଦେବା ସମ୍ପର୍କରେ ତର୍ଜମା ଚାଲିଥିବା ନେଇ ସାଂସଦଙ୍କୁ ଅବଗତ କରାଯାଇଛି। ବାଲେଶ୍ୱର ସଂସଦୀୟକ୍ଷେତ୍ର ମଧ୍ୟରେ ନୀଳଗିରି ଉପଖଣ୍ଡର ନୀଳଗିରି ଓ ଔପଦା ବ୍ଲକ୍ ଅନ୍ତର୍ଗତ ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ଭୁଦାରଚଣ୍ଡୀ ମନ୍ଦିର, କୁଳଡିହା ପ୍ରକୃତିନିବାସ, ଅଯୋଧାର ମାରିଚି ମନ୍ଦିର, ବିଶ୍ୱେଶ୍ୱର୍ ମହାଦେବ ମନ୍ଦିର, ପାଣ୍ଡବଘେରା, ନୀଳଗିରି ଜଗନ୍ନାଥ ମନ୍ଦିର, ପଦ୍ମତୋଳା ହ୍ରଦ, ଖୁମକୁଟ ଡ୍ୟାମ, ବାବନ୍ଧ ସ୍ଥିତ କୁମ୍ଭକ୍ଷେତ୍ର, ଗରଡିହି ଜଗନ୍ନାଥ ମନ୍ଦିର ଏବଂ ବାହାନଗା ବ୍ଲକ ଦାଣ୍ଡକାଳୀ ମନ୍ଦିର ଆଦି ପର୍ଯ୍ୟଟନ ଓ ସାଂସ୍କୃତିକ କ୍ଷେତ୍ରକୁ ନେଇ ଚିଠି ଲେଖିଥିବା ବେଳେ ଭୋଗରାଇ, ଜଳେଶ୍ୱର, ବସ୍ତା ଏବଂ ବାଲିଆପାଳ, ବାଲେଶ୍ୱର ସଦର, ରେମୁଣା, ବଡ଼ସାହି ବ୍ଲକର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ କୀର୍ତ୍ତିରାଜି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ବିଭାଗ ପକ୍ଷରୁ ଚିଠି ପାଇବାପରେ ଏସବୁ କ୍ଷେତ୍ରର ଉନ୍ନତିକରଣ ହେବା ଆଶା ଦୃଢ଼ିଭୂତ ହୋଇଛି।

# ଭୂମିକା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ବଲାଙ୍ଗିର, ୧୬/୨ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ତରଫରୁ ସ୍କୁଲ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ସହସ୍ରାଧିକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବର୍ଗରେ ପୃଥ୍ୱୀରାଜ ହାଇସ୍କୁଲ ର ଅର୍ଜୁନ କବାଟ ପ୍ରଥମ, ପୃଥ୍ୱୀରାଜ ହାଇସ୍କୁଲ ର ଆୟୁଷ ବାରିକ ଦ୍ୱିତୀୟ, ବିଶ୍ୱମ୍ବା ବିଦ୍ୟାମନ୍ଦିର ସୃତି ସାମନ୍ତ ତୃତୀୟ ସେହିପରି କନିଷ୍ଠ ବର୍ଗ ରେ ଏକାଡେମୀ ହାଇଟ ର ମିଥିଲେଶ କୁମାର ବେହେରା ପ୍ରଥମ, ବିଶମ୍ବା ବିଦ୍ୟାମନ୍ଦିରର ସୌମ୍ୟ ରଞ୍ଜନ ସାହୁ ଦ୍ୱିତୀୟ, ସରକାରୀ ବାଳିକା ବିଦ୍ୟାଳୟର ରଶ୍ମୀତା ମେହେର ତୃତୀୟ ଓ ଶାନ୍ତ୍ୱନା ମୂଳକ ପୁରସ୍କାର ଭାବେ ହର୍ଷିତା ସିଂହ, ବିଜୟ ଗୁଡିୟା,ନୈନା ପାତ୍ର ପୁରସ୍କୃତ ହୋଇଛନ୍ତି। ଆଜି ଏହି କାର୍ଯ୍ୟକ୍ରମର ପୁରସ୍କାର ବିତରଣରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଶ୍ରୀ ଗଣେଶ ପ୍ରଧାନ ଯୋଗ ଦେଇଥିଲେ ଓ ବିଚାରକ ଭାବେ ରୁଦ୍ରଦେବ ପ୍ରଧାନ, ମହେନ୍ଦ୍ର ମଲ୍ଲିକ ଓ ଅଶ୍ୱିନୀ ରଥ ଯୋଗ ଦେଇଥିଲେ। ଏହି ସଭାକୁ ସ୍ୱାଗତ କରିଥିଲେ ବ୍ୟାସଦେବ ନନ୍ଦ। ଭୂମିକାର ସଭାପତି ବିରେନ୍ଦ୍ର ବଞ୍ଚୋର୍ ପ୍ରତିଯୋଗୀତାର ଆବାହକ ପ୍ରଭାସ ଷଡଙ୍ଗୀ ଓ ଭୂମିକା ସମ୍ପାଦକ ଜିତେନ୍ଦ୍ରିୟ ତ୍ରିପାଠୀ ମଂଚାସିନ ଥିଲେ। ଭୂମିକା ପରିବାରର ସଦସ୍ୟ ଚିତରଞ୍ଜନ ଦାଶ, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ରାଜେନ୍ଦ୍ର ମିଶ୍ର, ନୟନ ମହାନ୍ତି ରାଜୀବ ଲୋଚନ ଆଚାର୍ଯ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ସଭା ଶେଷରେ ଜିତେନ୍ଦ୍ରିୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନୂଆଦିଲ୍ଲୀ ରେଳ ଷ୍ଟେସନ...

ପ୍ରବେଶ କଲେ, ଦିଲ୍ଲୀ ପୋଲିସ ତାକୁ ନେଇ ତଦନ୍ତ କରୁଛି । ଦିଲ୍ଲୀ ଉପରାଜ୍ୟପାଳ ଭି କେ ସକ୍ସେନା ଓ ଦିଲ୍ଲୀର କାମଚଳା ମୁଖ୍ୟମନ୍ତ୍ରୀ ଆତିଶୀ ଏଲ୍‌ଏନ୍‌ଜେପି ହସ୍ପିଟାଲ ପରିଦର୍ଶନ କରି ଆହତଙ୍କୁ ଭେଟିଛନ୍ତି । ରେଳପଥ ଡିସିପି କେପିଏସ୍ ମାଲହୋତ୍ରା କହିଛନ୍ତି, ପ୍ରୟାଗରାଜ ଏକ୍ସପ୍ରେସ୍ ୧୪ ନମ୍ବର ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ବେଳେ ସେଠାରେ ବହୁ ସଂଖ୍ୟକ ଯାତ୍ରୀ ଅପେକ୍ଷା କରିଥିଲେ । ଏହି ସମୟରେ ସ୍ୱତନ୍ତ୍ରତା ସେନାନୀ ଏକ୍ସପ୍ରେସ ଓ ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ବିଳମ୍ବିତ ହୋଇଥିଲା । ଫଳରେ ଯାତ୍ରୀମାନେ ୧୨, ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ଅପେକ୍ଷା କରି ଭିଡ଼ ଜମାଇଥିଲେ । ୧୫୦୦ ସାଧାରଣ ଶ୍ରେଣୀ ଟିକେଟ ବିକ୍ରି ହୋଇଥିଲା । ଫଳରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା । ୧୪ ନମ୍ବର ପ୍ଲାଟଫର୍ମରେ ଭିଡ଼ ସବୁଠାରୁ ଅଧିକ ଥିଲା । ଏହାଯୋଗୁ ୧୪ ଏବଂ ୧ ନମ୍ବର ପ୍ଲାଟଫର୍ମ ନିକଟରେ ଥିବା ଏସ୍କାଲେଟର ନିକଟରେ ଦଳାଚକଟା ସ୍ଥିତି ଉପୁଜିଥିଲା । ପ୍ରଥମେ ୧୨ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ପହଞ୍ଚିବା ନେଇ ଘୋଷଣା ହୋଇଥିଲା । ଏହାପରେ ଯାତ୍ରୀମାନେ ସେଠାକୁ ଧାଇଁଥିଲେ । ପରେ ୧୬ ନମ୍ବରକୁ ଟ୍ରେନ୍ ଆସିବା ନେଇ ଘୋଷଣା ହୋଇଥିଲା । ଏହିଭଳି ସ୍ଥିତିରେ ଯାତ୍ରୀମାନେ ଦୌଡ଼ାଦୌଡ଼ି ଯୋଗୁ ଦଳାଚକଟା ସ୍ଥିତି ଉପୁଜିଥିଲା । ଟ୍ରେନ୍‌ର ପ୍ଲାଟଫର୍ମ ନମ୍ବର ବଦଳାଯିବା ଯୋଗୁ ଏତେ ବଡ଼ ଅଘଟଣ ଘଟିଛି । ନୂଆଦିଲ୍ଲୀ ରେଳଷ୍ଟେସନ ଦଳାଚକଟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଲାଇବା ସହିତ ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିବା ସୂଚନା ଦେଲେ । ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରୟାଗରାଜକୁ ୪ଟି ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରାଯାଇଛି । ଆହୁରି ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏବେ ସ୍ଥିତି ନିୟନ୍ତ୍ରଣକୁ ଆସିଥିବା ଜଣାଇଛନ୍ତି ରେଳମନ୍ତ୍ରୀ । ନୂଆଦିଲ୍ଲୀ ଷ୍ଟେସନରେ ଦଳାଚକଟା ଘଟଣାରେ ମୃତକ ପରିବାରକୁ ଆର୍ଥିକ ସହାୟତା ରାଶି ଘୋଷଣା କରିଛି ରେଳ ବିଭାଗ। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରାଯାଇଥିବା ବେଳେ ଗୁରୁତରଙ୍କ ପାଇଁ ୨.୫୦ ଲକ୍ଷ ଟଙ୍କା ଘୋଷଣା କରାଯାଛି। ସେହିପରି ଆହତମାନଙ୍କ ପାଇଁ ୧ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି।

## ଆଜି ଆସିବ ରାଜ୍ୟ...

ହୋଇପାରେ ଯୋଜନା । ୫- ଆଇଟି, ଷ୍ଟିଲ, ଅକ୍ଷୟ ଶକ୍ତି, ଏଗ୍ରୋ ଇଣ୍ଡଷ୍ଟ୍ରିଜ, ପେଟ୍ରୋ କେମିକାଲ ଓ ଟେକ୍ସଟାଇଲ ଉପରେ ଦିଆଯାଇପାରେ ଗୁରୁତ୍ୱ । ୬- ଆବାସ, ସୁଭଦ୍ରା ଭଳି ଲୋକାଭିମୁଖୀ ଯୋଜନା ବାବଦରେ ସରକାର କିଛି ନୂଆ ଘୋଷଣା କରିପାରନ୍ତି ସେପଟେ ରାଜ୍ୟ ବଜେଟକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ମତାମତ ଦେଇଛନ୍ତି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଏକ ସୁସ୍ଥ ଅର୍ଥନୈତିକ ବ୍ୟବସ୍ଥାକୁ ଛାଡିକି ଯାଇଛନ୍ତି । ଓଡିଶାର ଅର୍ଥନୀତି ଆଗେଇଛି ବୋଲି ନୀତି ଆୟୋଗ ସ୍ୱୀକାର ମଧ କରିଛି । ଓଡିଶା ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ରାଜ୍ୟ ସରକାର ଏସବୁକୁ ଦୃଷ୍ଟିରେ ରଖି ବଜେଟରେ ଲୋକଙ୍କ ଆଶା ପୂରଣ କରିବେ ବେଲି ଆଶା କରିଛି ବିଜେଡି। କଂଗ୍ରେସ କହିଛି ୮ ମାସ ସରକାର କୈଣସି ଆଖିଦୃଶିଆ ପଦକ୍ଷେପ ନେଇ ନାହାନ୍ତି । ଆବାସ ଯୋଜନାକୁ ଅଧିକ ପ୍ରାଧାନ୍ୟ ଦେବେ ବୋଲି ଆଶା। ନିଯୁକ୍ତି ସୃଷ୍ଟିକୁ ସରକାର ଗୁରୁତ୍ୱ ଦେବା ଦରକାର ବୋଲି କହିଛି କଂଗ୍ରେସ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ବଜେଟ ବିକାଶମୁଖୀ ହେବ। ବଜେଟ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ବିକାଶକୁ ଏକ ନୂଆ ଚିତ୍ର ଓ ନୂଆ ମାନଚିତ୍ର ଦେବ ବୋଲି ସେ ଆଶା ପୋଷଣ କରିଛନ୍ତି। କାଲି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଜେଟ ଉପସ୍ଥାପନ କରିବେ। ବଜେଟର ଲାଇଭ ଆପଣ ଦିନ ୩ଟାରୁ ନ୍ୟୁଜ ସେଭେନରେ ଦେଖିପାରିବେ।

## ବିଜେପିର ମେଗା ପ୍ଲାନ୍: କେନ୍ଦ୍ର ...

ମନ୍ତ୍ରୀ ଜିଲ୍ଲା ଗସ୍ତରେ ଯାଇ ସାମ୍ବାଦିକ ସମ୍ମିଳନୀ କରିବେ । ବିଧାୟକମାନଙ୍କ ନେତୃତ୍ୱରେ କର୍ମୀମାନେ ଘରେ ଘରେ ପହଞ୍ଚିବେ । କେନ୍ଦ୍ର ବଜେଟରେ ଓଡ଼ିଶାକୁ ଦିଆଯାଇଥିବା ଗୁରୁତ୍ୱ ଏବଂ ରାଜ୍ୟ ବଜେଟରେ ଯେଉଁ ସବୁ ଯୋଜନା ଏବଂ କାର୍ଯ୍ୟକ୍ରମ ଆସିବ ସେସବୁକୁ ଲୋକଙ୍କ ପାଖରେ ପହଞ୍ଚାଇବେ । ଏଥିପାଇଁ ଲିଫଲେଟ୍ ଏବଂ ପୋଷ୍ଟର କରି ଗାଁ ଗାଁରେ ବାଣ୍ଟିବେ । ବିଜେପି ଜାତୀୟ ସାଧାରଣ ସଂପାଦକ ତରୁଣ ଚୁଗ୍ ସରକାରୀ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଂଗଠନର ସଂପୃକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି । ଏପଟେ ଖୁବ୍ ଶୀଘ୍ର ଖାଲି ପଡ଼ିଥିବା ନିଗମ ଓ ବୋର୍ଡଗୁଡିକରେ ଅଧକ୍ଷ ନିଯୁକ୍ତି କରିବାକୁ ବି ପ୍ରକ୍ରିୟା ଆରମ୍ଭ ହୋଇଛି । ସରକାରକୁ ୮ ମାସ ପୂରିଥିଲେ ବି ଏହି ପ୍ରକ୍ରିୟା ସରିନାହିଁ । ଯାହା ଫଳରେ ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ତ୍ୱରାନ୍ୱିତ ହୋଇପାରୁ ନାହିଁ । ଅନ୍ୟପକ୍ଷରେ ଲବିରେ ଥିବା ନେତାମାନଙ୍କ ଭିତରେ ମଧ ଆଶା ଆଶଙ୍କା ବଢୁଛି । ତାକୁ ଦୂର କରିବାକୁ ଚଳିତ ମାସ ଶେଷ ସୁଦ୍ଧା ଏ ସବୁ ନିଯୁକ୍ତି ପାଇଁ କସରତ ଆରମ୍ଭ ହୋଇଛି । ଯଦିଓ ରାଜ୍ୟ ସଭାପତି, ତାଲିକା ପ୍ରସ୍ତୁତ କରିବା ଆରମ୍ଭ କଲେଣି କିନ୍ତୁ ଏହାର ଆଧାର କଣ ହେବ? କେଉଁ ନେତାଙ୍କୁ ଦଳ ଗୁରୁତ୍ୱ ଦେବ? ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିବା ବେଳେ ଖୁବ୍ ଶୀଘ୍ର ପୁଣିଥରେ ଓଡ଼ିଶା ଗସ୍ତରେ ଆସିବେ ବିଜେପି ଜାତୀୟ ସାଧାରଣ ସଂପାଦକ ତରୁଣ ଚୁଗ୍ । କୁହାଯାଉଛି ୨୪ ନିର୍ବାଚନରେ ଟିକେଟ ନପାଇ ଦଳ ପାଇଁ କାମ କରିଥିବା ନେତାଙ୍କୁ ପ୍ରାଥମିକତା ଦିଆଯିବ । ଏସବୁ ଭିତରେ ଉପସଭାପତି ଗୋଲକ ମହାପାତ୍ର, ବିରଞ୍ଚି ତ୍ରିପାଠୀଙ୍କ ସହ ସାଧାରଣ ସଂପାଦକ ସୀମାଞ୍ଚଳ ଖଟେଇ, ଯତୀନ ମହାନ୍ତି, ଶାରଦା ଶତପଥୀ ପ୍ରମୁଖ ଅଛନ୍ତି । ସେହିପରି ଜୟନ୍ତ ଜେନା, ସମୀର ରଞ୍ଜନ ଦାଶ, ସୁରଥ ବିଶ୍ୱାଳ, ସୁଦୀପ୍ତ ରାୟ, ସଜ୍ଜନ ଶର୍ମା, ରାଜେନ୍ଦ୍ର ପଣ୍ଡା, ଅନୀଲ ବିଶ୍ୱାଳଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ । ଅନ୍ୟପଟେ ନିର୍ବାଚନ ଲଢି ହାରିଥିଲେ ବି ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ଜଗନ୍ନାଥ ପ୍ରଧାନ, କୁସୁମ ଟେଟେ, ଗୌତମ ରାୟ ଓ ପ୍ରିୟଦର୍ଶୀ ମିଶ୍ରଙ୍କୁ ମଧ ଦଳ ବିଭିନ୍ନ ପଦପଦବିରେ ନିଯୁକ୍ତି ଦେଇପାରେ । ଚଳିତ ମାସ ସୁଦ୍ଧା ରାଜ୍ୟ ସଭାପତି ସହ ୧୪ ଜିଲ୍ଲା ସଭାପତି ଏବଂ ବିଭିନ୍ନ ବୋର୍ଡ ଏବଂ ନିଗମ ନିଯୁକ୍ତ କରି ଫୁଲ୍ ଫେଜ୍ ରେ ଦଳ ଆଗକୁ ଆସିବ ବୋଲି କୁହାଯାଉଛି ।

## ବିଚ୍ ରାସ୍ତାରେ ସହଦେବ ...

ସହଦେବଙ୍କ ପତ୍ନୀଙ୍କ କହିବା କଥା, ଡ୍ରଗ୍ସ କାରବାରକୁ ବିରୋଧ କରିବାରୁ ପୂର୍ବରୁ ଅନେକ ଥର ଧମକ ଚମକ ସହ ୧୦ ତାରିଖରେ ମୁଣ୍ଡ କାଟି ଥାନାରେ ହ୍ୟାଣ୍ଡ ଓଭର୍ କରିବୁ ବୋଲି ଚେତାବନୀ ଦେଇଥିଲା ନିଶା କାରବାରରେ ଜେଲ୍ ଯାଇଥିବା ଲିପିକା। ଆଉ ହତ୍ୟାର ବ୍ଲୁପ୍ରିଣ୍ଟ ତିଆରି କରିଥିବା ଲିପିକା ଜେଲରୁ ଫେରିବା ପରେ ଧାର୍ଯ୍ୟ ତାରିଖର ୪୮ ଘଣ୍ଟା ଭିତରେ ସହଦେବଙ୍କୁ ଗଣ୍ଡିରୁ ମୁଣ୍ଡ ଅଲଗା କରିଥିଲା ସହଯୋଗୀଙ୍କ ସହାୟତାରେ।

## ବହିଷ୍କାରର କାରଣ ଏଯାଏ ...

ଆମ ପରିବାରର ଅନ୍ୟମାନେ ପୁରୁଖା କଂଗ୍ରେସ ନେତା ଥିଲେ। ମୋ ବଡ଼ ଭାଇ ନିରଞ୍ଜନ ପଟ୍ଟନାୟକ ମନ୍ତ୍ରୀ ଓ ଚଉଉ ସଭାପତି ଥିଲେ। ଶ୍ୱଶୁର ଜାନକୀ ବଲ୍ଲଭ ପଟ୍ଟନାୟକ ୩ ଥର ମୁଖ୍ୟମନ୍ତ୍ରୀ ରହିଥିଲେ। ଏହା ସହିତ ସେ ଦଳକୁ ଫେରୁଛନ୍ତି କି ନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ସିଧାସଳଖ ଉତ୍ତର ଦେଇ ନ ଥିଲେ ମଧ ସେ କହିଥିଲେ ୧୨ ବର୍ଷ ତଳେ ମୋତେ କଂଗ୍ରେସରୁ ବହିଷ୍କାର କରାଯାଇଥିଲା। ତେବେ ବହିଷ୍କାରର କାରଣ କଣ ରହିଥିଲା ତାହା ମୁଁ ଜାଣି ନାହିଁ। କଂଗ୍ରେସ ଦଳର ସ୍ଥିତି ବର୍ତ୍ତମାନ ସାମାନ୍ୟ ଖରାପ ରହିଛି। ତେବେ ରାଜନୀତିରେ କୌଣସି ଦଳର ଭବିଷ୍ୟତ ଅନ୍ଧାର ନୁହେଁ, କଂଗ୍ରେସର ବି ନୁହେଁ। ଏହା ଏକ ପୁରୁଣା ଦଳ। ନିଜର ଭୁଲକୁ ସ୍ୱୀକାର କରିଲେ ଆଗାମୀ ଦିନରେ ଏହା ନିଶ୍ଚିତ ଦୃଢ଼ ହେବ।

## ସାହିତ୍ୟ ହିଁ ସମାଜକୁ ଦିଗଦର୍ଶନ...

ସେଥିପାଇଁ କଲମ ଚାଳନା ହିଁ ଶ୍ରେଷ୍ଠ ମାଧ୍ୟମ ହେବା ପ୍ରୟୋଜନ।ଅନ୍ୟ ତମ ଅତିଥି କିଶୋର ମିଶ୍ର କହିଥିଲେ ଯେ କବିତା ରଚନାରେ ଯେଉଁ ପ୍ରେମ ରହିଛି ତାହା ମାନବ ସମାଜକୁ ଧ୍ୱଂସ ମୁଖରୁ ରକ୍ଷା କରି ପାରିବ। ପରାଗ ସାହିତ୍ୟ ସଂସଦ ର ସଭାପତି ରମେଶ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଓ ବରିଷ୍ଠ ଉପସଭାପତି ନିଳିଦ୍ରି ଭୂଷଣ ମହାପାତ୍ର ଉତ୍ସବକୁ ସଂଚାଳନ କରିଥିଲେ। ସଂପାଦକ ବନମାଳୀ ସେନାପତି ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରତିଭା ଧାରୀ ସାହିତ୍ୟିକ ମାନଙ୍କୁ ସମ୍ବର୍ଦ୍ଧିତ କରାଜାଇଥିଲା।ଷ ଚଳିତ ବର୍ଷ 'ପରାଗ ଉପନ୍ୟାସ ସମ୍ମାନ'ରେ ଔପନ୍ୟାସିକ ସୃଷ୍ଟିଧର ପରିଡା ସମ୍ବର୍ଦ୍ଧିତ ହୋଇଥିବା ବେଳେ 'ପରାଗ କବିତା ସମ୍ମାନ'ରେ ଡ଼ଃ ଶ୍ରୀହରି ଧଳ, ଖଗେଶ୍ୱର ମହତାବ ଓ ନିରାକାର ଦାସ, 'ପରାଗ ଗଳ୍ପସମ୍ମାନ' ରେ ଗାଳ୍ପିକ ଦିଲ୍ଲୀପ କୁମାର ସାହାଣୀ, 'ପରାଗ ସାହିତ୍ୟ ଓ ସଂପାଦନା ସମ୍ମାନ' ପାଇଲେ ପଞ୍ଚବଟୀ ର ସଂପାଦକ ସୁଶାନ୍ତ ନାୟକ,'ପରାଗ ସଫଳ ସାହିତ୍ୟିକ ସମ୍ମାନ' ପାଇଲେ ଭାଗିରଥି ବେହେରା ଓ ହିମାଂଶୁ ପରିଡ଼ା , ପରାଗ ଗୀତିକବିତା ସମ୍ମାନ ବସନ୍ତ ଦାସ, 'ପରାଗ ଗୀତି ମଞ୍ଜରୀ' ସମ୍ମାନରେ ମିଲନ ମିଶ୍ର , 'ପରାଗ ସର୍ଜନ ସମ୍ମାନ'ରେ ଲାବଣ୍ୟ ନାୟକ ଓ 'ପରାଗ ଯୁବ ପ୍ରତିଭା' ସମ୍ମାନରେ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା।ଷ ଏହି ଅବସରରେ ଗାଳ୍ପିକ ବନମାଳୀ ସେନାପତିଙ୍କ ଚତୁର୍ଥ ଗଳ୍ପ ସଂକଳନ ନିଜ ନିଜ ଫୁଲବନକୁ ଅତିଥି ମନେ ଉନ୍ମୋଚନ କରିଥିଲେ। ଦିତୀୟ ଅଧିବେଶନ ରେ କବି ଅଶୋକ ବିଶ୍ୱାଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ କବିତା ପାଠୋତ୍ସବ। ଡଃ ମମତା ସାହୁ, ସର୍ବାଣି ଦାସ ଓ ଶୋଭନା ଜେନା ଏହି କବିତା ପାଠୋତ୍ସବ ରେ ସଂଯୋଜନା କରିଥିଲେ। ୪୦ ରୁ ଉର୍ଦ୍ଧ କବି ସେମାନଙ୍କର ସ୍ୱରଚିତ କବିତାମାନ ପାଠ କରିଥିଲେ। କବି ଶୈଳେନ୍ଦ୍ର ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତରେ ପହଂଚିଲା ଆମେରିକାରେ...

ଆମେରିକା ସେନାର ବିମାନ ଶନିବାର ରାତି ୧୧.୪୦ ସମୟରେ ଅମୃତସର ଏୟାରପୋର୍ଟରେ ଲ୍ୟାଣ୍ଡ କରିଥିଲା।ଏହାପରେ ପ୍ରାୟ ତିନି ଘଂଟା ପର୍ଯ୍ୟନ୍ତ କାଗଜପତ୍ର କାର୍ଯ୍ୟାନୁଷ୍ଠାନ କରାଯାଇଥିଲା।ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଗତ ଦୁଇ ଦିନରୁ ଅମୃତସରରେ ଅଛନ୍ତି ଏବଂ ପଞ୍ଜାବ ସରକାରଙ୍କ ଦ୍ୱାରା ଆମେରିକାରୁ ଆସୁଥିବା ଭାରତୀୟଙ୍କୁ ସ୍ୱାଗତ କରାଯିବାର ବ୍ୟବସ୍ଥା କରାଯାଇଥିଲା।

ସୋମବାର, ଫେବ୍ରୁଆରୀ ୧୭, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଜିଲ୍ଲାସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର , ୧୬/୨ (ନି.ପ୍ର): ଜିଲ୍ଲା ସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ନେହରୁ ଯୁବ କେନ୍ଦ୍ର ର ଯୁବ ଅଧିକାରୀ ଏମ ବିଗ୍ନେଶ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇ ଯାଇଛି. ଉକ୍ତ କ୍ରୀଡା ଉତ୍ସବ ରେ ଚିପ ଲିଗାଲ ଡିଫେନ୍ସ କାଉନସିଲ ର ନାଟଗୋପାଳ ପଣ୍ଡା ସଭାପତିତ୍ୱ କରି ଥିବା ବେଳେ ଅନ୍ୟତମ ଅତିଥି ଭାବେ ସମାଜ ସେବୀ ସେକ ଜନତ ହୁସେନ (ହୁସେନ ଚାଚା )ତାଙ୍କ ଅଭିଭାଷଣ ରଖିଥିଲେ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ର କ୍ରୀଡା କୋଚ ଆୟୁଷି ଚୌଧୁରୀ ମେଡ଼ାମ ତାଙ୍କ ସହଜଗ କରି କ୍ରୀଡା ର ପରିଚାଳନା କରିଥିଲେ ଓ ତାଙ୍କ ଅଭିଭାଷଣ ରଖିଥିଲେ ଏହି କ୍ରୀଡା ପ୍ରତିଯଗିତା ରେ ୧୦୦ଛକ୍ସକ୍ସ ଦୌଡ଼( ପୁରୁଷ ) ଟାଇକାଣ୍ଡ (ପୁ ରୁଷ )ଫୁଟବଲ (ପୁରୁଷ )ମହିଳା ବର୍ଗ ରେ ବଡ଼ମିଟନ ଓ ସ୍ଲୋ ସାୟକେଲ, କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନ କରା ଯାଇ ଥିଲା ବିଭିନ୍ନ ବର୍ଗ ରେ ଜିତିଥିବା ପ୍ରତିଯୋଗୀ ନେହେରୁ ଯୁବ କେନ୍ଦ୍ର ରେ ଆଗକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେବେ ଓ ବିଭିନ୍ନ ବ୍ଲକରୁ ଆସିଥିବା କ୍ରୀଡା ପ୍ରଶିକ୍ଷକ ଙ୍କୁ ଉତ୍ତରୀ ଓ ଟ୍ରଫି ଦେଇ ସଂମାନ କରା ଯାଇଥିଲା। ପରିଶେଷରେ ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ବିକ୍ରମ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।




## ବିଦାୟ ନେଲେ ଛତ୍ରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଜ ସାର




ନୀଳଗିରି, ୧୬/୨ (ନି.ପ୍ର): ଦିନଥିଲା ସ୍କୁଲର ପିଲାମାନଙ୍କ ସହିତ ଡଷ୍ଟର ଓ ଚକ୍କଖଡ଼ି ସମ୍ପର୍କ ଥିଲା। ପିଲା ମାନଙ୍କୁ ଭଲ ମଣିଷ କରିବାର ଇଛା ବି ଥିଲା। ରୁଟିନ୍ ଜୀବନକୁ ପାଥେୟ କରି ନିୟମିତଭାବେ ସଠିକ୍ ସମୟରେ କର୍ମ କ୍ଷେତ୍ରରେ ଯୋଗଦେଇ ମାଟି ପେଣ୍ଡୁଳା ଭଳି ଛାତ୍ରଛାତ୍ରୀଙ୍କୁ କୁମ୍ଭାର ସାଜି ଜୀବନ୍ତ ଭାବେ ଗଢୁଥିବା ଛତ୍ରପୁର ହାଇସ୍କୁଲର ପ୍ରଧାନଶିକ୍ଷକ ନିରଜ ବିଶ୍ୱାଳ ଚାକିରିରୁ ବିଦାୟ ନେଇଛନ୍ତି। ଦୀର୍ଘବର୍ଷର ଶିକ୍ଷକତା ଜୀବନ ସଫଳ ଶିକ୍ଷକଭାବେ ଉକ୍ତ ଅଞ୍ଚଳରେ ପରିଚିତ କରାଇଛି। ସେଭଳି ଉତ୍ତମ ଶିକ୍ଷକଙ୍କୁ ହରାଇ ଗାଁ ଓ ଛାତ୍ର ଛାତ୍ରୀ ମାନେ ଭବବିହୋଳ ହୋଇପାରିଛନ୍ତି । ଦିନଥିଲା ସବୁ କିଛି ନିଜର ଥିଲା ସମୟ ଆସିଲା ସବୁ କିଛି ବଦଳି ଗଲା ସବୁକିଛି ପର ହୋଇଗଲା। ସ୍କୁଲ ପର ମୋର ଆତ୍ମା ଥିବା ଛାତ୍ର ଛାତ୍ରୀ ବି ପର ହୋଇଗଲା। ସ୍କୁଲ ଘଣ୍ଟା ଆଉ ଶୁଭିବନି କାନକୁ ଓ ଚକ୍କଖଡ଼ି ଡଷ୍ଟର ଏ ହାତ ଧରିବାର ସୁଯୋଗ ପାଇବନି। ଏହି ବିଦାୟ ସମ୍ବର୍ଦ୍ଧନା ଉତ୍ସବ କରାଯାଇ ବିଦାୟ ନେଉଥିବା ସ୍କୁଲର ପ୍ରଧାନ ଶିକ୍ଷକ ନୀରଜ ବିଶ୍ୱାଳଙ୍କୁ ବିଦାୟ ଦିଆ ଯାଇଥିଲା। ଏହି ସଭାରେ ଉକ୍ତ ସ୍କୁଲର ଶିକ୍ଷକ ଉମାଶଙ୍କର ନନ୍ଦି ସଭାପତିତ୍ୱ କରିଥିଲେ। ଏବଂ ସ୍କୁଲର ପୁରାତନ ଛାତ୍ର ଓ ସ୍କୁଲର ମେମ୍ବର ସୁରେଶ ଶଙ୍ଖୁଆ, ଅମରେନ୍ଦ୍ର ନାୟକ, ନିଶିକାନ୍ତ ମହାପାତ୍ର, ଅଲେଖ ଚନ୍ଦ୍ର ବେହେରା, ଶିକ୍ଷକ ଭୋଳାନାଥ ସିଂ ସମେତ ସମସ୍ତେ ବିଦାୟ ନେଉଥିବା ପ୍ରଧାନ ଶିକ୍ଷକ ନିରଜ ସାରଙ୍କର ତାଙ୍କର ଶିକ୍ଷାଦାନ ଓ ଉତ୍ତମ ବ୍ୟବହାର ଆମ ସମସ୍ତଙ୍କୁ ପ୍ରେରଣା ଦେଇଛି। ଏହି ପ୍ରେରଣା ଆମ ପାଇଁ ଆଗାମୀ ଦିନରେ ଭଲ ମଣିଷ ଓ ଉତ୍ତମ ଶିକ୍ଷକ ହେବାର ମାନବଳ ବଢ଼ାଇବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଏଥି ସହିତ ୧୦ମ ଶ୍ରେଣୀ ପିଲା ଛାତ୍ର ଛାତ୍ରୀ ମାନଙ୍କୁ ତଳ ଶ୍ରେଣୀର ପିଲାମାନେ ବିଦାୟ ଜଣାଇଛନ୍ତି। ବିଦାୟ ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ମନ ଲଗାଇ ପାଠ ପଢି ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେହାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଶିକ୍ଷୟତ୍ରୀ ରଶ୍ମିତା ଦାସ, ବୈଭାବି ପାଇକ ରାଏ, ପୂର୍ଣ୍ଣିମା ପରିଡ଼ା ଓ ଶୃତିରାଣି ବେହେରା ସହଯୋଗ କରିବା ସହିତ ଶିକ୍ଷକ ଦୀପକ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ମହାକୁମ୍ଭରେ ବୈଦିକ ମନ୍ତ୍ର ଜପ କରି ବିଶ୍ୱ ରେକର୍ଡ କଲେ ବିଦ୍ୱାନ

ମହାକୁମ୍ଭନଗର, ୧୬/୨ (ନି.ପ୍ର): ପ୍ରୟାଗରାଜ ମହାକୁମ୍ଭ ମେଳାରେ ଦିବ୍ୟ ଜ୍ୟୋତି ଜାଗ୍ରୁତି ସଂସ୍ଥାନ ଶିବିରରେ ୫୦୪ ବ୍ରହ୍ମଜ୍ଞାନୀ ବିଦ୍ୱାନ ଲଗାତର ବୈଦିକ ମନ୍ତ୍ର ଜପ କରି ରବିବାର ବିଶ୍ୱ ରେକର୍ଡ କରିଛନ୍ତି । ଏସିଆ ବୁକ୍ ଅଫ୍ ରେକର୍ଡସ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଟିମର ଅଧିକାରୀ ଜାଗ୍ରୁତି ସଂସ୍ଥାନକୁ ଏହାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ୨୦୨୫ ଜାନୁୟାରୀ ୧୪ରେ ମହାକୁମ୍ଭ ମେଳାର ଦିବ୍ୟ ଜ୍ୟୋତି ଜାଗ୍ରୁତି ସଂସ୍ଥାନ ଶିବିରରେ ଏହି ବ୍ରହ୍ମଜ୍ଞାନୀ ବେଦପାଠୀମାନେ ବିନା ରହି ବୈଦିକ ମନ୍ତ୍ର ପାଠ କରିଥିବାର ଲକ୍ଷଲକ୍ଷ ଲୋକେ କେବଳ ଦେଖିନଥିଲେ, ଶୁଣିନଥିଲେ । ଏହି ଦିବ୍ୟ ଆଧାତ୍ମିକ ପରମ୍ପରାକୁ ଶିବିରକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତ ଦେଖି ଚକିତ ହୋଇପଡିଥିଲେ ।

## ‘ସିନ୍ଧୁଜା’ର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୧୬/୨ (ନି.ପ୍ର): ମାସିକ ପତ୍ରିକା ‘ସିନ୍ଧୁଜା’ର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶନିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ‘ସମକାଳୀନ ସାମାଜିକ-ଅର୍ଥନୈତିକ ପ୍ରେକ୍ଷାପଟ୍ଟରେ ମହିଳାଙ୍କ ଭୂମିକା’ ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅକ୍ଷୟ ସ୍ୱାଇଁଙ୍କ ଦୁଇଟି ପୁସ୍ତକ ‘ସୁମିତ୍ରା ଯାହା ଜାଣେ ନାହିଁ’ (ଲଘୁ ଗଳ୍ପ ସଂକଳନ) ଓ ଅନୁବାଦ ପୁସ୍ତକ ‘କଥା ଭାରତୀ’ ଲୋକାର୍ପିତ ହୋଇଥିଲା । ଏହା ଛଡା ଡ. ମାଧବ ବେହୁରାଙ୍କ ସଂପାଦିତ ଗଳ୍ପ ପୁସ୍ତକ ‘ଗଳ୍ପ ସିନ୍ଧୁଜା’ ଉନ୍ମୋଚିତ ହୋଇଥିଲା । ବରିଷ୍ଠ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ‘ସିନ୍ଧୁଜା’ର ବାର୍ଷିକ ଉତ୍ସବରେ ଅତିଥିମାନେ ମହିଳାଙ୍କ କାର୍ଯ୍ୟଦକ୍ଷତା ଆଲୋକପାତ କରିଥିଲେ । ଅଧ୍ୟାପକ ସନ୍ତୋଷ ତ୍ରିପାଠୀ, ସମାଜସେବୀ ଅନୁରାଧା ମହାନ୍ତି, ମନୋରଂଜନ ମିଶ୍ର ଓ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ‘ସିନ୍ଧୁଜା’ର ସମ୍ପାଦିକା ଶର୍ମିଳା ସାହୁ ବିବରଣୀ ପାଠ କରିଥିବା ବେଳେ ଡ. ମାଧବ ଚନ୍ଦ୍ର ବେହୁରା ସ୍ୱାଗତ ଭାଷଣ ଦେଇଥିଲେ । ରଶ୍ମିତା ବେହେରା ସଂଯୋଜନା କରିଥିବା ବେଳେ ମୂରଲୀଧର ସ୍ୱାଇଁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଦେବେନ୍ଦ୍ର କୁମାର ବେହେରାଙ୍କୁ ସିନ୍ଧୁଜା ସେବା ସମ୍ମାନ,ଡ. ଜ୍ୟୋତିପ୍ରକାଶ ମହାପାତ୍ରଙ୍କୁ ସିନ୍ଧୁଜା କର୍ପୋରେଟ ସମ୍ମାନ, ରୁମଝୁମ ନାୟକଙ୍କୁ ସିନ୍ଧୁଜା ଗଳ୍ପ ସମ୍ମାନ, ଦେବପ୍ରିୟ ପ୍ରୀୟଦର୍ଶୀଙ୍କୁ ସିନ୍ଧୁଜା କବିତା ସମ୍ମାନ ଓ ଡ. ଶୁଭଦର୍ଶିନୀ ପରିଡାଙ୍କୁ ସିନ୍ଧୁଜା ପ୍ରବନ୍ଧ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ରାଜଧାନୀର ବିଚ୍ ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଭୁବନେଶ୍ୱର, ୧୬/୨ (ନି.ପ୍ର): ରାଜଧାନୀରେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ବିଚ ରାସ୍ତାରେ ଯୁବତୀଙ୍କୁ ହଇରାଣ କଲେ ଯୁବକ। ସକାଳୁ ଅଫିସ ଯାଉଥିବା ବେଳେ ଯୁବକ ଜଣଙ୍କ ଅସଦାଚରଣ କରିଥିଲେ । ଓଢଣୀ ଟାଣିବା ସହ ଟଣା ଓଟରା କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ଯୁବତୀ । ଯୁବତୀ ଜଣଙ୍କ ପୋଲିସ କଣ୍ଟ୍ରୋଲ ରୁମରେ କାମ କରୁଥିବା ସୂଚନା ମିଳିଛି । ସିସିଟିଭିରେ କଏଦ ହୋଇଛି ଘଟଣା ପୂର୍ବର ଚିତ୍ର । ମଞ୍ଚେଶ୍ୱର ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

## ୪୬ତମ ବୃହତ୍ ବନ୍ଦର ଫୁଟବଲ ଉଦ୍ଯାପିତ: ପାରାଦ୍ୱୀପ ବନ୍ଦର ଚାମ୍ପିଅନ




ପାରାଦ୍ୱୀପ , ୧୬/୨ (ନି.ପ୍ର): ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ଆୟୋଜିତ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ପାରାଦୀପ ବନ୍ଦର ଭିଓ ଚିଦାମ୍ବରନାର ବନ୍ଦରକୁ ପେନାଲ୍ଟୀ ଶୁଟ ଆଉଟ୍ ବଳରେ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନ ହୋଇଛି । ନିର୍ଦ୍ଧାରିତ ସମୟ ମଧରେ କୌଣସି ଦଳ ଗୋଲ ଦେଇ ନପାରିବାରୁ ପେନାଲ୍ଟି ସୁଟ ଆଉଟ୍ କରାଯାଇଥିଲା । ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି ଏନ୍ ଶୋଭିଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧକ୍ଷ ପି ଏଲ ହରନାଧ ବିଜୟୀ ଓ ରନର୍ଅସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଶ, ସିଏମଇ ସୁଶିଲ ନାହାକ, ସି ଆଇଏସଏଫ୍ କମାଣ୍ଡାଟ ଅକ୍ଷିତ୍ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ସର୍ବପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉଲ୍ଲେଖନୀୟ ଏହିକି ଏହି ବର୍ଷ ବନ୍ଦର ସେବାରୁ ଅବସର ଗ୍ରହଣ କରୁଥିବା ବିଭିନ୍ନ ବନ୍ଦରର ଫୁଟବଲ ଖେଳାଳୀ ମାନଙ୍କୁ ପାରାଦୀପ ବନ୍ଦର ତରଫରୁ ସମ୍ମାନିତ କରାଯାଇଥିଲା । ସମ୍ପାଦକ ରଞ୍ଜନ ରଶ୍ମି ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଫୁଟବଲ କୋଚ ରବି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଶିକ୍ଷା ହିଁ ସଭ୍ୟତା ବିକାଶର ମୂଳ ମନ୍ତ୍ର ଅଟେ

ବାଲେଶ୍ୱର, ୧୬/୨ (ନି.ପ୍ର): ଖୁଆଡ଼ ସ୍ଥିତ ବିବେକାନନ୍ଦ ଶିଶୁ ମନ୍ଦିରର ଏକାଦଶ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱରର ରାଜ୍ୟ ସମ୍ପଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲା ମାନଙ୍କ ମଧରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନେ ଉପଯୁକ୍ତ ଶିକ୍ଷା ଏବଂ ସଂସ୍କାର ଭରି ଦେବା ଆବଶ୍ୟକ ବୋଲି କହିଥିଲେ । ବରିଷ୍ଠ ଶିକ୍ଷା ବିତ କିଶୋର ଗାନ୍ଧୀ ଯୋଗ ଦେଇ ପିଲାମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ଦାସଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ସଦସ୍ୟ ମାନସ ରଞ୍ଜନ ଜେନା ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ଭାବେ ଶଶାଙ୍କ ଶେଖର ଜେନା, ଶିକ୍ଷା ପରିଷଦ ସଦସ୍ୟ ସୁରଜ କୁମାର ବାରିକ,ବରିଷ୍ଠ ସଦସ୍ୟ ବୀରକିଶୋର ଦାସ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥଲେ। ପ୍ରାରମ୍ଭ ରେ ଅନୁଷ୍ଠାନର ପ୍ରସନ୍ନ କୁମାର ଦାସ ଅନୁଷ୍ଠାନ ଗଠନର ଆଭିମୁଖ୍ୟ ସହ ଅନୁଷ୍ଠାନର ନାନା ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଦସ୍ୟ ମାନସ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥଲେ । କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହା ପରେ ପିଲାମାନଙ୍କ ଦ୍ୱାରା କୌତୁକ ବେଶ, ନାଚ, ଗୀତ, ନାଟକ ଆଦି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଏହି ଉତ୍ସବକୁ ଗୁରୁମା କାଞ୍ଚନ ପାତ୍ର, ଅମ୍ରିତା ଚକ୍ରବର୍ତ୍ତୀ ଗୁରୁଜୀ ମନୋରଞ୍ଜନ ବେହେରା, ରାଜୀବ ଦତ୍ତ ମାନେ ପରିଚାଳନା କରିଥିଲେ।



## କିଡ଼ନୀ ଅପେରସନ ପାଇଁ ମେ ଆଇ ହେଲ୍ପ ୟୁ ସଂଗଠନର ସହାୟତା



ଜଳେଶ୍ୱର, ୧୬/୨ (ନି.ପ୍ର): ଦୁଃଖ ଏମିତି ଏକ ଶବ୍ଦ ଯାହା ସଭିଙ୍କୁ କଷ୍ଟ ଦିଏ। ବିଶେଷ କରି ସମାଜରେ ଗରିବ ଦିନ ମଜୁରିଆ ମାନଙ୍କୁ ଅତ୍ୟନ୍ତ କୋଠାରଘାତ କରାଇ ଥାଏ।ତାହା ସହ ଯଦି ସେଇ ଗରିବ ର କାହାର କିଛି ରୋଗ ହୁଏ ତା ହେଲେ ସେହି ପରିବାର ପୁରା ଦୁଃଖ କଷ୍ଟ ପାଇଁ ଅତ୍ୟନ୍ତ ତଳି ତଳାନ୍ତ ହୋଇ ଯାଆନ୍ତି।ଏମିତି ଏକ ଦୁଃଖୀ ପରିବାରର ଦୁଃଖ ଆସିଛି ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ନିମପୁର ଗ୍ରାମର ଗୋଟିଏ ଅସହାୟ ପରିବାର ଶଶୀକାନ୍ତ ବେହେରାଙ୍କ। ଦୁଇଟି କିଡ଼ନୀ ନଷ୍ଟ ହୋଇ ଯାଇଛି।କିଡ଼ନୀ କୌଣସି ପ୍ରକାର ନ ମିଳିବାରୁ ପିତା ସୁରେନ୍ଦ୍ର ନାଥ ବେହେରା (୭୪) ବର୍ଷ କିଡ଼ନୀ ନିଜ ପୁତ୍ରକୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଦେଉଛନ୍ତି। ଘରେ କେବଳ ବୃଦ୍ଧ ମାତା ପିତା ଏକ ମାତ୍ର ରୋଜଗାରିଆ ପୁତ୍ର ଆଜି ବିଛଣାସଜା ଛୋଟ ପାନ ଦୋକାନ ଟିଏ କରି ପରିବାର ଚଳୁଥାଏ ତାହା ବି ଆଜି ବନ୍ଦ ହୋଇ ରହିଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ପାଖା ପାଖି ତିରିଶ ଲକ୍ଷ ଟଙ୍କା ଆବଶ୍ୟକ ଅପେରସନ ପାଇଁ।ଏହି ଖବର ପ୍ରଚାରିତ ହେବା ପରେ ଜଳେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର ପାଖରେ ପହଁଚିବା ପରେ ସଂଗଠନ ମୁଖ୍ୟ ଜଗନ୍ନାଥ ପରିଡ଼ାଙ୍କ ସହଯୋଗରେ ଏହି ପରିବାର କୁ ୫୫୦୦ ଟଙ୍କା ଆର୍ଥିକ ସାହାଯ୍ୟ କରିଛନ୍ତି । ଏବଂ ଜଳେଶ୍ୱର ପୌରପାଳିକାର କାଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଯୁକ୍ତ ହେମନ୍ତ କୁମାର ସିଂ ଏହି ପରିବାର ପହଂଚି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ସହିତ କିପରି ଏହି ପରିବାର ଅଧିକରୁ ଅଧିକ ସାହାଯ୍ୟ ମିଳିପାରିବ ସେଇ ବିଷୟରେ ଲୋକଙ୍କୁ ନିବେଦନ କରିଛନ୍ତି। ଏହି କାଯ୍ୟକ୍ରମରେ ସଂଗଠନ ତରଫରୁ ନରହରି ବେହେରା, ଶିବ ସୁନ୍ଦର ଜେନା, ଅମିତ ଦାସ,ଜୟ ପ୍ରକାଶ ବେହେରା, ମଧୁସ୍ମିତା ଦାସ, ଅଜୟ ଘୋଷ, ହରେକୃଷ୍ଣ ଜେନା, କାହ୍ନୁ ବେହେରା ମେମ୍ବର ମାନେ ଉପସ୍ଥିତ ରହି ସହଯୋଗ ହାତ ବଢାଇବା ସହିତ ଅନ୍ୟ ମାନଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ଜାତୀୟ ଆଲୋଚନାଚକ୍ର




ବାରିପଦା , ୧୬/୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ଦ୍ୱାରା ଏକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ‘ଏକ୍ସ୍ପ୍ଲୋରିଙ୍ଗ ୱାଣ୍ଡରସ୍ ଅଫ୍ ଜିଓଲୋଜି‘ ଶୀର୍ଷକ ଏହି ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଉଦଘାଟନୀ ଅଧିବେଶନରେ ଅଧକ୍ଷତା କରିଥିଲେ । ପ୍ରଫେସର ତ୍ରିପାଠୀ ନିଜ ବକ୍ତବ୍ୟରେ ଭୂତତ୍ତ୍ୱ ହେଉଛି ସମସ୍ତ ବିଜ୍ଞାନ ବିଷୟର ମୌଳିକ ବିଷୟ କାରଣ ବ୍ରହ୍ମାଣ୍ଡର ଉତ୍ପତ୍ତିଠାରୁ ଆରମ୍ଭ କରି ପୃଥିବୀରେ ଖଣିଜ ପଦାର୍ଥର ଆବିର୍ଭାବ ପର୍ଯ୍ୟନ୍ତ ସବୁଥିରେ ଭୂତତ୍ତ୍ୱ ବିଜ୍ଞାନର ଅବଦାନ ରହିଛି ବୋଲି ମତପ୍ରକାଶ କରିଥିଲେ । ଆଇଆଇଟି ଖଡଗପୁରର ଭୂତତ୍ତ୍ୱ ଏବଂ ଭୂ-ଭୌତିକ ବିଭାଗର ପ୍ରଫେସର ମୃଗାଙ୍କ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମସାମୟିକ ଭୂତାତ୍ତ୍ୱିକ ଗବେଷଣା ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ ଏବଂ ଖଣିଜ ଅନୁସନ୍ଧାନ, ଭୂ-ବିପଦ ଏବଂ ସ୍ଥାୟୀ ପରିଚାଳନାରେ ଉଦୀୟମାନ ଧାରା ଉପରେ ଆଲୋକପାତ କରିଥିଲେ । କୋଲକାତାର ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ପୂର୍ବତନ ଉପ-ମହାନିର୍ଦ୍ଦେଶକ ଡକ୍ଟର ଶୁଭ୍ରାଂଶୁ ଭୂଷଣ ରାୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ତାଙ୍କର ଅଭିଜ୍ଞତା ଦ୍ୱାରା ଭାବ ବିନିମୟ କରିଥିଲେ । ଆଲୋଚନାଚକ୍ରର ସଂଯୋଜିକା ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଲୋଚନାଚକ୍ରର କାର୍ଯ୍ୟକାରୀ ସମ୍ପାଦକ ତଥା ବିଭାଗୀୟ ଅଧ୍ୟାପକ ଡ. ଦେବାଶିଷ ସିଂ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକାରୀ ସମ୍ପାଦିକା ତଥା ବିଭାଗୀୟ ଅଧ୍ୟାପିକା ଡ. ସୁଶ୍ରୀ ସାଗରିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ମହାପାତ୍ର, ଇସ୍ପାତ ଏବଂ ଖଣି ବିଭାଗର ଅବସରପ୍ରାପ୍ତ ଭୂତତ୍ତ୍ୱ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ରମାକାନ୍ତ ମହାନ୍ତ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ. ଅସୀମ ଅମିତାଭ ପ୍ରଧାନ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ପରିବେଶଗତ ଆହ୍ୱାନ, ସମ୍ବଳ ସଂରକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତିରେ ଭୂତତ୍ତ୍ୱର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଉଦ୍ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ । ଏହି ଆଲୋଚନାଚକ୍ରର ଅଂଶଗ୍ରହଣକାରୀ ମାନେ ସୀତାକୁଣ୍ଡ ଓ ବାଲିଡିହା ଡ୍ୟାମ୍ କ୍ଷେତ୍ର ପରିଦର୍ଶନ କରିଥିଲେ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଡ଼କ ସୁରକ୍ଷା ନିମିତ୍ତ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୧୬/୨ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଭଦ୍ରକ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷା ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ସିନ୍ଦୋଳ ପଞ୍ଚାୟତ ହାଇସ୍କୁଲ, ତିହିଡ଼ି, ଭଦ୍ରକଠାରେ ଅନୁଷ୍ଠିତ ହୋଇଯାଇଅଛି। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ପରେ ସଚେତନତା କାର୍ଯ୍ୟକ୍ରମ ସଡ଼କସୁରକ୍ଷା ତଥା ଏମ.ଭି.ଆକ୍ଟ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ମଧ ନିଜର ବକ୍ତୃତା ମାଧମରେ ସଡ଼କ ନିରାପତ୍ତା ସମ୍ବନ୍ଧିୟ ତଥ୍ୟ ନିଜେ ବକ୍ତବ୍ୟ ମାଧମରେ ଉପସ୍ଥିତ ଥିବା ଅତିଥି ଓ ଛାତ୍ରଛାତ୍ରୀମାନଙ୍କୁ ଅନେକ ମହତ୍ତ୍ୱପୂର୍ଣ୍ଣ କଥାବ୍ୟକ୍ତ କରିଥିଲେ। ନେହା ଅଗ୍ରୱାଲ ସଚିବ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ସେମାନଙ୍କ ମଧ୍ୟରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ସୁପ୍ରକାଶ ମହାନ୍ତି, ସବ୍ ଇନ୍‌ସ୍ପେକ୍ଟର, ପିରହାଟ ଥାନା, ଭଦ୍ରକ ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ସହାୟକ ଏଲ୍.ଏ.ଡି.ସି.ଏସ୍. ଭଦ୍ରକ, ବିଶ୍ୱନାଥ ପଣ୍ଡା ପ୍ରଧାନ ଶିକ୍ଷକ, ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ସିନ୍ଦୋଳ ପଞ୍ଚାୟତ ବିଦ୍ୟାପୀଠ, ତିହିଡ଼ି, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida